

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୩୧ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 31 AUGUST 2021
Vol.No. 32 ■ No. 222 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଯିଏ ଦଳ ଛାଡିବାକୁ ଚାହୁଁଛନ୍ତି ଚାଲିଯାନ୍ତୁ : କଂଗ୍ରେସ ପ୍ରଭାରୀ

ଭୁବନେଶ୍ୱର,୩୦/୦୮ (ନି.ପ୍ର): ଦଳରେ ବିଦ୍ରୋହୀ ସଦସ୍ୟଙ୍କୁ ଦଳ ଛାଡି ଯିବାକୁ କଡା ଭାଷାରେ କହିଛନ୍ତି ଓଡ଼ିଶା କଂଗ୍ରେସ ପ୍ରଭାରୀ ଏ. ଚେଲ୍ଲାକୁମାର। ମଙ୍ଗଳବାର ଠାରୁ ଆରମ୍ଭ ହେବାକୁ ଥିବା କଂଗ୍ରେସର ଦୁଇ ଦିନିଆ ବୈଠକରେ ଯୋଗ ଦେବା ପାଇଁ ଆଜି ଭୁବନେଶ୍ୱରରେ ପହଂଚିବା ପରେ ଏଭଳି କହିଛନ୍ତି ଚେଲ୍ଲାକୁମାର। ଦଳ ମଧ୍ୟରେ କନ୍ଦଳକୁ ନେଇ ଗଣମାଧ୍ୟମର ପ୍ରଶ୍ନରେ ସେ କହିଛନ୍ତି ଯେ ଯେଉଁମାନେ ଦଳ ଛାଡି ଚାଲିଯିବାକୁ ଚାହୁଁଛନ୍ତି ସେମାନେ ଯାଆନ୍ତୁ । ସେମାନେ ଗଲା ପରେ ବି ଅନେକ ଲୋକ ଆସି କଂଗ୍ରେସରେ ଯୋଗଦେବେ । ଯେଉଁମାନେ କଂଗ୍ରେସ ଛାଡ଼ି ଚାଲିଯିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ଦ୍ୱାର ସବୁବେଳେ ଖୋଲା ଅଛି। ସେ ଆହୁରି କହିଛନ୍ତି ଯେ କଂଗ୍ରେସ ଦଳର ମୂଳଦୁଆ କେହି



ଜଣେ କି ଦୁଇ ଜଣ ବ୍ୟକ୍ତି ନୁହେଁ। କଂଗ୍ରେସ ସବୁବେଳେ ବିଚାର ଧାରାକୁ ନେଇ ଚାଲିଆସିଛି ଏବଂ ଚାଲିବ। ଯଦି ଦଳରେ କେହି ବିଶୃଙ୍ଖଳା କରନ୍ତି ତେବେ ଏହାକୁ ବରଦାସ୍ତ କରାଯିବନି । ସୂଚନା ଯୋଗ୍ୟ କିଛି ଦିନ ତଳେ ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି ରାଜ୍ୟ କଂଗ୍ରେସରେ ପିସିସି ନେତୃତ୍ୱକୁ ନେଇ ବର୍ଷିଥିଲେ। ଏପରିକି ସେ ସିଧାସଳଖ ପିସିସି ସଭାପତିଙ୍କୁ ମଧ ଟାର୍ଗେଟ କରିଥିଲେ। ଦଳର ନେତା ତଥା ସାଂସଦଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ଆଗାମୀ ପଂଚାୟତ ନିର୍ବାଚନ ଓ ପୌର ନିର୍ବାଚନ ନେଇ ଦଳର ଯେଉଁ ରଣନୀତି ବୈଠକ ହୋଇଥିଲା, ସେଥିରେ ମଧ ବିଧାୟକ ତାରା ପ୍ରସାଦ ବାହିନୀପତି କିମ୍ବା ତାଙ୍କ ପତ୍ନୀ ତଥା କୋରାପୁଟ ଜିଲ୍ଲା ସଭାପତି ମିନାକ୍ଷୀ ବାହିନୀପତି ଯୋଗ ଦେଇନଥିଲେ। ତେବେ ଆଜି ତାରା ବାହିନୀପତି ତାଙ୍କ ଆଭିମୁଖ୍ୟ ପରିବର୍ତନ କରି ତାଙ୍କର ଓ ପିସିସି ସଭାପତିଙ୍କ ମଧ୍ୟରେ କୌଣସି ସମସ୍ୟା ନଥିବା କହିଥିଲେ ।

## ବିରୋଧୀ ଦଳ ନେତାଙ୍କୁ ଭେଟିଲେ ଅନୁସୂଚିତ ଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ଅଧକ୍ଷ

ଭୁବନେଶ୍ୱର,୩୦/୦୮ (ନି.ପ୍ର): ଭାରତୀୟ ଜନତା ପାର୍ଟି ଅନୁସୁଚିତ ଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ଅଧକ୍ଷ ଲାଲ୍ ସିଂହ ଆର୍ଯ୍ୟ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀରେ ଯୋଗ ଦେବା ପାଇଁ ଦୁଇ ଦିନିଆ ଓଡିଶା ଗସ୍ତରେ ଆସିଥିଲେ। ଏହି ଅବସରରେ ଶ୍ରୀ ଆର୍ଯ୍ୟ ମେଡିକାଲରେ ଚିକିତ୍ସିତ ହେଉଥିବା ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଂପର୍କରେ ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି । ଏଥିସହ କୋଭିଡ୍ ସଂକ୍ରମଣରେ ପ୍ରାଣ ହରାଇଥିବା ପାର୍ଟୀର ବରିଷ୍ଠ କାର୍ଯ୍ୟକର୍ତା ତଥା ଅନୁସୁଚିତ ଜାତି ମୋର୍ଚ୍ଚାର ରାଜ୍ୟ ସଂପାଦିକା ସ୍ୱର୍ଗତଃ ଶାନ୍ତିଲତା ସେଠୀଙ୍କ ବାସଭବନକୁ ଯାଇ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି ।

## ମାନବବାଦ ସଙ୍ଗଠନ ନାଁରେ ଫିଂଟୁଛି ଗୋଟିଏ ପରେ ଗୋଟିଏ ଗୁମର

# ସଙ୍ଗଠନରେ ସାମିଲ ନହେବାରୁ ତଡା ଖାଇଲେ ୬ ପରିବାର



ଭୁବନେଶ୍ୱର,୩୦/୦୮(ନି.ପ୍ର): ମାନସ ଦାସ ବିରୋଧରେ ଖୋଲିବାରେ ଲାଗିଛି ଗୋଟିଏ ପରେ ଗୋଟିଏ ଅପରାଧର ଫର୍ଦ୍ଦ । ମାନସଙ୍କ ମାନବବାଦ ସଂଗଠନରେ ସାମିଲ ନହେବାରୁ ଗାଁରୁ ତଡ଼ା ଖାଇଛନ୍ତି ୬ ପରିବାର । ଗାଁ ବାହାରେ ରହୁଛନ୍ତି ରମେଶ ନାୟକ, ସାଧୁ ନାୟକ, ଡମ୍ବରୁ ପ୍ରଧାନ, ଯୋଗୀ ପ୍ରଧାନ, ସର୍ବେଶ୍ୱର ପ୍ରଧାନ ଓ ଭୀମ ପ୍ରଧାନଙ୍କ ପରିବାର । ୨୦୧୪ ମସିହାରେ କାଜୁ ଜଙ୍ଗଲକୁ ନେଇ ଗଣ୍ଡଗୋଳ ହୋଇଥିଲା । ଘଟଣା ନେଇ ଖୋର୍ଦ୍ଧା ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ବି ସେତେବେଳେ ଚୁପ୍ ବସିଥିବା ଅଭିଯୋଗ ହୋଇଛି । ମାନବବାଦ ସଂଗଠନର ଆଇନ ଅନୁସାରେ ଯିଏ ସଂଗଠନରେ ସାମିଲ ନହେବ, ଏଭଳି କଷ୍ଟ ଭୋଗିବାକୁ ପଡିବ ବୋଲି ପୀଡ଼ିତ ପରିବାର ।

## ଆତଙ୍କୀଙ୍କ ରକେଟ୍ ମାଡକୁ ଆକାଶରେ ଅଚଳ କରିଦେଲା ଆମେରିକା

ନୂଆଦିଲ୍ଲୀ,୩୦/୦୮: ଦିନକ ପରେ ତାଲିବାନ ଆମେରିକାକୁ ଦେଇଥିବା ଡେଡ୍ ଲାଇନ ସରୁଛି । ଅଗଷ୍ଟ ୩୧ ପରେ କାବୁଲ ବିମାନ ବନ୍ଦର ଖାଲି କରିବାକୁ କଂଟ ଦେଇଥିଲା ଆଫଗାନର ନୂଆ ଶାସକ । ବିମାନ ବନ୍ଦରରେ ଛକାପଞ୍ଝା ଆରମ୍ଭ ହୋଇଛି ଓ କାବୁଲ ବିମାନ ବନ୍ଦରରେ ଆତଙ୍କବାଦୀ ଓ ଆମେରିକା ସୈନ୍ୟ ମୁହାଁମୁହିଁ ଅବସ୍ଥାରେ ଅଛନ୍ତି । ଆସନ୍ତାକାଲି ଅର୍ଥାତ ଅଗଷ୍ଟ ୩୧ ତାରିଖ ପରେ ଆମେରିକା କଣ କରିବ ତା ଉପରେ ବିଶ୍ୱ ସମୁଦାୟର ନଜର ରହିଛି । ରବିବାର ବିସ୍ଫୋରକ ଭର୍ତ୍ତି ଗାଡିକୁ ଡ୍ରୋନ ଆକ୍ରମଣ ଦ୍ୱାରା ଆମେରିକା ଧ୍ୱଂସ କରିବା ପରେ ସୋମବାର ସକାଳୁ ରକେଟ୍ ମାଡ କରିଥିଲେ ଆତଙ୍କବାଦୀ । ହେଲେ ଆତଙ୍କବାଦୀଙ୍କ ଏହି ଆକ୍ରମଣକୁ ପଣ୍ଡ କରିଦେଇଛି ଆମେରିକୀୟ ମିଜାଇଲ ଡିଫେନ୍ସ ବ୍ୟବସ୍ଥା । ଆତଙ୍କବାଦୀମାନେ ସକାଳୁ ସକାଳୁ କାବୁଲ ବିମାନବନ୍ଦରକୁ ଛାଡିଥିବା ୫ଟି ରକେଟକୁ ନିଷ୍କ୍ରିୟ କରିଛି ଆମେରିକା ସେନା ପକ୍ଷରୁ ଏୟାରପୋର୍ଟରେ ଲଗାଯାଇଥିବା ମିଜାଇଲ୍ ଡିଫେନ୍ସ ସିଷ୍ଟମ । ଫଳରେ ଏକ ବଡ ଅଘଟଣ ଟଳିଯାଇଛି ବୋଲି ପେଂଟାଗନ ପକ୍ଷରୁ କୁହାଯାଇଛି । କାବୁଲ ବିମାନବନ୍ଦରରେ ଆତ୍ମଘାତି ଆକ୍ରମଣରେ ପ୍ରାୟ ୨ଶହ ଲୋକଙ୍କ ଜୀବନ ଯିବା ପରେ ସତର୍କ ହୋଇଯାଇଛି ଆମେରିକା । ବିଶ୍ୱର ସବୁଠାରୁ ଦକ୍ଷ ଗୁଇନ୍ଦା ବ୍ୟବସ୍ଥା କୁହାଯାଉଥିବା ଆମେରିକା ଇଣ୍ଟେଲିଜେନ୍ସିର ତଥ୍ୟ ଆଧାରରେ ଆତଙ୍କବାଦୀଙ୍କ ସମସ୍ତ ଷଡଯନ୍ତ୍ରକୁ ପଣ୍ଡ କରିବାରେ ଲାଗିଛି । ଅଗଷ୍ଟ ୩୧ରେ ସରୁଛି ଆମେରିକାର ଆଫଗାନ ଡେଡଲାଇନ୍ । ଏଥିପାଇଁ ଉଦ୍ଧାର କାର୍ଯ୍ୟକୁ ଆମେରିକା ଜୋରଦାର କରିଛି । ଆମେରିକୀୟ ସେନା ସେମାନଙ୍କ ନିଜ ନିଜ ଜିନିଷ ଧରି ଏବେ ଘରକୁ ଫେରୁଛନ୍ତି । ହେଲେ, ପରସ୍ଥିତି ଜଟିଳ ଥିବାରୁ ଉଦ୍ଧାର କାର୍ଯ୍ୟରେ ବିଳମ୍ବ ହେଉଛି । ଏହାରି ଭିତରେ କାବୁଲ ଏୟାରପୋର୍ଟରେ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଛି ।

# ମାନବାଦ ସଂଗଠନ ମୁଖ୍ୟଙ୍କ ରାଜନୈତିକ ମହଲରେ ହେଉଥିଲା ଖାତିରଦାରୀ

ଭୁବନେଶ୍ୱର,୩୦/୦୮(ନି.ପ୍ର): ଯେଉଁ ବ୍ୟକ୍ତିର ଇଶାରାରେ ବୃଦ୍ଧ ବାପା ଓ ପୁଅକୁ ଏଭଳି ନିର୍ଯାତନା ଦିଆଯାଇପାରେ, ସେହି ବ୍ୟକ୍ତି ଆଗରେ ବଡ ବଡ ନେତା, ବିଧାୟକ, ସାଂସଦ ମୁଣ୍ଡ ନୁଆଁନ୍ତି ଏକଥା ବୋଧ ହୁଏ ସମସ୍ତେ ବିଶ୍ୱାସ କରିପାରିବେ ନାହିଁ । କିନ୍ତୁ ମାନବବାଦ ନାମକ ସଙ୍ଗଠନ ଚଳାଇ ଖୋର୍ଦ୍ଧା ବେଗୁନିଆ ଅଚଂଳରେ ଆତଙ୍କରାଜ କରୁଥିବା ମାନସ ଦାସକୁ ନେତା କେମିତି ମୁଣ୍ଡରେ ବସାନ୍ତି ତାର ପ୍ରମାଣ ଏବେ ଘୁରି ବୁଲୁଛି । ଏକ ସଭାରେ ମାନସ ଦାସର ଭୁରି ଭୁରି ପ୍ରସଂଶା କରୁଥିଲେ ପ୍ରସନ୍ନ ପାଟ୍ଟଶାଣୀ । ବେଗୁନିଆରେ ଗୁଣ୍ଡାଗିରି କରୁଥିବା ଏହି ବ୍ୟକ୍ତି ପୃଥିବୀର ସବୁଠୁ ଶ୍ରେଷ୍ଠ ଗୁରୁ ବୋଲି କହିଥିଲେ ପାଟ୍ଟଶାଣୀ । ଦେଖନ୍ତୁ ଏବେ କଣ କହୁଛନ୍ତି । ବିଜେଡି ସାଂସଦପ୍ରଶାନ୍ତ ନନ୍ଦ ମଧ ମାନସ ଦାସକୁ ମୁଣ୍ଡିଆ ମାରିବା ଘଟଣା ସୋଶିଆଲ ମିଡିଆରେ ଖୁବ ଭାଇରାଲ ହୋଇଛି । ଏହା ପରେ ଗଣମାଧମରେ ପ୍ରତିକ୍ରିୟା ରଖିଛନ୍ତି ପ୍ରଶାନ୍ତ ନନ୍ଦ । ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ବି ହାଜର ହେଉଛନ୍ତି ଏହି ଠକ ଗୁରୁଜୀଙ୍କ ଦରବାରରେ । ମାନସ ଦାସର ଗୋଡ ଛୁଇଁ ମୁଣ୍ଡିଆ ମାରୁଛନ୍ତି । ଏସବୁ ଦୃଶ୍ୟରୁ ଆପଣ ଅନୁମାନ କରିପାରୁଥିବେ, କାହିଁକି ଏତେ ଅଭିଯୋଗ ପରେ ବି ତା ବିରୋଧରେ କୌଣସି ପଦକ୍ଷେପ ନେଇ ପାରୁ ନାହିଁ ପୋଲିସ ।

## ରାଜ୍ୟରେ କରୋନାରେ ଆଉ ୬୭ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୩୦/୦୮ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬୭ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ତେବେ ଏହି ମୃତ୍ୟୁ ସଂଖ୍ୟା ରିଏଲ ଟାଇମ ନୁହେଁ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୭୯୦୧ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ କଟକ ଜିଲ୍ଲାରୁ ସର୍ବାଧିକ ୨୦ ଜଣ ଅଛନ୍ତି । ଅନୁଗୁଳ ଓ ଜଗତସିଂହପୁର ଜିଲ୍ଲାରୁ ୯ ଜଣ ଲେଖାଏ ମୃତ୍ୟୁବରଣ କରିଛନ୍ତି । ଖୋର୍ଧା ଜିଲ୍ଲାରୁ ୬ ଜଣ ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେହିପରି ଯାଜପୁରୁ ୪ ଜଣ ମୃତ୍ୟୁବରଣ କରିଥବା ବେଳେ ମୟୂରଭଞ୍ଜ କେନ୍ଦୁଝର ଓ କେନ୍ଦ୍ରାପଡ଼ା ଜିଲ୍ଲାରୁ ୩ ଜଣ ଲେଖାଏଁ କରୋନା ଆକ୍ରାନ୍ତଙ୍କ ପ୍ରାଣହାନି ଘଟିଛି । ଅପରପକ୍ଷରେ ଢେଙ୍କାନାଳ, ପୁରୀ, ବାଲେଶ୍ୱର ଏବଂ ଭଦ୍ରକ ଜିଲ୍ଲାରୁ ୨ ଜଣ ଲେଖାଏଁ ଓ କଳାହାଣ୍ଡି ଓ ସୁବର୍ଣ୍ଣପୁର ଜିଲ୍ଲାରୁ ଜଣେ ଲେଖାଏଁ ମୃତକ ଥିବା ଜଣାଯାଇଛି ।

# ହିନ୍ଦୁସ୍ତାନ ସହ ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ଚାହୁଁଛି ନୂଆ ଆଫଗାନ

ନୂଆଦିଲ୍ଲୀ,୩୦/୦୮: ତାଲିବାନି ମାନେ ଆଫଗାନିସ୍ତାନରେ ପ୍ରବେଶ କରିବା ପରେ ଆଫଗାନିସ୍ତାନରେ ଯେ କଣ ଘଟୁଛି ସାରା ବିଶ୍ୱ ଦେଖୁଛି । ଆତଙ୍କ ଓ ବର୍ବରତା ମଧରେ ରହୁଛନ୍ତି ଆଫଗାନ ବାସୀ । ଏହି ସମୟରେ ତାଲିବାନିମାନେ ନିଜର ବିଶ୍ୱ ଦରବାରରେ ନିଜର ଚିତ୍ରକୁ ପରିବର୍ତନ କରିବାକୁ ମଧ ଅନେକ ପ୍ରୟାସ କରୁଛନ୍ତି । ଆପଣମାନେ ଜାଣିଛନ୍ତି ଯେ ଭାରତ ୨୩ ହଜାର କୋଟିର ନିବେଶ କରିଛି ଆଫଗାନିସ୍ତାନରେ । ଭାରତ ଓ ଆଫଗାନିସ୍ତାନ ମଧରେ ଅନେକ ଜିନିଷର ଆମଦାନି, ରପ୍ତାନି ସହ ଅନେକ ବ୍ୟବସାୟିକ ସମ୍ପର୍କ ରହିଛି । ଏହି ସମୟରେ କିନ୍ତୁ ଆମଦାନି ରପ୍ତାନି ସହ ବ୍ୟବସାୟିକ ସମ୍ପର୍କ ଠପ ପଡିଛି । କିନ୍ତୁ ହଠାତ ତାଲିବାନ ଭାରତକୁ ବନ୍ଧୁତାର ଇସାରା ଦେଇଛି । ଏହି ସମୟରେ ଭାରତ ବିଷୟରେ ମତ ରଖିଛି



ତାଲିବାନ । ତାଲିବାନର ପ୍ରମୁଖ ନେତା ଶେର ମୋହମ୍ମଦ ଅବାସ ଭାରତ ସହ ବନ୍ଧୁତା ସ୍ଥାପନ ପାଇଁ ଇଚ୍ଛୁକ ଅଛନ୍ତି । ଶେର ମହମ୍ମଦ ଅବାସକୁ ତାଲିବାନିମାନେ ବିଦେଶ ମନ୍ତ୍ରୀ କରିପାରନ୍ତି ବୋଲି ଚର୍ଚ୍ଚା ମଧ ହେଉଛି । ଅବାସ ମତ ରଖିଛନ୍ତି ସାରା ବିଶ୍ୱ ସହ ଆମେ ଭଲ ସମ୍ପର୍କ ରଖିବାକୁ ଚାହୁଁଛୁ । ଅବାସ କହିଛନ୍ତି ଆଫଗାନିସ୍ତାନ ପୁନର୍ଗଠନରେ ସମସ୍ତ ଦେଶ ସହାୟତା କରିବା ଦରକାର । ତାଙ୍କ ମତରେ ତାଲିବାନ ଭାରତ ସହ ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ରଖିବାକୁ ଚାହୁଁଛି । ତା ସହ ତାଲିବାନ ପାକିସ୍ତାନ ସହ ମଧ ଭଲ ସମ୍ପର୍କ ଚାହାନ୍ତି । ପାକିସ୍ତାନ ସହ ମିଶି ତାଲିବାନ ଭାରତକୁ ଟାର୍ଗେଟ କରିବ ବୋଲି ଗୋଟିଏ ଚର୍ଚ୍ଚା ଜୋର ଧରିଛି ।

▶▶ପୃଷ୍ଠା ୭

# ଆମ ମଧରେ ଥିବା ସବୁ ସମସ୍ୟାର ସମାଧାନ ହୋଇଯାଇଛି : ତାରା

ଭୁବନେଶ୍ୱର,୩୦/୦୮ (ନି.ପ୍ର): ପିସିସି ସଭାପତିଙ୍କ ବିରୋଧରେ ବିଷୋଦଗାର ପରେ ନରମିଛନ୍ତି ବରିଷ୍ଠ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି। ରାଗିକି ସେ ପିସିସି ସଭାପତିଙ୍କୁ ଅଯୋଗ୍ୟ ସଭାପତି କହିଥିଲେ। ଏଥିସହ ନିରଂଜନଙ୍କୁ ସେ ତାଙ୍କର ବଡ ଭାଇ ବୋଲି କହିଛନ୍ତି। ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ନିର୍ବାଚନ ଲଢିବେ। ସେ କଂଗ୍ରେସରେ ଥିଲେ, ଦଳ ଛାଡିବେ ନାହିଁ। ପ୍ରଦୀପ ମାଝୀ, ସପ୍ତଗିରି ଉଲ୍ଲାକାଙ୍କ ସହ କଥା ହୋଇନଥିବା ସେ କହିଛନ୍ତି । ସେ କହିଛନ୍ତି, ରାଗ କ'ଣ ସବୁ ବେଳେ ରହେ। ଆମେ ସବୁବେଳେ ରାଗିଲେ ଆମକୁ ଲୋକ ଗ୍ରହଣ କରିବେ କି? ପିସିସି ସଭାପତିଙ୍କୁ ଅଯୋଗ୍ୟ ବୋଲି ମୁଁ ରାଗରେ କହି ଦେଇଥିଲି। ଅଭିମାନ କରି ତାଙ୍କୁ ସେମିତି କହି ଦେଇଥିଲି। ନିରଞ୍ଜନ ବାବୁ ହେଉଛନ୍ତି ମୋ ବଡ଼ ଭାଇ। ମୁଁ ତାଙ୍କ ସାନ ଭାଇ। ତାଙ୍କ ନେତୃତ୍ୱରେ ଦଳ ଆଗକୁ ଯିବ। ଗତକାଲି ରାଜ୍ୟ ପ୍ରଭାରୀ ଚେଲ୍ଲା କୁମାରଙ୍କ ସହିତ ମୁଁ ବହୁ ସମୟ ଧରି ଟେଲିଫୋନ୍ ଯୋଗେ ଆଲୋଚନା କରିଛି। ନିରଞ୍ଜନ ବାବୁଙ୍କ ସହିତ ବି ଆଜି ସକାଳେ ଫୋନ୍ ରେ ବହୁ ସମୟ ଧରି ଆଲୋଚନା କରିଛି। ଆମ ମଧରେ ଥିବା ସବୁ ସମସ୍ୟାର ସମାଧାନ ହୋଇଯାଇଛି। ସେହିଭଳି ଦଳ ଛାଡ଼ିବେ

▶▶ପୃଷ୍ଠା ୭

# ଆଜି ଆସିବ ସେପ୍ଟେମ୍ବର ଗାଇଡ୍ ଲାଇନ୍

ଭୁବନେଶ୍ୱର,୩୦/୦୮ (ନି.ପ୍ର): ଆଜି (ମଙ୍ଗଳବାର) ଆସିବ ସେପ୍ଟେମ୍ବର ମାସ ପାଇଁ କୋଭିଡ୍ ଗାଇଡ୍ ଲାଇନ୍ । ରାଜ୍ୟରେ ଦୈନିକ ସଂକ୍ରମଣ ହାର ଖସୁଥିବାରୁ ଆସନ୍ତାକାଲି କଟକଣା ଆହୁରି କୋହଳ ହେବା ନେଇ ଆଶାବାଦୀ ଅଛନ୍ତି ରାଜ୍ୟବାସୀ। କଟକ, ଭୁବନେଶ୍ୱର, ପୁରୀ ସହରରେ ସପ୍ତାହାନ୍ତ ସଟଡାଉନ୍ ଉଠିବା ସହ କଟକଣା ଅଧିକ କୋହଳ କରିବାକୁ ରାଜ୍ୟ ସରକାର ନିଷ୍ପତି ନେଇପାରନ୍ତି । ସେହିପରି ସକାଳ ୬ଟାରୁ ରାତି ୮ଟା ଯାଏଁ ଦୋକାନ ଖୋଲା ରହିବା ନିଷ୍ପତି ପରିବର୍ତନ କରି ଏହାକୁ ରାତି ୯ କିମ୍ବା ୧୦ ବଢାଯାଇପାରେ ।ଏହାସହ ଆଗକୁ ପାର୍ବଣ ଆସୁଥିବାରୁ ସ୍ୱତନ୍ତ୍ର ଗାଇଡ୍ ଲାଇନ ଆସିବ ବୋଲି ଅନୁମାନ କରାଯାଉଛି। ତେବେ ସମ୍ପୂର୍ଣ୍ଣ କୋହଳ ନୁହେଁ, କଟକଣା ଭିତରେ ନୂଆ ଗାଇଡ୍ ଲାଇନ୍ ଆଣିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି । ଗତ କିଛି ଦିନ ହେବ ଦୈନିକ ସଂକ୍ରମଣ କ୍ରମାଗତ ଭାବେ ହଜାରେ ତଳେ ରହୁଛି। ୬ଶହ ପର୍ଯ୍ୟନ୍ତ ମଧ୍ୟ ସଂକ୍ରମଣ ଖସୁଛି। ୧ ପ୍ରତିଶତ ତଳେ ଟିପିଆର । ଏବେବି ତୃତୀୟ ଲହର ଆଶଙ୍କା ଥିବାରୁ ସଂପୂର୍ଣ୍ଣ କଟକଣା କୋହଳ ସପକ୍ଷରେ ନାହାନ୍ତି ରାଜ୍ୟ ସରକାର। ପାର୍ବଣ ଯୋଗୁଁ ସଂକ୍ରମଣ ବଢିବା ଭୟ ଥିବାରୁ ସ୍ୱତନ୍ତ୍ର ଗାଇଡ୍ ?ଲାଇନ ଅଣାଯିବ । ଏହାରି ମଧ୍ୟରେ କଟକ, ଭୁବନେଶ୍ୱର ଓ ପୁରୀରୁ ସପ୍ତାହନ୍ତ ସଟ୍ ଡାଉନ୍ ଉଠାଇବା ସହ ନାଇଟ କର୍ଫ୍ୟୁ କୋହଳ କରିବାକୁ ଦାବି କରିଛି ଓଡ଼ିଶା ବ୍ୟବସାୟୀ ମହାସଂଘ। ମାର୍କେଟର ଯେଉଁ ସ୍ଥାନରେ ଗହଳି ହେଉଛି, ସେସବୁ ସ୍ଥାନରେ ସ୍ୱତନ୍ତ୍ର ନଜର ରଖିବାକୁ ସଂଘ ଦାବି କରିଛି। ତେବେ ରାତ୍ରିକାଳୀନ କଟକଣା ଜାରି ରହିବା ସହ ସାଂସ୍କୃତିକ, ଧାର୍ମିକ, ରାଜନୈତିକ କଟକଣା ଜାରି ରହିପାରେ । ଅନ୍ୟପଟେ କେତେକ ରାଜ୍ୟରେ ସଂକ୍ରମଣ ବଢୁଥିବାରୁ ପାର୍ବଣ ପାଇଁ କଟକଣା ରହିବ । ଅଧିକ ଲୋକ ଏକାଠି ନହେବା ନେଇ କଟକଣା ଜାରି କରିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି ।

# ଛାତ୍ରଛାତ୍ରୀଙ୍କୁ ସ୍ନାତକ ଶେଷ ସେମିଷ୍ଟାରର ମାର୍କସିଟ୍ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ପତ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୩୦/୦୮ (ନି.ପ୍ର): ଓଡ଼ିଶାରେ ସ୍ନାତକ(ୟୁଜି) ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ କଲ୍ୟାଣ ଏବଂ କ୍ୟାରିୟରକୁ ଦୃଷ୍ଟିରେ ରଖି ସ୍ନାତକ ଶେଷ ସେମିଷ୍ଟାରର ପରୀକ୍ଷାର ଫାଇନାଲ ମାର୍କସିଟ୍ କିମ୍ବା ପ୍ରୋଭିଜିନାଲ ମାର୍କସିଟ୍ ଶୀଘ୍ର ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଅଗଷ୍ଟ ମାସର ପ୍ରଥମ ଓ ଦ୍ୱିତୀୟ ସପ୍ତାହରେ ଛାତ୍ରଛାତ୍ରୀମାନେ ଅନଲାଇନ୍ ମାଧମରେ ୟୁଜି ଷଷ୍ଠ ସେମିଷ୍ଟାର ପରୀକ୍ଷା ଦେଇଥିଲେ । ଏହାର ଫଳାଫଳ ପ୍ରକାଶ ପାଇନଥିବାରୁ ଛାତ୍ରଛାତ୍ରୀମାନେ କଲେଜ୍ ଏବଂ ଓଡ଼ିଶା ଶିକ୍ଷା ବିଭାଗର ଅଧିକାରୀଙ୍କୁ ଏ ନେଇ ଦୃଷ୍ଟି ଆକର୍ଷଣ କରିଥିଲେ । ଏହା ସତ୍ତ୍ୱେ ଏପର୍ଯ୍ୟନ୍ତ ସେମାନଙ୍କୁ ପ୍ରୋଭିଜିନାଲ ମାର୍କସିଟ୍ ଦିଆଯାଇନାହିଁ। ଅନେକ



ବିଶ୍ୱବିଦ୍ୟାଳୟରେ ନାମ ଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ପରୀକ୍ଷା ଫଳ ପ୍ରକାଶ ପାଇବା ନେଇ ପରୀକ୍ଷାର୍ଥୀମାନେ ଆଶା ଆଶଙ୍କାରେ ରହିଛନ୍ତି । ପୂର୍ବରୁ ପ୍ରୋଭିଜିନାଲ ମାର୍କସିଟ୍ ମଧ୍ୟ ନ ମିଳିବା କାରଣରୁ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଉପରେ ଏହାର ପ୍ରଭାବ ପଡିବାର ଆଶଙ୍କା କରାଯାଉଛି। ପରୀକ୍ଷା ଫଳ ପ୍ରକାଶ ପାଇନଥିବାରୁ ଅନେକ ଛାତ୍ରଛାତ୍ରୀମାନେ ମିଜୋରାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଭାରଥିଆର ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବାରୁ ବଂଚିତ ହୋଇଛନ୍ତି। ମୁମ୍ବାଇ ବିଶ୍ୱବିଦ୍ୟାଳୟ, କୁମାଁଉ ବିଶ୍ୱବିଦ୍ୟାଳୟ ଭଳି ଅନେକ ବିଶ୍ୱବିଦ୍ୟାଳୟରେ ଆଡ଼ମିସନ ତାରିଖ ନିକଟବର୍ତୀ ହେଉଥିବାରୁ ଛାତ୍ରଛାତ୍ରୀମାନେ ନେଇ ଦ୍ୱନ୍ଦରେ ଅଛନ୍ତି। ଏହାସହ ରାଜ୍ୟ ବାହାରେ ଅଫଲାଇନ ମାଧ୍ୟମରେ ହେଉଥିବା ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରୁ ମଧ୍ୟ ବଂଚିତ ହେଉଛନ୍ତି। ଏ ସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବ୍ୟକ୍ତିଗତ ହସ୍ତକ୍ଷେପ କରି ଛାତ୍ରଛାତ୍ରୀଙ୍କୁ ଷଷ୍ଠ ସେମିଷ୍ଟାର ପରୀକ୍ଷା ଫଳର

▶▶ପୃଷ୍ଠା ୭

# ହିଞ୍ଜିଳିର ସମସ୍ତ ୫୦ଟି ରୂପାନ୍ତରିତ ସରକାରୀ ସ୍କୁଲ ଲୋକାର୍ପିତ

## ପିଲାମାନଙ୍କୁ ସଫଳ ହେବା ପାଇଁ ଶୁଭେଚ୍ଛା ଓ ଆଶୀର୍ବାଦ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦/୦୮ (ନି.ପ୍ର): ହିଞ୍ଜିଳିର ସମସ୍ତ ୫୦ଟି ରୂପାନ୍ତରିତ ସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି। ସୋମବାର ପଂଚମ ଓ ଶେଷ ପର୍ଯ୍ୟାୟରେ ସେ ଆଉ ୧୦ଟି ସ୍କୁଲକୁ ଆଜି ଲୋକାର୍ପିତ କରିଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ସବୁ ଛାତ୍ରଛାତ୍ରୀ ମାନଙ୍କୁ ଜୀବନରେ ସଫଳ ହେବା ପାଇଁ ଶୁଭେଚ୍ଛା ଓ ଆଶୀର୍ବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ହିଞ୍ଜିଳି ଓ ଶେରଗଡରେ ୫ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ସେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କ ସହିତ କଥା ହୋଇଛନ୍ତି। ସେମାନଙ୍କ ମନୋଭାବକୁ ଲକ୍ଷ୍ୟ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପିଲାମାନଙ୍କ ମଧ୍ୟରେ ଏ ରୂପାନ୍ତର କାର୍ଯ୍ୟକ୍ରମ ଦୃଢ ଆତ୍ମବିଶ୍ୱାସ ସୃଷ୍ଟି କରିଛି ବୋଲି ସେ ଅନୁଭବ କରିଛନ୍ତି। ଏହି ନୂଆ ପରିବେଶ ପିଲାମାନଙ୍କ ମନରେ ମଧ ଏକ ରୂପାନ୍ତର ଆଣିପାରିଛି ବୋଲି ସେ କହିଥିଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଥିଲେ । ପିଲାମାନଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଲେ ଯେ ତୁମ ମାନଙ୍କ ଉପରେ ମୋର ପୁରା ଭରସା ଅଛି । ତୁମେ ମାନେ ଦିନେ ବଡ ହେବ ଓ ଭଲ କାମ କରି ଓଡିଆ ଜାତିର ଗୌରବ

▶▶ପୃଷ୍ଠା ୭

## ନିଖିଳ ଭାରତ ସ୍ୱାୟତ୍ତଶାସନ ଦିବସ ପାଳନ ଅବସରରେ

## ବାଲେଶ୍ୱର ପୌରପାଳିକା

**ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।**

**ତା. ୩୧.୦୮.୨୦୨୧ (ମଙ୍ଗଳବାର)**

**ବାଲେଶ୍ୱର ସହରର ସର୍ବାଙ୍ଗୀନ ବିକାଶ ଆମର ଲକ୍ଷ୍ୟ**

୧- ପୌର ସମ୍ପତ୍ତି ଆପଣମାନଙ୍କ ସମ୍ପତ୍ତି । ଏହାର ରକ୍ଷଣା ବେକ୍ଷଣ ଦାୟିତ୍ୱ ଆପଣଙ୍କର ।
୨- ରାସ୍ତା, ଛୋଟ, ବଡ଼ ଓ ଡ୍ରେନରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ।
୩- ସରକାରୀ ଜମି କିମ୍ବା ରାସ୍ତା ଅବରୋଧ କରି ସର୍ବସାଧାରଣ ଯାତାୟତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ ।
୪- ପୌରକର୍ମଚାରୀମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ପାଳନରେ ସହାୟତା କରନ୍ତୁ ।
୫- ସର୍ବସାଧାରଣ ରାସ୍ତାଘାଟରେ ଗୃହପାଳିତ ପଶୁମାନଙ୍କୁ ଛାଡ଼ି ଜନସାଧାରଣ ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି କରନ୍ତୁ ନାହିଁ ।
୬- ଗୃହ ନିର୍ମାଣ ପୂର୍ବରୁ ପୌରପାଳିକାରୁ ନକ୍ସା ଅନୁମୋଦନ କରାଇ ନିଅନ୍ତୁ ।
୭- ଜଳ ନିଷ୍କାସନ ଡ୍ରେନରେ କରନ୍ତୁ ଓ ରାସ୍ତାକୁ ସଫା ରଖନ୍ତୁ ।
୮- ନିୟମିତ ଘର ଟିକସ, ଦୋକାନ ଲାଇସେନ୍ସ ଫି ଓ ପୌରପାଳିକା ଦୋକାନ ଗୃହ ଭଡ଼ା ପଇଠ କରି ପୌରପାଳିକା ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।
୯- ପଲିଥିନ ଓ ଥର୍ମୋକୁଲ ବ୍ୟବହାର ନ କରି ପରିବେଶ ପ୍ରଦୂଷଣ ମୁକ୍ତ କରନ୍ତୁ ।
୧୦- ନିଜ ବାସଗୃହ ପରିସରକୁ ସଫା ରଖି ଡେଙ୍ଗୁ ଚିକୁନଗୁନିଆ ଆଦି ରୋଗ ପ୍ରତି ସତର୍କ ରୁହନ୍ତୁ ।
୧୧-ପ୍ରାତକାଳ ରାସ୍ତା ସଫେଇ ପରେ ରାସ୍ତାରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ କିମ୍ବା ପିଚୁ ରାସ୍ତାରେ ପାଣି ପକାଇ ଓଦା କରନ୍ତୁ ନାହିଁ ।
୧୨- ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ଆପଣଙ୍କ ସାହାଯ୍ୟ ଓ ସହଯୋଗ ସଦାସର୍ବଦା ଏକାନ୍ତ କାମ୍ୟ ।
୧୩- ବ୍ୟବସାୟ ପ୍ରତିଷ୍ଠାନ ଓ ବାସଗୃହମାନଙ୍କରୁ ବାହାରୁଥିବା ନିର୍ଗତ ଓଦା ଅଳିଆ ଓ ଶୁଖା ଅଳିଆ ଏଣେତେଣେ ନ ପକାଇ ପ୍ରତ୍ୟେକ ୱାର୍ଡ଼କୁ ଯାଉଥିବା ସ୍ୱଚ୍ଛ ସବାରି ଗାଡ଼ିରେ ଓଦା ଅଳିଆ ଓ ଶୁଖା ଅଳିଆ ପକାନ୍ତୁ।
୧୪- ଘରୁ ବାହାରିବା ସମୟରେ ସର୍ବଦା ମାସ୍କ ବ୍ୟବହାର କରି ବାହାରନ୍ତୁ ଏବଂ ସାମାଜିକ ଦୂରତା ଅତିକମରେ ଦୁଇମିଟର (୨ ମିଟର) ବ୍ୟବଧାନ ରଖନ୍ତୁ ।
୧୫- ବାଲେଶ୍ୱର ପୌରପାଳିକା ଅଞ୍ଚଳକୁ କରୋନା ମୁକ୍ତ କରନ୍ତୁ ।

ଆପଣଙ୍କ ନିରନ୍ତର ସେବାରେ ବାଲେଶ୍ୱର ପୌରପାଳିକା ।

OIPR: 13154/11/0016/2122

## ବିଜ୍ଞାପିତ ଅଞ୍ଚଳ ପରିଷଦ, ଉଦଳା

ସ୍ୱାୟତ୍ତ ଶାସନ ଦିବସ ତା: ୩୧.୦୮.୨୦୨୧ରିଖ ପାଳନ ଉପଲକ୍ଷେ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଉଦଳା ପରିଷଦବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଏହି ପବିତ୍ର ଦିବସ ଅବସରରେ ପରିଷଦବାସୀଙ୍କ ଅକୁଣ୍ଠ ସହଯୋଗ କାମନା କରି ସହରବାସୀଙ୍କୁ ପୌରସେବା ଯୋଗାଇ ଦେବାପାଇଁ ଆମ୍ଭେ ସଂକଳ୍ପ ବଧ ।

୧. ପୌରସମ୍ପତ୍ତି ଆପଣ ମାନଙ୍କ ସମ୍ପତ୍ତି, ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣମାନଙ୍କର ।
୨. ସର୍ବସାଧାରଣ ରାସ୍ତା ଓ ଡ୍ରେନରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ। ନିଜ ଘରେ ବାହାରୁଥିବା ଅଳିଆ ଓଦା ଓ ଶୁଖିଲା ଭାବେ ଅଲଗା ଅଲଗା କରି ସଫେଇ କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ।
୩. କଠିନ ବର୍ଜ୍ୟବସ୍ତୁ ପାଇଁ ବ୍ୟବହାରିକ ଧାର୍ଯ୍ୟ ଟିକସ ସ୍ୱଚ୍ଛ ସାଥିମାନଙ୍କୁ ଠିକ ସମୟରେ ପ୍ରଦାନ କରନ୍ତୁ।
୪. ନିୟମିତ ଧାର୍ଯ୍ୟ ଟିକସ ଦେଇ ପରିଷଦର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ।
୫. ପଲିଥିନ ବ୍ୟବହାର ନ କରି ପ୍ରଦୂଷଣ ମୁକ୍ତ ସହରାଞ୍ଚଳ ଗଠନରେ ସହାୟକ ହୁଅନ୍ତୁ ।
୬. ଜନ୍ମ, ମୃତ୍ୟୁ ଓ ବିବାହ ପଞ୍ଜୀକରଣ ବାଧ୍ୟତାମୂଳକ ଭାବେ କରନ୍ତୁ ।
୭. ବାହାରେ ମଳତ୍ୟାଗ ନ କରି ନିଜସ୍ୱ ପାଇଖାନା କିମ୍ବା ଗୋଷ୍ଠୀ ଶୌଚାଳୟ ବ୍ୟବହାର କରନ୍ତୁ।
୮। ଗୃହ ନିର୍ମାଣ ପୂର୍ବରୁ ପୌର ପାଳିକାରୁ ନକ୍ସା ଅନୁମୋଦନ କରାଇନିଅନ୍ତୁ ।

**ଶ୍ରୀ ଭଗବାନ ବେହେରା, ଓ.ପ୍ର. ସେ-୧ (ବି)**
ଉପଜିଲ୍ଲାପାଳ(କ), ଉଦଳା ତଥା ପ୍ରଶାସକ
ଉଦଳା ଏନ.ଏ.ସି

**ଶ୍ରୀ ବିଦ୍ୟାଧର ଦଣ୍ଡପାଟ**
କାର୍ଯ୍ୟନିର୍ବାହୀ ଅଧିକାରୀ
ଉଦଳା ଏନ.ଏ.ସି

## ମହାତ୍ମା ଗାନ୍ଧୀ ବିଚାର ମଞ୍ଚ ପକ୍ଷରୁ ଡ. ସନାତନ ମହାନ୍ତିଙ୍କ ସ୍ମୃତିସଭା

ଭଦ୍ରକ,୨୯/୮ (ନି.ପ୍ର): ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ମହାତ୍ମା ଗାନ୍ଧୀ ବିଚାର ମୟଚ, ଭଦ୍ରକ ତରଫରୁ ସୁନାମଧନ୍ୟ ଅର୍ଥନୀତିଜ୍ଞ ଓ ସମାଜସେବୀ ପ୍ର. ଡ. ସନାନ ମହାନ୍ତିଙ୍କ ସ୍ମୃତିସଭା ଉପସଭାପତି ପ୍ରଫେସର ଝରଣା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁô୍ଠିତ ହୋଇ ଯାଇଛି । ସ୍ୱର୍ଗତ ଡ. ସନାନ ମହାନ୍ତି ମହାତ୍ମା ଗାନ୍ଧୀ ବିଚାର ମଞ୍ଚର ସଭାପତି ଥିଲେ । ସେ ଭଦ୍ରକ ସାହିତ୍ୟ ସଂସ୍କୃତି ପରିଷଦ, ଭଦ୍ରକ ପୂଜ୍ୟପଜା ସଂସଦ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ଭଦ୍ରକ ଇନ୍‌ଟାକ୍ ଅନୁଷ୍ଠାନ, ଶ୍ରୀମା ଅରବିନ୍ଦ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ । ଭଦ୍ରକର ଜଣେ ମୁରବୀତୁଲ୍ୟ ସଦାସର୍ବଦା ଭଦ୍ରକର ବିଭିନ୍ନ ବିକାଶ ଦିଗରେ କାର୍ଯ୍ୟ କରୁଥିଲେ । ସାହିତ୍ୟ ଓ ଅର୍ଥନୀତିରେ ବିଭିନ୍ନ ମୂଲ୍ୟବାନ ପୁସ୍ତକ ରଚନା କରି ସମାଜରେ ନିଜକୁ ପ୍ରତିଷ୍ଠା କରିଥିଲେ । ଜଣେ ମାନବବାଦୀ ଆଧ୍ୟାତ୍ମିକ ଚିନ୍ତା ନାୟକ ଭାବେ ଶ୍ରୀଅରବିନ୍ଦ ଦର୍ଶନକୁ ଲୋକାଭିମୁଖୀ କରିବାରେ ତାଙ୍କର ଭୂମିକା ଚିରକାଳ ଅମଳିନ ରହିବ ବୋଲି ସ୍ମୃତିସଭାରେ ବକ୍ତାମାନେ ବକ୍ତବ୍ୟରେ କହିଥିଲେ । ଏପରି ଜଣେ ମହାନ ବ୍ୟକ୍ତିଙ୍କ ପାଇଁ ଭଦ୍ରକ ଧନ୍ୟ ହୋଇଛି ବୋଲି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ସଂଗଠନ ସମ୍ପାଦକ ସୁଧାକର ରାଉତ ମଞ୍ଚ ଆମନ୍ତ୍ରଣ କରିଥିଲେ । ସାଧାରଣ ସମ୍ପାଦକ ଶାନ୍ତନୁ କୁମାର ରାଉତ ଡ. ସନାତନ ମହାନ୍ତିଙ୍କ ସହ ରହି ଦୀର୍ଘ ଦିନର ଅନୁଭୂତି ବର୍ଣ୍ଣନା କରିଥିଲେ । ଉକ୍ତ ସଭାରେ ଡ. ରାମଚନ୍ଦ୍ର ପଣ୍ଡା, ଡ. ଗୋଲାକ ବିହାରୀ ସାହୁ, ଡାକ୍ତର ହରେକ୍ୟଷ୍ଣ ନାୟକ, ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ଲଳାଟେନ୍ଦୁ ମହାନ୍ତି, ଡ. ରାଧାରାଣୀ ମହାପାତ୍ର, ଗୀତାରାଣୀ ଆଇଚ, ପଦ୍ମନାଭ ପାଢୀ, ହରମୋହନ କୁଅଁର, ବାବୁଲାଲ ଦାସ, ବୈଲୋଚନ ବେହୁରିଆ, ଗୌତମ ମହାରଣା, କରୁଣାକର ଉପାଧ୍ୟାୟ, ଅଜିତ ନାୟକ, ଶାନ୍ତିଲତା ନାଗ, ରୂପକ ରାୟ, ଭରତ ଚନ୍ଦ୍ର ଦାଶ, ଡ. ରାମଚନ୍ଦ୍ର ପଲାଇ, ହରିଶ ଦାସ, ଚନ୍ଦ୍ରଶେଖର ନାୟକ, ଘନଶ୍ୟାମ ଲେଙ୍କା ପ୍ରମୁଖ ଯୋଗଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଶେଷରେ କ୍ଷୀରୋଦ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱାୟତ୍ତ ଶାସନ ଦିବସ-୨୦୨୧

## ବିକାଶ ପଥେ "ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦ", ନୀଳଗିରି

୧. ନୀଳଗିରି ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ବୃକ୍ଷରୋପଣ କରି ପରିବେଶ ସୁସ୍ଥ ରଖନ୍ତୁ।
୨.ପରିଷଦର ଟିକସ ଠିକ୍ ସମୟରେ ପୈଠ କରି ଆର୍ଥିକ ସ୍ଥିତିକୁ ମଜବୁତ୍ କରନ୍ତୁ।
୩. ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ଏବଂ ନିରାପତ୍ତା ଆପଣଙ୍କର ନୈତିକ ଦାୟିତ୍ୱ।
୪. ରାସ୍ତା କଡ଼ ଓ ନାଳ ଉପରେ କ୍ୟାବିନ୍ କିମ୍ବା ଗୃହ ନିର୍ମାଣ ଜିନିଷ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ।
୫.ଗୃହପାଳିତ ପଶୁ ଯଥା :- ଗାଇ, ଗୋରୁ , ଛେଳି, ମେଣ୍ଢାମାନଙ୍କୁ ରାସ୍ତାରେ ବୁଲିବାକୁ ଦିଅନ୍ତୁ ନାହିଁ। ନଚେତ୍ କାଂଜିଆ ହୁଦାକୁ ଅଯଥା ଜୋରିମାନା ଦେବାକୁ ପଡ଼ିବ।
୬.ନିଜ ନିଜର ଅଳିଆ ଆବର୍ଜନାକୁ ନାଳ କିମ୍ବା ସର୍ବସାଧାରଣ ରାସ୍ତାରେ ନ ପକାଇ ଘରକୁ ଘର ବୁଲି ଅଳିଆ ଆଣୁଥିବା କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ।
୭. ଘରେ ରୁହନ୍ତୁ, ସୁସ୍ଥ ରୁହନ୍ତୁ, ଅଯଥାରେ ଘରୁ ବାହାରନ୍ତୁ ନାହିଁ, ସାମାଜିକ ଦୂରତା ଅବଲମ୍ବନ କରନ୍ତୁ। ମାସ୍କ ପିନ୍ଧନ୍ତୁ, ସର୍ବ ସାଧାରଣ ସ୍ଥାନରେ ଛେପ ପକାନ୍ତୁ ନାହିଁ। ନିଜେ କରୋନା ଠାରୁ ସୁରକ୍ଷିତ ରୁହନ୍ତୁ, ଅନ୍ୟକୁ ସୁରକ୍ଷିତ ରହିବାରେ ସହଯୋଗ କରନ୍ତୁ।

**ଶ୍ରୀଯୁକ୍ତ ଅଶେଷ କୁମାର ନାୟକ**
ନିର୍ବାହୀ ଅଧିକାରୀ
ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦ

**ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ଜେନା**
ଉପଜିଲ୍ଲାପାଳ-ତଥା ପ୍ରଶାସକ,
ନୀଳଗିରି ବିଜ୍ଞାପିତ ଅଂଚଳ ପରିଷଦ

## ଟୁକଲା ମେହେର ସମାଜ ତରଫରୁ ଗଙ୍ଗାଧର ଜୟନ୍ତୀ ପାଳିତ

ନୂଆପଡା,୨୯/୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଟୁକଲା ସ୍ଥିତ ଲଳିତ ଭବନ ଠାରେ ଟୁକଲା ମେହେର ସମାଜ ତରଫରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ମାତୃଭୂମିର ଟେକ ରଖିବା ପାଇଁ ଗଙ୍ଗାଧରଙ୍କ ସାହିତ୍ୟ ସବୁବେଳେ ଲୋକଙ୍କୁ ପ୍ରେରଣା ଯୋଗାଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ବକ୍ତା ଡାକ୍ତର ରବିନ୍ଦ୍ର ମିଶ୍ର (ଅଧ୍ୟକ୍ଷ, କ୍ଷମା ମେହେର ଡିଗ୍ରୀ କଲେଜ ଟୁକଲା) ଗଙ୍ଗାଧରିୟ ସାହିତ୍ୟ ଓଡ଼ିଆ ସାହିତ୍ୟର ସର୍ବଶ୍ରେଷ୍ଠ ସମ୍ପଦ ବୋଲି ଅବିହିତ କରିଥିଲେ । ଟୁକଲା ମେହେର ସମାଜର ସଭାପତି ଲିଙ୍ଗରାଜ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବରେ ଖଡ଼ିଆଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ସାହୁ ଓ ଅବସରପ୍ରାପ୍ତ ଶିକ୍ଷକ ରତ୍ନାକର ମେହେର ଯୋଗଦେଇ ସ୍ୱଭା? କବିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଦେବୀ ଚରଣ ମେହେର ସମ୍ପାଦକୀୟ ବିବରଣୀ ପଠନ କରିଥିବା ବେଳେ ବିଷ୍ଣୁ ଚରଣ ମେହେର ଅତିଥି ପରିଚୟ ଓ ତୁଳସୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସମାଜ ଓ ଅଂଚଳ ପ୍ରତି ସମର୍ପିତ ବ୍ୟକ୍ତିତ୍ୱ ପୂର୍ଣ୍ଣଚନ୍ଦ୍ର ମେହେରଙ୍କୁ ସମ୍ମାନିତ କରାଯାଇଥିଲା । ସଂଜୀବ ଦାଶ ଓ ସାଥି, ପୁଷ୍ପାଞ୍ଜଳି ମେହେର, ପ୍ରଜ୍ଞା ମେହେର ଲିପ୍ସା ରାଣୀ ମେହେର, ଦୀପାଞ୍ଜଳୀ ଦାଶ,ପ୍ରଞ୍ଜଳି ମେହେରଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା । ବସନ୍ତ ମେହେର, ହୀରା ମେହେର, ଉଦ୍ଧବ ମେହେର, ଯୁଧିଷ୍ଠିର ମେହେର, ଯଯାତି ମେହେର, ଦେବୀ ଚରଣ ମେହେର, ଜଗଦୀଶ ମେହେର, ସନ୍ତୋଷ ମେହେର ପ୍ରମୁଖ ସହଯୋଗ କରିଥିଲେ ।

## ବ୍ରହ୍ମପୁର ମହାନଗର ନିଗମ

**DO**

ସର୍ବ ସାଧାରଣଙ୍କ ସକାଶେ ଜରୁରୀ ପରାମର୍ଶ

୧. ଆପଣଙ୍କ ଘର/ ଅନୁଷ୍ଠାନର ଓଦା ବର୍ଜ୍ୟବସ୍ତୁକୁ ସାଗୁଆ ରଙ୍ଗର ଡଷ୍ଟବିନରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁକୁ ନୀଳ ରଙ୍ଗର ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ପ୍ରଦତ୍ତ ଆର୍ବଜନା ସଂଗ୍ରହ କରି ଯାନରେ ରଖନ୍ତୁ।
୨. ପ୍ରାଧିକୃତ ବ୍ୟକ୍ତିଙ୍କୁ କିମ୍ବା ଆମ ସହର ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ପ୍ରଦାନ କରନ୍ତୁ।
୩. ପ୍ଲାଷ୍ଟିକ ବହନ ବ୍ୟାଗ୍, କପ୍, ପ୍ଲାଷ୍ଟିକ ଚାମଚ ଇତ୍ୟାଦି ବ୍ୟବହାରକୁ କମ୍ କରନ୍ତୁ।
୪. ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ।
୫. ସେପଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ତିନି ବର୍ଷରେ ଥରେ ସଫା କରନ୍ତୁ।
୬. ଅତି କମରେ ନିଜର ୫ ମିଟର ପରିସର ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ।

**DON'T DO**

୧. ଗୋଟିଏ ଡଷ୍ଟବିନରେ ଅଳିଆ ମିଶ୍ରଣ କରନ୍ତୁ ନାହିଁ।
୨.ପରିମଳ ବର୍ଜ୍ୟବସ୍ତୁ ଏବଂ ଘରୋଇ ବିପଜ୍ଜନକକ ବର୍ଜ୍ୟବସ୍ତୁକୁ ଅନ୍ୟ ବର୍ଜ୍ୟବସ୍ତୁ ସହିତ ମିଶ୍ରଣ କରନ୍ତୁ ନାହିଁ।
୩. ବାଲକୋନି/ ଝରକାରୁ ଅଳିଆ ପକାନ୍ତୁ ନାହିଁ।
୪. ଶୌଚାଳୟକୁ ନାଳ ସହ ସଂଯୋଗ କରନ୍ତୁ ନାହିଁ।
୫. ନିଜର ୫ ମିଟର ପରିସରକୁ ଅପରିଷ୍କାର କରନ୍ତୁ ନାହିଁ।

**ବ୍ରହ୍ମପୁର ମହାନଗର ନିଗମ ତରଫରୁ ଅଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ବ୍ରହ୍ମପୁର ସହରବାସୀଙ୍କୁ ଶୁଭେଚ୍ଛା ।**

କମିଶନର
ବ୍ରହ୍ମପୁର ମହାନଗର ନିଗମ

ପ୍ରଶାସକ
ବ୍ରହ୍ମପୁର ମହାନଗର ନିଗମ

## ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା

**ସ୍ୱଚ୍ଛ, ସୁସ୍ଥ ଓ ପ୍ଲାଷ୍ଟିକ ମୁକ୍ତ ରାଉରକେଲା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ**

- ଗୃହ ତଥା ବ୍ୟବସାୟିକ ପ୍ରତିଷ୍ଠାନର ଆବର୍ଜନାକୁ ପୃଥକ କରି ଓଦା ଆବର୍ଜନାକୁ ସବୁଜ ରଙ୍ଗର ଡଷ୍ଟବିନ୍ ଓ ଶୁଖିଲା ଆର୍ବଜନାକୁ ନୀଳ ରଙ୍ଗର ଡଷ୍ଟବିନରେ ପକାନ୍ତୁ ଏବଂ ନିଗମ ଦ୍ୱାରା ନିୟୋଜିତ ସଫେଇ କର୍ମଚାରୀଙ୍କୁ ହିଁ ପ୍ରଦାନ କରନ୍ତୁ।
- ଯେ କୌଣସି ପ୍ରକାର, ଆକାର ତଥା ମୋଟେଇ ବିଶିଷ୍ଟ ପ୍ଲାଷ୍ଟିକ/ପଲିଥିନ୍ କ୍ୟାରିବ୍ୟାଗ୍ ଏବଂ ନିଷିଦ୍ଧ ପ୍ଲାଷ୍ଟିକ ତଥା ଥର୍ମୋକୁଲ ନିର୍ମିତ କପ୍, ଗ୍ଲାସ୍,ପ୍ଲେଟ ଏବଂ ସାଜସଜା ସାମଗ୍ରୀର ବ୍ୟବହାରକୁ ମହାନଗର ନିଗମ ଅଂଚଳରେ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ନିୟମ ଉଲଘଂନକାରୀଙ୍କ ନିମନ୍ତେ ଜୋରିମାନା ବ୍ୟବସ୍ଥା ରହିଛି, ତେଣୁ ଏହାର ବ୍ୟବହାରରୁ ଦୂରେଇ ରୁହନ୍ତୁ। ପଲିଥିନ୍ ବର୍ଜନ କରି ପରିବେଶକୁ ନିରାପଦ ରଖନ୍ତୁ।
- ମହାନଗର ନିଗମ ସମ୍ପର୍କିତ ଯେ କୌଣସି ଅଭିଯୋଗ ଯଥା ସ୍ୱଚ୍ଛତା, କୋଭିଡ, ଟ୍ୟାକ୍ସ, ବିବାହ ପଂଜୀକରଣ, ଷ୍ଟ୍ରିଟ୍ ଲାଇଟ୍, ଗୃହ ନକ୍ସା ଅନୁମୋଦନ (Building Plan Approval), ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାର୍କ, ରାସ୍ତା, ଡ୍ରେନ୍, ପେନସନ, ପାଇଖାନା ଟାଙ୍କି ସଫେଇ ଇତ୍ୟାଦି ସମ୍ପର୍କରେ ନିଗମର ଟୋଲ ଫ୍ରି ନମ୍ବର ୧୮୦୦-୩୪୫-୭୪୬୮ରେ ଜଣାନ୍ତୁ। ସେହିପରି ସ୍ୱଚ୍ଛତା ସମ୍ପର୍କିତ ଯେକୌଣସି ଅଭିଯୋଗକୁ ସ୍ୱଚ୍ଛତା (Swachhata MOHUA ) ଆପ୍ ଜରିଆରେ ଜଣାନ୍ତୁ। ଏହାଦ୍ୱାରା ଆପଣଙ୍କ ସମସ୍ୟାର ସମାଧାନ ଶୀଘ୍ର ସମ୍ଭବ ହୋଇପାରିବ।
- ହୋଲଡିଂ ଟିକସକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ପୈଠ କରନ୍ତୁ।
- ରାଉରକେଲା ମହାନଗର ଅଂଚଳର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ସହଭାଗୀ ହୁଅନ୍ତୁ ଏବଂ ସରକାରୀ ସମ୍ପତ୍ତିର ସଠିକ ରକ୍ଷଣାବେକ୍ଷଣ କରନ୍ତୁ।

**ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ। ନିଜକୁ ଓ ଅନ୍ୟମାନଙ୍କୁ କରୋନା ଭୂତାଣୁ ସଂକ୍ରମଣରୁ ସୁରକ୍ଷିତ ରଖନ୍ତୁ।**

ଆୟୁକ୍ତ
ରାଉରକେଲା ମହାନଗର ନିଗମ

ପ୍ରଶାସକ
ରାଉରକେଲା ମହାନଗର ନିଗମ

**ରାଉରକେଲା ମହାନଗର ନିଗମ, ରାଉରକେଲା**

## ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ଫିଟ୍ ଇଣ୍ଡିଆ ମୋବାଇଲ ଆପ୍ ଉନ୍ମୋଚିତ

ମାଲକାନଗିରି,୨୯/୮ (ନି.ପ୍ର): ମାଲକାନଗିରି ଜିଲ୍ଲା କ୍ରୀଡ଼ା ଛାତ୍ରାବାସ ପରିସରରେ ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ଫିଟ୍ ଇଣ୍ଡିଆ ଆପ୍ ଉନ୍ମୋଚିତ ହୋଇଯାଇଛି । ସ୍ଥାନୀୟ କ୍ରୀଡ଼ା ଛାତ୍ରାବାସ ସଭାଗୃହରେ ଜିଲ୍ଲାକ୍ରୀଡ଼ା ଅଧିକାରୀ କୁଳମଣି ନିଆଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ତଥା ଅଲ ଓଡିଶା ମାର୍ଶଲ ଆର୍ଟ ଏକାଡେମୀର ଅଧ୍ୟକ୍ଷ ରତ୍ନାକର ଦାଶ, ସମ୍ମାନିତ ଅତିଥି ଭାବେ ନେହରୁ ଯୁବକେନ୍ଦ୍ରର ଯୁବ ଅଧିକାରୀ ହରିଶ ରୁପାଲ ଯୋଗଦେଇ କ୍ରୀଡ଼ା ଜଗତର ତାରକା ଶ୍ରେଷ୍ଠ ହକି କ୍ରୀଡ଼ାବିତ୍ ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ । ଜାତୀୟ କ୍ରୀଡ଼ା ଦିବସ ଅବସରରେ ଦିଲ୍ଲୀ ଠାରେ କ୍ରୀଡ଼ା ଓ ଯୁବବ୍ୟାପାର କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର, କ୍ରୀଡ଼ା ଓ ଯୁବବ୍ୟାପାର ରାଷ୍ଟ୍ରମନ୍ତ୍ରୀ ନିଶିତ ପରମାଣିକ ଫିଟ ଇଣ୍ଡିଆ ମୋବାଇଲ ଆପ୍ କୁ ଉଦଘାଟନ କରିବା ପରେ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାର କ୍ରୀଡ଼ାବିତ ମାନଙ୍କ ପାଇଁ ପ୍ରଥମ ଥର କରି ଫିଟ ଇଣ୍ଡିଆ ମୋବାଇଲ ଆପ୍ କୁ ମୁଖ୍ୟଅତିଥି ଶ୍ରୀ ଦାଶ ଉନ୍ମୋଚନ କରିଥିଲେ । ମାଲକାନଗିରି ଜିଲ୍ଲାରେ ଥିବା କ୍ରୀଡ଼ା ଛାତ୍ରାବାସ ଅନେକ ଜାତୀୟ ସ୍ତର ଓ ଅନ୍ତର୍ଜାତୀୟ ସ୍ତରରେ ଉତମ କ୍ରୀଡାବିତ ସୃଷ୍ଟି କରିଛି । ଏହି ଜିଲ୍ଲାରେ କ୍ରୀଡ଼ାର ଭିତିଭୂମି ପ୍ରତି ସରକାର ଗୁରୁତ୍ୱ ଦେଲେ ଏଠାକାର କ୍ରୀଡାବିତ୍ ମାନେ ଅଲମ୍ପିକରେ ଭାଗନେଇ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିପାରିବେ । କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ କ୍ରୀଡ଼ାବିତ ଓ କ୍ରୀଡ଼ା ପ୍ରେମିଙ୍କ ପାଇଁ ପ୍ରଥମ ଥର କରି ଫିଟ୍ ଇଣ୍ଡିଆ ମୋବାଇଲ ଆପ୍ କୁ ଉଦଘାଟନ କରିଛନ୍ତି । ଏହା ସମଗ୍ର ରାଜ୍ୟ ଓ ଦେଶବାସୀଙ୍କ ପାଇଁ କ୍ରୀଡ଼ା କ୍ଷେତ୍ରରେ ଏକ ବିପ୍ଳବ ସୃଷ୍ଟି କରିପାରିବ ବୋଲି ମୁଖ୍ୟ ଅତିଥି ଶ୍ରୀ ଦାଶ ତାଙ୍କ ଅଭିଭାଷଣରେ କହିଥିଲେ । ଶେଷରେ ନେହରୁ ଯୁବକେନ୍ଦ୍ରର ସନ୍ତୋଷ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । କ୍ରୀଡ଼ା ଛାତ୍ରାବାସର କ୍ରୀଡ଼ା ପ୍ରଶିକ୍ଷକ ଭଗତ ରାମ ନାୟକ, କାହ୍ନୁ ପଡିଆମି, ସୁନ୍ଦର ଦାସ, ଶରତ ପଡିଆମି, ସିଧାତ ଖରା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଟସର ପୋକ ମରିବା ଘଟଣାର ଅନୁଧ୍ୟାନ କଲେ କୃଷି ବୈଜ୍ଞାନିକ

ନୂଆପଡା,୨୯/୮ (ନି.ପ୍ର): କିଛି ଦିନ ହେବ ନୂଆପଡା ଜିଲ୍ଲା କୋମନା ବ୍ଲକ ଉଲଭା ଓ ଆଗ୍ରେନ ଗାଁରେ କରାଯାଇଥିବା ୧୦ ହେକ୍ଟର ଜମିର ଟସର ପୋକ ମରିଯାଉଥିବା ଅଭିଯୋଗ ହୋଇଥିଲା । ଏହାର ଅନୁଧ୍ୟାନ କରିବା ପାଇଁ ନୂଆପଡା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ କୃଷି ବୈଜ୍ଞାନିକ କ୍ଷିରୋଦ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ୍ ପହଂଚି ଅନୁଧ୍ୟାନ କରିଛନ୍ତି । ଉଲଭା, ଆଗ୍ରେନ ଗାଁରେ ଅନେକ ଦିନ ହେବ ଟସର ଚାଷ ହୋଇ ଆସୁଛି । କିନ୍ତୁ, ଚଳିତ ବର୍ଷ କୌଣସି କାରଣରୁ କୋଷା ବାନ୍ଧିବା ସମୟରେ ହଜାର ହଜାର ଟସର ପୋକ ମରି ଯାଉଛନ୍ତି । ଏ ଘଟଣା ଜାଣିବା ପରେ ନୂଆପଡା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ କୃଷି ବୈଜ୍ଞାନିକ କ୍ଷିରୋଦ କୁମାର ବିଶ୍ୱାଳଙ୍କ ସହ ଏଏଓ ସୁଧାଂଶୁ କୁମାର ସାହୁ ଏବଂ ଏଏଓ ସନ୍ତୋଷ କୁମାର ମେହେର ୩ ଜଣ ଟସର ଚାଷ ହୋଇଥିବା ସ୍ଥାନକୁ ଆସିଥିଲେ । ଟସର ଚାଷୀ ଛତର ସାଏ ମାଝୀ, ଖଗେଶ୍ୱର ନାଗ, ତଥା ଟସର ସମବାୟ ସମିତି ଆଗ୍ରେନର ସୁପର ଭାଇଜର ମୋତିରାମ ନାଗଙ୍କ ସହ ଆଲୋଚନା କରିଥିଲେ । ମରି ଥିବା ଟସର ପୋକର ସାମ୍ପଲ ସଂଗ୍ରହ କରି ଓୟୁଏଟି ଭ ?ାନୀପାଟଣା ପରୀକ୍ଷା ପାଇଁ ପଠାଇବାକୁ ଜଣାଇ ଥିଲେ । ପ୍ରାରମ୍ଭିକ ଅନୁଧ୍ୟାନରୁ ଜଣାଯାଏ ଯେ, ଏହା ଏକ ଭାଇରାଲ ରୋଗ । ମୂଳ ଅଣ୍ଡାରୁ ଏହା ସଂକ୍ରମିତ ହୋଇ ଥାଇପାରେ ବୋଲି ଅନୁମାନ କରାଯାଉଛି । ଅଧିକ ପରୀକ୍ଷା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ଶ୍ରୀ ବିଶ୍ୱାଳ ଜଣାଇଛନ୍ତି ।

# ଷୋହଳ କଳାରୁ ଏକ କଳା ସେ'ତ କୃଷ୍ଣ କଳା



ଜୟଶ୍ରୀ ପଟ୍ଟନାୟକ

ସତ୍ୟ ଧର୍ମର ପ୍ରତିଷ୍ଠା ପାଇଁ ଯୁଗେ ଯୁଗେ ଭଗବାନ ନାନାବିଧ ଅବତାର ନେଇଛନ୍ତି ଏ ମହୀ ମଣ୍ଡଳରେ । ଦୁଷ୍ଟ ମାନଙ୍କୁ ବିନାଶ କରି ସନ୍ଥମାନଙ୍କୁ ରକ୍ଷା କରିଛନ୍ତି, ସୁରକ୍ଷା ଦେଇଛନ୍ତି । ଭକ୍ତ ମାନଙ୍କର ଗୁହାରୀ ଶୁଣିଛନ୍ତି । ଜୀବର ଜନ୍ମ ମୃତ୍ୟୁ ସବୁ ତାଙ୍କରି ଖେଳା । ପାପ ଅଧର୍ମର ବିନାଶ କାଳେ କାଳେ ହୋଇଛି ଓ ଧର୍ମର ସଂସ୍ଥାପନା ଯୁଗେ ଯୁଗେ ହୋଇଛି । ଭଗବାନଙ୍କର ଅନେକ ଅବତାର ରହିଛି ତନ୍ମଧ୍ୟରୁ କୃଷ୍ଣ ଅବତାର ହେଉଛି ସର୍ବଶ୍ରେଷ୍ଠ ଅବତାର । ଏହି ଅବତାରରେ ପ୍ରଭୁ ଅନେକ ଲୀଳାଖେଳା କରିଛନ୍ତି । ସକଳ ପ୍ରାଣୀଙ୍କର ଦୁଃଖ ହରଣ କରୁଥିଲେ ବୋଲି ମନୁ ତାଙ୍କୁ କୃଷ୍ଣ ନାମ ଦେଇଥିଲେ । ଶ୍ରୀ ଜଗନ୍ନାଥଙ୍କର ଷୋହଳ କଳା ଏହି କଳା ଭିତରୁ ଶ୍ରୀକୃଷ୍ଣ ହେଉଛନ୍ତି ଗୋଟିଏ କଳା । ଏହି ରୂପରେ ସେ ମଥୁରା ରାଜା କଂସକୁ ବଧ କରିଛନ୍ତି । କୌରବ ବଂଶ ନିପାତ କରିଛନ୍ତି । ପୁତନା ବକାସୁର, ପ୍ରଳମ୍ବାସୁର ପରି ମହା ବଳବାନ ରାକ୍ଷସମାନଙ୍କୁ ଯମାଳୟ ପଠାଇ ଦେଇଥିଲେ । କାଳୀୟ ନାଗର ସହସ୍ର ଫଣା ଉପରେ ନୃତ୍ୟ କରି ଯମୁନାର ପବିତ୍ର ଜଳକୁ କାଳୀୟ ବିଷରୁ ମୁକ୍ତ କରିଥିଲେ । ଗିରି ଗୋବର୍ଦ୍ଧନ ଧାରଣ କରି ଇନ୍ଦ୍ରଙ୍କର ଗର୍ବକୁ ଖର୍ବ କରିଥିଲେ । ଦ୍ୱାପର ଯୁଗରେ ଲୀଳାମୟ ଅବତାରୀ ଶ୍ରୀକୃଷ୍ଣ ଗୋପ, ମଥୁରା ବୃନ୍ଦାବନ ଇନ୍ଦ୍ରପ୍ରସ୍ଥ, ହସ୍ତିନା ବାରୁଣାବନ୍ତ ଆଉ ଦ୍ୱାରକା ଠାରେ ତାଙ୍କର ମହାଲୀଳା ପ୍ରଦର୍ଶନ କରିଥିଲେ । ଅର୍ଜୁନଙ୍କୁ ବିଶ୍ୱରୂପ ଦର୍ଶନ କରାଇବା ପାଇଁ କୁରୁକ୍ଷେତ୍ରରେ ନନ୍ଦିଘୋଷ ରଥରେ ଶ୍ରୀକୃଷ୍ଣ ସାରଥି ହୋଇଥିଲେ । ମା' ଯଶୋଦାଙ୍କୁ ମୁଖ ଗହ୍ୱରରେ ବିଶ୍ୱରୂପ ଦେଖାଇଥିଲେ । ସେ ଅଣାକାର, ନିରାକାର, ଅସୀମ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ବିଦ୍ୟମାନ । ବ୍ରହ୍ମା ବୈବର୍ତ୍ତ ପୁରାଣ ଅନୁସାରେ କୃଷ୍ଣ ହେଉଛନ୍ତି ପରମାତ୍ମା ଏବଂ ରାଧା ତାଙ୍କର ପ୍ରିୟ ସଖୀ । ବିଷ୍ଣୁ ଙ୍କର ଦଶାବତାର ମତ୍ସ୍ୟ, କୂର୍ମ, ବରାହ, ନୃସିଂହ, ବାମନ, ରାମ, ପର୍ଶୁରାମ, କୃଷ୍ଣ, ବୁଦ୍ଧ ଓ କଳକୀ ମଧ୍ୟରେ ଦ୍ୱାପରର ଅବତାରୀ ପୁରୁଷ ପ୍ରଭୁ ଶ୍ରୀକୃଷ୍ଣ କଳିଯୁଗରେ ଦାରୁବ୍ରହ୍ମ ଶ୍ରୀ ଜଗନ୍ନାଥ ନାମରେ ଆରାଧିତ । ଶ୍ରୀମନ୍ଦିରରେ ଶ୍ରୀ ଜଗନ୍ନାଥଙ୍କ ନୀତିକାନ୍ତି ପୂଜାର୍ଚ୍ଚନା, ପର୍ବପର୍ବାଣି ବେଶଭୂଷା, ରୀତିନୀତି ବ୍ୟଂଜନ ଭୋଜନ ଇତ୍ୟାଦି ଶ୍ରୀକୃଷ୍ଣଙ୍କ ସହିତ ଆନୁପାତିକ ଭାବେ ସମାନ । ଗୋପପୁର, ମଥୁରା ଓ ଦ୍ୱାରକାରେ ତାଙ୍କର ମାଧୁର୍ଯ୍ୟଲୀଳା, ଔଦାର୍ଯ୍ୟ ଲୀଳା ଓ ଐଶ୍ୱର୍ଯ୍ୟ ଲୀଳା ଦେଖାଇଛନ୍ତି । ପ୍ରଭୁ ଶ୍ରୀକୃଷ୍ଣ ଗୋପପୁରରେ ନନ୍ଦରାଜା ଓ ମା ଯଶୋଦା କୋଳରେ ଲାଳିତପାଳିତ ହୋଇ ବାଲ୍ୟାବସ୍ଥା ସମ୍ପନ୍ନ କରିଥିଲେ । କିଶୋର ଅବସ୍ଥାରେ ଗୋପବାଳକ ଓ ଗୋପୀମାନଙ୍କ ସହିତ ନିଷ୍କାମ ଲୀଳାଖେଳା କରିଥିଲେ । ମଥୁରାରେ ମାମୁଁ କଂସ ନିଧନ ଓ ଅଜା ଉଗ୍ରସେନଙ୍କୁ ରାଜ ସିଂହାସନରେ ଅଧିଷ୍ଠିତ କରାଇଥିଲେ । କଂସର ଶ୍ୱଶୁର ଜରାସନ୍ଧ ଶ୍ରୀକୃଷ୍ଣଙ୍କୁ ମାରିବା ପାଇଁ ବାରମ୍ବାର ଆକ୍ରମଣ କରିବା ଫଳରେ ମଥୁରାବାସୀଙ୍କ ଅତିଷ୍ଠତା ଆର୍ଥିକ ସଂକଟର ବୋଝ ଯୋଗୁଁ ଶ୍ରୀକୃଷ୍ଣ ଦ୍ୱାରକାରେ ଶେଷ ଜୀବନ କଟାଇଥିଲେ ।

ଆମ ପର୍ବ ପର୍ବାଣି ଭିତରେ ସାରାବର୍ଷ ଆମେ ପାଳନ କରିଥାଉ ବିଭିନ୍ନ ଅଷ୍ଟମୀ ଯଥା ଚୈତ୍ର ଶୁକ୍ଳପକ୍ଷରେ ଅଶୋକାଷ୍ଟମୀ, ଭାଦ୍ରବ ମାସର କୃଷ୍ଣପକ୍ଷରେ ପଡେ ଜନ୍ମାଷ୍ଟମୀ ବା କୃଷ୍ଣ ଜନ୍ମାଷ୍ଟମୀ, ଶୁକ୍ଳପକ୍ଷରେ ପଡେ ରାଧାଷ୍ଟମୀ, ଆଶ୍ୱିନରେ ପଡେ ଦୁର୍ଗାଷ୍ଟମୀ, ମାର୍ଗଶିରରେ ପ୍ରଥମାଷ୍ଟମୀ, ମାଘରେ ଭୀଷ୍ମାଷ୍ଟମୀ ଇତ୍ୟାଦି । ଭଗବାନ ଶ୍ରୀକୃଷ୍ଣ ଆସିଥିଲେ ରାକ୍ଷୀପୂର୍ଣ୍ଣିମାର ଅଷ୍ଟମ ଦିବସରେ ଅର୍ଥାତ୍ ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀରେ । ଯେତେବେଳେ ମେଘ ଭୈରବ ନାଦରେ ଗର୍ଜନ କରୁଥିଲା, ବିଜୁଳି ଓ ମେଘ ଡମ୍ବରୁ ଶବ୍ଦରେ ଆକାଶ ପାତାଳ ପ୍ରକମ୍ପିତ ହେଉଥିଲା । ଚତୁର୍ଦ୍ଦିଗରେ ଅନ୍ଧକାର ଆଚ୍ଛାଦିତ ହୋଇଥିଲା । ସେମିତି ଏକ ବର୍ଷଣ ମୁଖର ଘନଘୋର ରାତିର ଅନ୍ଧାରକୁ ଚିରି ଜନ୍ମ ନେଇଥିଲେ କୃଷ୍ଣ ଦୁଃଖିନୀ ଦେବକୀ କୋଳରେ, ରୋହିଣୀ ବୃଷ ନକ୍ଷତ୍ରରେ । ସେତେବେଳେ ଯଦୁବଂଶର ରାଜା ସୁରସେନ ମଥୁରା ନାମକ ଦେଶରେ ସୁରସେନ ନାମକ ଜିଲ୍ଲାରେ ରାଜୁତି କରୁଥିଲେ । ତାଙ୍କ ରାଜୁତି ଫଳରେ ସମସ୍ତ ଯଦୁବଂଶ ପ୍ରଜାଙ୍କର ରାଜଧାନୀ ହେଲା ମଥୁରା । ଏକଦା ସୁରସେନଙ୍କ ପୁତ୍ର ବସୁଦେବ ଦେବକୀଙ୍କୁ ବିବାହ କରି ରଥରେ ବସି ଘରକୁ ଫେରୁଥିବା ବେଳେ କଂସ ଭଗିନୀ ଦେବକୀ ରଥରେ ସାରଥି ହୋଇ ଘୋଡାର ଲଗାମ ଧରିଥିଲେ ଓ ରଥ ଚଳାଉଥିଲେ ସେତେବେଳେ ଶୁଭ ମୁହୂର୍ତ୍ତର ବାଦ୍ୟ ବାଜୁଥିଲା ଠିକ ଏହି ସମୟରେ କଂସ ପ୍ରତି ଏକ ଆକାଶବାଣୀ ହେଲା - କଂସ ତୁ କେଡେ ନିର୍ବୋଧ ! ତୁ ଭଉଣୀ ଭିଣୋଇର ରଥ ଚାଳନା କରୁଛୁ ? ତୁ ଜାଣିନାହୁଁ ଯେ ଏହି ଭଉଣୀର ଅଷ୍ଟମ ଗର୍ଭଜାତ ଶିଶୁ ଦ୍ୱାରା ତୋର ବିନାଶ ଘଟିବ । ଏହା ଶୁଣି କଂସ ଦେବକୀ ଓ ବସୁଦେବଙ୍କୁ ବନ୍ଦୀ କରି ରଖିଲା । ଦେବକୀର ଛଅପୁଅଙ୍କୁ ଗୋଟି ଗୋଟି କରି ହତ୍ୟା କଲା । କ୍ରମେ ପ୍ରତୀକ୍ଷାର ଦିନ ଅନ୍ତ ହେଲା ଦେବକୀଙ୍କ ଅଷ୍ଟମ ଗର୍ଭରେ ଭଗବାନ ଅବତାର ନେବା ସମୟରେ ବର୍ଷଣ ମୁଖର ମଧ୍ୟରାତ୍ରୀ, ଆକାଶରେ ବିଜୁଳୀ ଓ ଘଡଘଡିର ନାଦ ଗଗନ ପବନକୁ ପ୍ରକମ୍ପିତ କରୁଥାଏ । ଏହି ସମୟରେ ରୋହିଣୀର ପବିତ୍ର ନକ୍ଷତ୍ରରେ ସେହି ବନ୍ଦୀଗୃହ ମଧ୍ୟରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରୀ ପ୍ରଭୁଙ୍କରବାଳକୃଷ୍ଣ ରୂପରେ ଆବିର୍ଭାବ ହେଲା । ମାତା ଦେବକୀ ପ୍ରଭୁଙ୍କୁ କହିଲେ- ପ୍ରଭୁ ପାପୀ କଂସକୁ ଯେପରି ଜଣା ନ ପଡେ ଯେ ଆପଣ ମୋ ଗର୍ଭରୁ ଜନ୍ମ ନେଇଛନ୍ତି । ଆପଣ ଶିଶୁ ରୂପ ନେଇ ନିଜର ସୁରକ୍ଷା କରନ୍ତୁ । ଭଗବାନ ଦେବକୀଙ୍କୁ କହିଲେ - ପୂର୍ବଜନ୍ମରେ ତୁମର ନାମ ପୃଶ୍ନି ଏବଂ ବସୁଦେବଙ୍କର ନାମ ସୁତପା ଥିଲା । ତୁମେ ଦୁହେଁ ମୋତେ ପାଇବାର କଠୋର ତପସ୍ୟା କରିଥିଲ । ମୁଁ ପ୍ରଥମ ଜନ୍ମରେ ପୃଶ୍ନିଗର୍ଭ ନାମରେ ତୁମର ପୁତ୍ର ହେଲି, ଦ୍ୱିତୀୟ ଜନ୍ମରେ ତୁମେ କଶ୍ୟପ ଓ ଅଦିତି ହେଲ ମୁଁ ବାମନ ରୂପରେ ଜନ୍ମ ହେଲି । ଏବେ ତୁମେ ଦେବକୀ ଓ ବସୁଦେବ ହେଲ ମୁଁ ନିଜ ବାଣୀର ସତ୍ୟତାକୁ ସିଦ୍ଧ କରି କୃଷ୍ଣ ରୂପରେ ତୁମ ଆଗରେ ପ୍ରକଟିତ ହେଲି । ଏବେ କଂସର ଅତ୍ୟାଚାର ସମାପ୍ତ ହୋଇଗଲା ଜାଣ । ବାତ୍ସଲ୍ୟ ସ୍ନେହରେ ମୋର ଚିନ୍ତନ ଦ୍ୱାରା ତୁମର ପରମପଦ ପ୍ରାପ୍ତି ହେବ । ତୁମେ ମୋତେ ଶୀଘ୍ର ଗୋକୁଳରେ ନନ୍ଦଘରେ ପହଂଚାଇବାର ବ୍ୟବସ୍ଥା କର । ସେଠାରେ ମୋର ଯୋଗମାୟା ଯଶୋଦା ଗର୍ଭରୁ ଜନ୍ମ ନେଇସାରିଛି ତାକୁ ଏଠାକୁ ନେଇ ଆସ । ଭଗବାନଙ୍କ ଏହି ନିର୍ଦ୍ଦେଶ ଅନୁସାରେ ଶିଶୁ କୃଷ୍ଣଙ୍କୁ ବସୁଦେବ ଗୋକୁଳରେ ପଂହଚାଇବାର ବ୍ୟବସ୍ଥା କଲେ । ଯୋଗମାୟା ପ୍ରଭାବରେ ମଥୁରାର ସମସ୍ତ ପୁରବାସୀ ଓ ଦ୍ୱାରପାଳ ଗଭୀର ନିଦ୍ରାରେ ଥିଲେ । ଭଗବାନଙ୍କୁ ନେବା ପୂର୍ବରୁ ବସୁଦେବଙ୍କ ଶିକୁଳି ଖୋଲିଯାଇ ବନ୍ଦୀ ଦ୍ୱାର ଉନ୍ମୁକ୍ତ ହୋଇଗଲା । ବର୍ଷଣ ମୁଖର ରାତ୍ରୀ ହୋଇଥିବାରୁ ଶେଷନାଗ ଫଣା ବିସ୍ତାର କରି ମୁଣ୍ଡ ଉପରେ ବସୁଦେବଙ୍କ ପଛେ ପଛେ ଚାଲିବାକୁ ଲାଗିଲେ । ଯମୁନାରେ ପ୍ରବେଶ ମାତ୍ରକେ ଯମୁନାର ଜଳସ୍ତର କମିବାରେ ଲାଗିଲା ଏବଂ ବହୁ ଘାତ ପ୍ରତିଘାତ ସତ୍ୱେ ବସୁଦେବ ଗୋକୁଳରେ ପହଂଚି ଗଭୀର ନିଦ୍ରାରେ ଶୁପ୍ତ ଥିବା ଯଶୋଦାଙ୍କ କୋଳରେ ତାଙ୍କର ପୁତ୍ରକୁ ଶୁଆଇ ଦେଇ ନବଜାତ କନ୍ୟାକୁ ଧରି ପୁଣି ମଥୁରା ଲେଉଟି ଆସିଲେ । ଯେପରି ବନ୍ଦୀ ଅବସ୍ଥାରେ ଥିଲେ ସେହିପରି ରହିଲେ । କଂସ ଏ ଖବର ପାଇବା ମାତ୍ରକେ ପହଂଚିଯାଏ କାରାଗାରରେ କନ୍ୟା ହୋଇଛି ଶୁଣି କନ୍ୟାକୁ ନେଇ ଶିଳ ଉପରେ କଚାଡନ୍ତେ ଯୋଗମାୟାଙ୍କ ଅଟ୍ଟହାସ୍ୟ ଶୁଣି ଚାହିଁରହେ ଅଷ୍ଟଭୁଜା ଦୁର୍ଗାଙ୍କୁ । ସେପଟେ ନନ୍ଦଘରେ ଖୁସୀର ଉତ୍ସବ ଚାଲେ । ଲୀଳାପୁରୁଷଙ୍କ ଆବିର୍ଭାବ ଘଟେ ଜଗତକୁ ପାପମୁକ୍ତ କରିବା ଉଦ୍ଦେଶ୍ୟରେ ଯୁଗେ ଯୁଗେ ଧର୍ମର ସଂସ୍ଥାପନ ପାଇଁ ।

ଭଗବାନ କୃଷ୍ଣଙ୍କର ଏହି ଆବିର୍ଭାବ ଦିବସକୁ ଜନ୍ମାଷ୍ଟମୀ ଭାବରେ ମନ୍ଦିର ମାନଙ୍କରେ ରାଧାକୃଷ୍ଣ ଉଭୟଙ୍କୁ ଅଭିଷେକ କରି ମଧ୍ୟରାତ୍ରୀ ପର୍ଯ୍ୟନ୍ତ ଉପବାସ ଓ ଉପାସନା କରିଥାଆନ୍ତି । ତା ପରଦିନ ନନ୍ଦଉତ୍ସବ ଆନନ୍ଦରେ ପାଳନ କରିଥାନ୍ତି । ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଶ୍ରୀ ମନ୍ଦିରରେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୁଏ । ପରମ୍ପରା ଅନୁସାରେ ସନ୍ଧ୍ୟାଧୂପ ବେଶରେ ମହାପ୍ରଭୁଙ୍କୁ ନୂଆ ବୋଇରାଣୀ ପତନି ଲାଗି ସହିତ ଅଳଂକାର ଲାଗି ହୋଇଥାଏ । ସନ୍ଧ୍ୟା ଧୂପ ପରେ ଟେରା ପଡିଲା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ଭଣ୍ଡାର ଦ୍ୱାର ଆଗରେ ଶୁଦ୍ଧସୁଆର ପୋଛ ମାରନ୍ତି । ପୂଜାପଣ୍ଡା ପଂଚବର୍ଣ୍ଣ ମୁରୁଜରେ ସର୍ବତ୍ର ଭଦ୍ର ମଣ୍ଡଳ ଲେଖନ୍ତି ସଂକଳ୍ପ କରି ବରୁଣ ପୂଜା କରନ୍ତି । ରୂପା ପଦ୍ମପାଖୁଡା ଓ କୃଷ୍ଣ ଜନ୍ମପଟି ଭଦ୍ରମଣ୍ଡଳ ଉପରେ ରଖାଯାଏ । ଦେବକୀ, ବସୁଦେବ, ନନ୍ଦ, ଯଶୋଦା, ଉଗ୍ରସେନ, ଲକ୍ଷ୍ମୀ, ବଳରାମ, ଗାନ୍ଧର୍ବ ଋଷି ଓ କୃଷ୍ଣ ନଅ ଚିତ୍ର ବିଶିଷ୍ଟ ଚିତ୍ରପଟ ଭଦ୍ରମଣ୍ଡଳ ଉପରେ ରଖାଯାଏ । ବଣିଆ ସେବକ ଦେଇଥିବା ପଦ୍ମପାଖୁଡାରେ ସୁବର୍ଣ୍ଣ କୃଷ୍ଣ ପ୍ରତିମା ରଖାଯାଇ ଶୀତଳ ଭୋଗ ପଂଚପୋଚାରରେ କରାଯାଏ । ଏହାପରେ ଦକ୍ଷିଣଘରୁ ମଦନମୋହନ ଜନ୍ମ ମଣ୍ଡଳରେ ବିଜେ କରନ୍ତି । ଫୁଲମାଳ ଓ ଚନ୍ଦନଲାଗି ପରେ ପନ୍ତି ଭୋଗ ପୂଜାପଣ୍ଡା କରନ୍ତି । ଦୁଇଜଣ ସେବକ ଦେବକୀ ବସୁଦେବ ହୋଇ ଶ୍ରୀକୃଷ୍ଣଙ୍କୁ ନଶାର୍ଦ୍ଧରେ ଜନ୍ମ କରାଇଥାଆନ୍ତ । ପଦ୍ମଫୁଲ ପରି ଚକ୍ଷୁ, ବକ୍ଷରେ ଶ୍ରୀବତ୍ସ ଚିହ୍ନ, ଗଳାରେ କୌସ୍ତୁଭ ମଣି, କଟିଦେଶରେ ପୀତାମ୍ବର, ବୈଦୁର୍ଯ୍ୟମଣି ମୁକୁଟ ଓ କୁଣ୍ଡଳ, ବାହୁରେ ବାଜୁବନ୍ଧ ଓ ହାତରେ କଙ୍କଣ ସହିତ ଶ୍ୟାମଳ ବର୍ଣ୍ଣ ଶ୍ରୀକୃଷ୍ଣ ଜନ୍ମ ହୁଅନ୍ତି । ଜନ୍ମନୀତି ଓ ପୂଜା ସମର୍ପଣ ପରେ ମଦନମୋହନ ବାହାରକୁ ଆସନ୍ତି ବେହେରା ଖୁଂଟିଆ କାଠର ଏକ ସପ୍ତଫେଣା ବାସୁକୀ ସର୍ପ ମସ୍ତକ ଉପରେ ଧରି ଚାଲନ୍ତି । ମୁଦିରସ୍ତ ସେବକ ପ୍ରସାଦ ଲାଗି ଓ ବନ୍ଦାପନ କରିବା ପରେ ମଦନମୋହନଙ୍କ ନାଭିକଟା ଯାଏ କୁଶରେ । ନାଭିଚ୍ଛେଦନ ପରେ ପଂଚାମୃତରେ ମହାସ୍ନାନ, ମଦନମୋହନ ଓ ରାମକୃଷ୍ଣଙ୍କୁ ମାଜଣା ଓ ବନକଲାଗି କରାଯାଏ । ଶୀତଳ ମଣୋହି ଓ ବନ୍ଦାପନା ପରେ ଦୋଳିରେ ବିଜେ କରାନ୍ତି । ପୂଜା କୋରାଲଡୁ ଓ ଶୀତଳ ଭୋଗ ପ୍ରସାଦଲାଗି ଓ ମଣୋହି ପରେ ପାଣି ପଡି ରୋଷଘରୁ ବଡସିଂହାର ଭୋଗ ଛେକ ଆସିବା ମାତ୍ରେ ରାମକୃଷ୍ଣ ଦୁଇ ମୂର୍ତ୍ତି ରତ୍ନ ସିଂହାସନକୁ ଓ ମଦନମୋହନ ଦକ୍ଷିଣ ଘରକୁ ବିଜେ କରନ୍ତି । ଠାକୁର ମାନଙ୍କର ପହୁଡ ନୀତି ହଏ । ଜନ୍ମନୀତି ପରେ ବସୁଦେବ ବେଶଧାରୀ ସେବକ ଏକ ରୂପାଥାଳିରେ ଶ୍ରୀକୃଷ୍ଣଙ୍କୁ ବିନା ବାଦ୍ୟ ଓ ଦିହୁଡିରେ ଯମୁନା ନଦୀକୁ ନିଅନ୍ତି । ସେଠାରେ ଉଗ୍ରସେନ ସେବକ ଧାରୀଙ୍କ ସହିତ ଭେଟ ହୁଏ । ମହାପ୍ରଭୁଙ୍କ ପରିଚୟ ପାଇ ଦଣ୍ଡପ୍ରଣାମ କରନ୍ତି ଉଗ୍ରସେନ ସେବକ । ଓଡିଶାରେ ଘରେ ଘରେ, ମଥୁରା ବୃନ୍ଦାବନରେ ଏବଂ କୃଷ୍ଣ ମନ୍ଦିର ମାନଙ୍କରେଏହି ପର୍ବ ପାଳିତ ହୁଏ । ନବମୀ ଦିନ ନନ୍ଦୋତ୍ସବ ପାଳିତ ହଏ, ମଙ୍ଗଳ ଆଳତୀ ପରେ ରାମକୃଷ୍ଣ ଓ ମଦନମୋହନଙ୍କୁ ଦୋଳିରେ ବିଜେ କରାଇ ଝୁଲାଯାଏ । ଶ୍ରୀକ୍ଷେତ୍ରରେ ଏହି ପ୍ରକାର ଜନ୍ମବିଧି ଦେଖିବା ଲାଗି ଭକ୍ତଙ୍କର ସମାଗମ ହୋଇଥାଏ । ଭକ୍ତମାନେ ଖୁବ ଶ୍ରଦ୍ଧା ଓ ଭକ୍ତିର ସହିତ ଦର୍ଶନ କରି ପୁଣ୍ୟ ଲାଭ କରନ୍ତି ।

+ ଗଙ୍ଗାନଗର, ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪

# ଜଣେ ସ୍ୱାଭିମାନୀ କଳାକାର ଥିଲେ ରବି ନାରାୟଣ

ପ୍ରମିଳା ପଣ୍ଡା

(ବି.ଦ୍ର: ତା. ୩୧/୦୮/୨୦୨୧ରିଖ ଏକାଦଶାହ ଉପଲକ୍ଷେ)



ହଁ ମୁଁ ଯାହାଙ୍କ କଥା କହିବାକୁ ଯାଉଛି, ସେ ହେଉଛନ୍ତି ଉଦଳା ସହରର ୱାର୍ଡ଼ ନଂ-୮ (ମେଣ୍ଢାଖାଇ)ର ସ୍ଥାୟୀ ବାସିନ୍ଦା ୰ ରବିନାରାୟଣ ମହାନ୍ତି । ଚଳିତ ଅଗଷ୍ଟ ୨୧ ତାରିଖ ଶନିବାର ଦିନ ସନ୍ଧ୍ୟାରେ ୮୭ ବର୍ଷ ବୟସରେ ସେ ଆମ ଗହଣରୁ ସବୁଦିନ ପାଇଁ ବିଦାୟ ନେଇ ଯାଇଛନ୍ତି । ଆଜି ନେ ପଡ଼େ ତାଙ୍କର ଧିର ନମ୍ର କଥା, ପରକୁ ଆପଣାର କରିବାର ବ୍ୟବହାର ଓ ତାଙ୍କଠାରେ ଫୁଟି ଉଠେ ଜଣେ ସ୍ୱାଭିମାନୀ ମଣିଷର ପରିଭାଷା । ଜଣେ ଚିତ୍ରକର, ମୃଣ୍ମୟୀ ମୂର୍ତ୍ତି କାରିଗର, ମଞ୍ଚ ଅଭିନେତା ଓ ଓଡ଼ଶୀ ନୃତ୍ୟ ଶିଳ୍ପୀ ଭାବରେ ସେ ସମଗ୍ର ଉତ୍ତର ଓଡ଼ିଶାରେ ବେଶ ଜଣାଶୁଣା । ଅତିତରେ ତାଙ୍କ ଦ୍ୱାରା ନିର୍ମିତ ମୃଣ୍ମୟୀ ମୂର୍ତ୍ତି ସୁଦୂର ନୀଳଗିରି, ରେମୁଣା ପ୍ରଭୃତି ସ୍ଥାନକୁ ବିକ୍ରୟ ପାଇଁ ଯାଉଥିଲା । ସେହିପରି ଉଦଳା ସହର ମଧ୍ୟରେ ଯେତେ ଗୁଡ଼ିଏ ମୃଣ୍ମୟୀ ମୂର୍ତ୍ତି ବର୍ଷର ବିଭିନ୍ନ ସମୟରେ ପୂଜା ପାଇଥାଏ ସେ ସବୁର କାରିଗର ଥିଲେ ରବି ନାରାୟଣ । ସତେ ଯେମିତି ମନେ ହୁଏ ତାଙ୍କ ହାତର ସ୍ପର୍ଶ ନପାଇଲେ ମୂର୍ତ୍ତି ଜୀବନ୍ତ ହୁଏ ନାହିଁ । ଉଦଳା କଚେରୀରେ ଯେଉଁ ଦୁର୍ଗା ପୂଜା ହୁଏ, ଏହା ଉଦଳା ସହରର ପ୍ରଥମ ଦୁର୍ଗା ପୂଜା । ଏଠାରେ ପୂଜା ପାଉଥିବା ଦୁର୍ଗା ମୂର୍ତ୍ତିକୁ ଦିର୍ଘ ୫୫ ବର୍ଷ ଧରି ଏକା ରବିନାରାୟଣ ହିଁ ଗଢ଼ିଛନ୍ତି । ସେଥିପାଇଁ ଉଦଳା କଚେରୀ ଦୁର୍ଗା ପୂଜାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଗହଣରେ ତାଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସେ ହିପରି ଅତିତରେ ଗାଁ ଗହଳ ମାନଙ୍କରେ ଗଢ଼ି ଉଠିଥିବା ଯାତ୍ରା ପାର୍ଟି ମାନଙ୍କରେ ମହିଳା ମାନେ ଅଭିନୟ କରୁନଥିଲେ । ଜଣେ ମହିଳାଙ୍କର ଅଭିନୟ ଦରକାର ପଡ଼ିଲେ ପୁରୁଷ ମାନେ ମହିଳା ବେଶରେ ଅଭିନୟ କରୁଥିଲେ । ରବିନାରାୟଣ ଥିଲେ ସେଥିପାଇଁ ପୁରା ଧୁରନ୍ଧର । ମହିଳା ବେଶରେ ଅଭିନୟ ପାଇଁ ତାଙ୍କୁ ଖୁବ ସୁନ୍ଦର ସାଜେ । ଅଭିନୟ ମଧ ସେ ଏତେ ସୁନ୍ଦର କରନ୍ତି ଯେ ତାଙ୍କର ଅଭିନୟ ଦେଖିବା ପାଇଁ ବହୁ ଦୂର ଦୂରାନ୍ତରୁ ଦର୍ଶକ ମାନେ ଆସିଥାନ୍ତି । ମୋଟାମୋଟି ଭାବରେ ମହିଳା ଅଭିନୟ ପାଇଁ ତାଙ୍କୁ ଜଣେ ଷ୍ଟେଜ ଫିଟିଂ ମଣିଷ ବୋଲି କୁହାଯାଇଥାଏ । ଏଥିପାଇଁ ତାଙ୍କୁ ଅନେକ ଜଣେ ବିରଳ କଳାକାର ବୋଲି କହିଥାନ୍ତି । ଜଣେ ଓଡ଼ଶୀ ନୃତ୍ୟ ଶିଳ୍ପୀ ଭାବରେ ମଧ ତାଙ୍କର ରହିଛି ଆଉ ଗୋଟିଏ ପରିଚୟ । ତାଙ୍କ ଦ୍ୱାରା ପ୍ରଦର୍ଶିତ ଦଶଅବତାର ନୃତ୍ୟ ପାଇଁ ସେ ବିଭିନ୍ନ ମହଲରେ ପ୍ରଶଂସିତ । ଏପରିକି ଏହି ନୃତ୍ୟ ପାଇଁ ତାଙ୍କୁ କପ୍ତିପଦା ରାଜ ଦରବାର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିବାର କଥା ଆଜିବି ସାଧାରଣରେ ଚର୍ଚ୍ଚା ହୁଏ । କିଛି ବର୍ଷ ପୁର୍ବେ ଉଦଳା ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆରେ ସ୍ୱାଧିନତା ଦିବସ ପାଳନ ଅବସରରେ ଆୟୋଜିତ ହୋଇଥିଲା ଫେନିସି ଫୁଟବଲ ମ୍ୟାଚ । ଏହି ମ୍ୟାଚରେ ଗୋଟିଏ ପଟେ ଉପଜିଲ୍ଲାପାଳ, ତହସିଲଦାର, ବିଡ଼ିଓଙ୍କ ସମେତ ଉପଖଣ୍ଡର ସମସ୍ତ ପ୍ରଶାସନିକ ଅଧିକାରୀ ଥିବା ବେଳେ ଆଉ ଗୋଟିଏ ପଟେ ଜୟଚନ୍ଦ୍ର ପତ୍ରୀ, ରବିନାରାୟଣ ମହାନ୍ତି, ଅତୁଲ ନାୟକଙ୍କ ସମେତ ଉଦଳା ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଥିଲେ । ଏହା ଦର୍ଶକ ମାନଙ୍କୁ ବେଶ ଛୁଇଁଥିଲା । ନିଜ ବାସ ଭବନରେ ସେ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ଶୁଭଦ୍ରାଙ୍କ ବିଗ୍ରହ ସ୍ଥାପନ କରି ସାରା ଜୀବନ ତାଙ୍କର ପୂଜାର୍ଚ୍ଚନା କରିବା ସହିତ ବର୍ଷରେ ଥରେ ରଥଯାତ୍ରା କରୁଥିଲେ । ଏହାଥିଲା ଉଦଳା ସହରର ପ୍ରଥମ ରଥଯାତ୍ରା । ଏତେଗୁଡ଼ିଏ କଳାର ଅଧିକାରୀ ହୋଇ ମଧ କେବେହେଲେ ସେ ପୁରସ୍କାର ବା ସମ୍ବର୍ଦ୍ଧନା ପାଇବା ପଛରେ ଗୁଡ଼ାଇ ନାହାଁନ୍ତି । ଏଇ ହେଉଛି ତାଙ୍କର ସ୍ୱାଭିମାନର ପରିଚୟ । ଉଦଳା ମହୋତ୍ସବ ପାଳନ ମଞ୍ଚରେ ଖୋଦ ଉପଜିଲ୍ଲାପାଳ ତାଙ୍କୁ ଘରୁ ଡ଼ାକିଆଣି ସମ୍ବର୍ଦ୍ଧିତ କରିଥିଲେ । ସେବର୍ଷ ମହୋତ୍ସବ ମଞ୍ଚରେ ଏପ୍ରକାର ଦୃଶ୍ୟ ଦେଖି ଦର୍ଶକ ମାନେ ଏବର୍ଷ ଜଣେ ଭଲ ମଣିଷଙ୍କୁ ସମ୍ବର୍ଦ୍ଧିତ କରାଗଲା ବୋଲି କହିଥିଲେ । ଆଜିର ଏକାଦଶାହରେ ଏଇଭଳି ଜଣେ ସ୍ୱାଭିମାନୀ କଳାକାରଙ୍କର ପାଦପଦ୍ମରେ କୋଟି ପ୍ରଣାମ ଜଣାଇ ମୋର ଲିଖନିକୁ ଏଠାରେ ବିରାମ ଦେଉଛି ।

+ ଉଦଳା, ମୟୂରଭ
(ମୋ)୯୪୩୮୫୧୮୭୯୪

# ତାରକାଙ୍କ ପୋଷା ଜନ୍ତୁ !

ବଲିଉଡ୍‌ର ଅନେକ କଳାକାର ଘରେ କିଛି ନା କିଛି ଜନ୍ତୁ ପାଳିଛନ୍ତି । ଅଧିକାଂଶ ରଖିଛନ୍ତି କୁକୁର ଓ ବିଲେଇ । ଭଗବାନଙ୍କର ଏହି ଦୁଇଟି ଅମୂଲ୍ୟ ସୃଷ୍ଟି ଅଧିକାଂଶ ମଣିଷଙ୍କର ବେଶ୍ ପ୍ରିୟ । କୁକୁର ଓ ବିଲେଇ ଘରେ, ପରିବାରର ସଦସ୍ୟଭ୍‌କ ଭଳି ଚଳିପାରନ୍ତି । ମାଲିକ ପ୍ରତି ସେମାନଙ୍କ ସ୍ନେହ-ଶ୍ରଦ୍ଧା-ଦୁର୍ବଳତା କହିଲେ ନ ସରେ । ଅନୁଷ୍କାଙ୍କ କୁକୁରର ନାମ- ଡ୍ୟୁଡ୍ । ଅଦିତି ରାଓ ହୈଦରୀ ଦୁଇ ଦୁଇଟି ପାଳିଛନ୍ତି । ନାମ ରଖିଛନ୍ତି- ଜୋୟୀ ଓ ଗୀଗୀ । ପ୍ରିୟଙ୍କ ଚୋପଡ଼ାଙ୍କ ଛୋଟିଆ ମାଇ ଚିହାଉହୁଆର ନାମ- ଡାଏନା । ଜାକେଲିନ୍ ଫର୍ନାଣ୍ଡିଜ୍ ମିଉ ମିଉ ନାମକ ମିଆଁଉଟିଏ ପାଳିଛନ୍ତି । ରଣଦୀପ ହୁଡ୍ଡାଙ୍କ କୁକୁରର ନାମ ବାମ୍ଫି ଏବଂ ଘୋଡ଼ାର ନାମ ରଣଜୀ । ଆଲିୟା ଭଟ୍ଟ ବିଲେଇ ପାଳିଛନ୍ତି; ନାମ- ଏଡ୍‌ୱାର୍ଡ୍ । ସୋନାକ୍ଷୀ ସିହ୍ନା ନିଜର ଡେସ୍‌ହଣ୍ଡ୍ କୁକୁରର ପଂଜାବୀ ନାମ ରଖିଛନ୍ତି- ଗବରୁ । ଶ୍ରଦ୍ଧା କପୁରଙ୍କ କୁକୁରର ନାମ ସିଲୋ । ଋତିକ ରୋଶନ ପାଳିଛନ୍ତି ଜେନ୍ ନାମା ଲାବ୍ରାଡର୍ ।













# ଟପ୍ ଷ୍ଟାଇଲ୍

ଝିଅମାନେ ସାଧାରଣତଃ ଫ୍ୟାସନ ହିସାବରେ ଚାଲିବାକୁ ପସନ୍ଦ କରନ୍ତି । ଆଲମାରୀରେ ଡ୍ରେସ ବହୁତ ଥିଲେ ମଧ ବାହାରକୁ ବୁଲିବାକୁ ବା ପାର୍ଟି ଯିବାର ଥିଲେ ସେମାନେ କଣ ପିନ୍ଧିବେ ବୋଲି ଚିନ୍ତାରେ ପଡିଯାଆନ୍ତି । ଏହିପରି ସମସ୍ୟା ଆସୁଥିଲେ ଡ୍ରେସକୁ ନେଇ କେତେକ ଟିପ୍‌ସପୁ ଫଲୋ କରନ୍ତୁ । ଭିନ୍ନ ଭିନ୍ନ ଡିଜାଇନର ଟପ୍ ତ ସବୁ ଝିଅଙ୍କ ପାଖରେ ଥିବ । ତେଣୁ ଆସନ୍ତୁ ଜାଣିବା ଅଲଗା ଅଲଗା ପ୍ରକାରର ଟପ୍‌କୁ ମିକ୍ସ ଏଣ୍ଡ ମ୍ୟାଚ୍ କରି କିପରି ଅଫିସରୁ ପାର୍ଟି ପର୍ଯ୍ୟନ୍ତ ବ୍ୟବହାର କରିପାରିବେ ।



**ର୍‌ୟାପ ଟପ୍:**
ଲମ୍ବା ଗଳା ହେଉଛି ଏହାର ବିଶେଷତା । କିନ୍ତୁ ଆପଣ ଚାହିଁଲେ ଏହାର ଲମ୍ବା ଗଳାକୁ ସୁବିଧା ଅନୁସାରେ କରିପାରିବେ । ଫର୍ମାଲ ଲୁକ୍ ପାଇଁ ର୍‌ୟାପ ଟପ୍‌ର ନେକଲାଇନକୁ ଛୋଟ ରଖନ୍ତୁ । ଏହା ସହିତ ବଡ ଟୋଟ ବ୍ୟାଗ ଓ ଏକ ଫର୍ମାଲ ପ୍ୟାଣ୍ଟ ମ୍ୟାଚ କରି ଷ୍ଟାଇଲିଶ ଫର୍ମାଲ ଲୁକ୍ ପାଇପାରିବେ । ରାତି ପାର୍ଟି ପାଇଁ ଏହି ଟପ୍‌କୁ ମଧ ବ୍ୟବହାର କରିପାରିବେ । ଏହି ଟପ୍ ସହିତ ସ୍କର୍ଟ ବା ଜିନ୍ସ ଓ ଏହା ସହିତ ହାଇହିଲ କ୍ୟାରୀ କରିପାରିବେ ।

**ବଟନ ସାର୍ଟ:**
ଏକ ଫର୍ମାଲ ସାର୍ଟ ମଧ ଆପଣଙ୍କୁ ପାର୍ଟି ଲୁକ୍ ଦେଇପାରିବ । କୌଣସି ଓଭରସାଇଜ ସାର୍ଟକୁ ଆପଣ ଜିନ୍ସ ସହିତ ପିନ୍ଧିପାରିବେ । ଆପଣ ଚାହିଁଲେ ମୁଭି ଡେ ପାଇଁ ସାର୍ଟର କୋଣଗୁଡିକୁ ବାନ୍ଧି କ୍ରପ ଟପ୍ କରିପାରିବେ । ଏହା ସହ ବେଲ୍ଟକୁ ମିଶାଇ ପାର୍ଟିୱିଅର ଡ୍ରେସ ପ୍ରସ୍ତୁତ କରିପାରିବେ ।

**ପେପଲମ ଟପ୍:**
ପେପଲମ ଟପ୍‌କୁ ଆପଣ ଫର୍ମାଲ, କାଜୁଆଲ ଓ ପାର୍ଟିୱିଅର ପାଇଁ ବ୍ୟବହାର କରିପାରିବେ । ପାର୍ଟି ପାଇଁ ଏହି ଟପ୍ ସହିତ ପେନ୍‌ସିଲ ସ୍କର୍ଟ ଆକର୍ଷଣୀୟ ଲୁକ୍ ଦେବ । ଫର୍ମାଲ ଲୁକ୍ ପାଇବା ପାଇଁ ଟାଇଟ୍ ଜିନ୍ସ ଓ ଷ୍ଟିଲିଟୋଜ ବେଷ୍ଟ ରହିବ ।

**ଟର୍ଟଲ ନେକ ଟପ୍:**
ଟର୍ଟଲ ନେକ ଟପ୍‌କୁ ଜିନ୍ସ ସହିତ କାଜୁଆଲ ଲୁକ୍ ଦେଇପାରିବେ । ପାର୍ଟି ଲୁକ୍ ପାଇଁ ଏହି ଟପ୍ ସହିତ ଆକର୍ଷଣ ବେଲ୍‌ଟ କାମରେ ଆସିବ । ଏହି ବେଲ୍‌ଟ ସିମ୍ପଲ ଟପ୍‌କୁ କ୍ଲାସି ଲୁକ୍ ଦେବା ସହିତ ଷ୍ଟାଇଲିଶ ଦେଖାଯିବ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଅନ୍ଧକାରରେ ଆଫଗାନ !

ଆଫଗାନିସ୍ତାନରୁ ଆମେରିକା ଓ ମିଳିତ ସେନାଙ୍କ ପ୍ରସ୍ଥାନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି। ଅଗଷ୍ଟ ୩୧ ତାରିଖ ସୁଦ୍ଧା ନାଟୋ ସେନା କାବୁଲ ଛାଡ଼ିବା ସକାଶେ ଚୂଡ଼ାନ୍ତ ପ୍ରସ୍ତୁତିରେ ବ୍ୟସ୍ତ। ଅପରପକ୍ଷେ ତାଲିବାନ ଗୋଷ୍ଠୀ କାବୁଲରେ ସରକାର ଗଢ଼ିବା ପାଇଁ ଯେଉଁ ପ୍ରୟାସ ଚଳାଉଛନ୍ତି, ତାହାର ଏ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ଚିତ୍ର ଦୃଶ୍ୟ ହୋଇନାହିଁ। ଏଭଳି ପୃଷ୍ଠଭୂମିରେ ଆଫଗାନିସ୍ତାନ ଧୀରେ ଧୀରେ ଅରାଜକତା ଆଡ଼କୁ ଠେଲି ହୋଇଯାଉଛି। କାବୁଲ ଆନ୍ତର୍ଜାତିକ ବିମାନ ବନ୍ଦରରୁ ପ୍ରତି ଅଧଘଂଟାଏ ଅନ୍ତରରେ ଗୋଟିଏ ଲେଖାଁଏ ବିମାନ ବିଭିନ୍ନ ରାଷ୍ଟ୍ରର ନାଗରିକଙ୍କୁ ନେଇ ତରବରିଆ ଭାବେ ଉଡ଼ାଣ ଭରୁଛି। ସମସ୍ତେ ଉଦ୍ୟମ ଚଳାଇଛନ୍ତି ଅଗଷ୍ଟ ୩୧ ତାରିଖ ସୁଦ୍ଧା ଏହି କାର୍ଯ୍ୟ ଶେଷ ହେଉ। କାରଣ ତାଲିବାନ ଗୋଷ୍ଠୀ ଅଧିକ ସମୟ ସୀମା ଦେବାକୁ ନାରାଜ। ଇତିମଧ୍ୟରେ ଆଇଏସଆଇଏସ ଉଗ୍ରବାଦୀମାନେ ବିମାନ ବନ୍ଦର ନିକଟରେ ଯେଉଁ ଆତ୍ମଘାତୀ ବିସ୍ଫୋରଣ ଘଟାଇଛନ୍ତି ତାହା ସୂଚନା ଦିଏ ଯେ, ସେମାନେ ଭବିଷ୍ୟତରେ ମଧ୍ୟ ଅନୁରୂପ ପନ୍ଥା ଗ୍ରହଣ କରିପାରନ୍ତି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ମଧ୍ୟ ଏହି ଆଶଙ୍କାକୁ ପୁଷ୍ଟ କରି ଚେତାଇ ଦେଇଛନ୍ତି ଯେ ଆଗାମୀ ୩୬ରୁ ୪୮ ଘଂଟା ମଧ୍ୟରେ ବିମାନ ବନ୍ଦରରେ ବିସ୍ଫୋରଣ ଭଳି ଘଟଣା ଘଟିପାରେ ଏବଂ ତାହା ବାସ୍ତବରେ ଘଟିଛି। କିନ୍ତୁ ଆଫଗାନିସ୍ତାନରୁ ସେନା ଓ ନାଗରିକଙ୍କ ଅପସାରଣରେ ବିଳମ୍ବ ଘଟିବା ନେଇ ଏବେ ଆମେରିକା ଠାରୁ ଆରମ୍ଭ କରି ବ୍ରିଟେନ୍, ଗ୍ରୀସ୍ ଏବଂ ଅନ୍ୟାନ୍ୟ ରାଷ୍ଟ୍ରରେ ପ୍ରତିବାଦର ସ୍ୱର ତେଜିବାରେ ଲାଗିଛି। ଆଫଗାନିସ୍ତାନରୁ ଚୂଡ଼ାନ୍ତ ସେନା ପ୍ରତ୍ୟାହାର ପରେ ସୁଦ୍ଧା ସେଠାରେ ଅନେକ ବିଦେଶୀ ନାଗରିକ ତଥାପି ରହିଯିବେ। ସେମାନଙ୍କ ଭବିଷ୍ୟତ କଥା ବିଶ୍ୱ ନେତୃବର୍ଗ ଏବେ ଚିନ୍ତା କରୁଥିବା ପରି ମନେ ହୁଏନାହିଁ। କେବଳ ବିଦେଶୀ ନାଗରିକ ନୁହଁନ୍ତି, ଆଫଗାନିସ୍ତାନର ମହିଳା ଏବଂ ସାଧାରଣ ନାଗରିକଙ୍କ ଅବସ୍ଥା ମଧ୍ୟ ଅନିଶ୍ଚିତତା ଓ ବିପଦ ମଧ୍ୟକୁ ଠେଲି ହୋଇଯାଉଛି। ଦେଶର ଶାସନକଳକୁ ନିୟନ୍ତ୍ରଣକୁ ନେବା ପୂର୍ବରୁ ତାଲିବାନ ଗୋଷ୍ଠୀ ମହିଳାଙ୍କ ଉପରେ ନାନା ପ୍ରକାର ନିଷେଧାଦେଶ ଜାରି କରି ସାରିଛନ୍ତି। ତାହା ପୂର୍ବରୁ ତାଲିବାନ ସରକାର ଅମଳର କଠୋର ବ୍ୟବସ୍ଥାଠାରୁ କୌଣସି ଗୁଣେ ଭିନ୍ନ ନୁହେଁ। ସେହିଭଳି ହମୀଦ କାର୍ଜାଇ ଏବଂ ଅସ୍ରଫ ଘନୀ ସରକାରଙ୍କ ଅମଳରେ ଯେଉଁ ନାଗରିକମାନେ ଗଣତନ୍ତ୍ରରେ ବିଶ୍ୱାସୀ ବୋଲି ନିଜକୁ ପରିଚୟ ଦେଉଥିଲେ ସେମାନଙ୍କ ଭବିଷ୍ୟତ ମଧ୍ୟ ଅନୁରୂପ ଭାବେ ଅନିଶ୍ଚିତ ହୋଇପଡ଼ିଛି। ଏଭଳି ଅବସ୍ଥାରେ ତାଲିବାନ ଦେଶରେ କି ପ୍ରକାର ଶାସନ ବ୍ୟବସ୍ଥା ପ୍ରବର୍ତ୍ତନ କରିବ ଏବଂ ଦେଶକୁ କିପରି ଭାବେ ଚଳାଇବ ତାହାର କୌଣସି ସ୍ପଷ୍ଟ ଚିତ୍ର ଦୃଶ୍ୟ ହୁଏନାହିଁ।

ଅପରପକ୍ଷେ, ପାକିସ୍ତାନ ଓ ଆଉ କେତେଗୋଟି ରାଷ୍ଟ୍ରଙ୍କୁ ଛାଡ଼ି ସମଗ୍ର ବିଶ୍ୱ ଏବେ ତାଲିବାନ ବିପକ୍ଷରେ। ଚୀନ୍ ଏବଂ ଋଷିଆ ଭଳି ରାଷ୍ଟ୍ର ତାଲିବାନଙ୍କ ପ୍ରତି କି ପ୍ରକାର ମନୋଭାବ ପୋଷଣ କରୁଛନ୍ତି ତାହା ଜଣାପଡ଼ିନଥିଲେ ସୁଦ୍ଧା ବିଶ୍ୱ ଜନମତକୁ ସେମାନେ କଦାପି ଅଣଦେଖା କରିପାରିବେ ନାହିଁ। ତେଣୁ ଯୁଦ୍ଧବିଧ୍ୱସ୍ତ ଏବଂ ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ଆଫଗାନିସ୍ତାନକୁ ଚଳାଇବା ତାଲିବାନଙ୍କ ପକ୍ଷେ ଏକ ଚାଲେଂଜ ହୋଇପଡ଼ିବ। ଏହା ସତ ଯେ, ତାଲିବାନ ଗୋଷ୍ଠୀଙ୍କ ନିକଟକୁ ଗୁପ୍ତ ସୂତ୍ରରୁ ଆର୍ଥିକ ସହାୟତାର ସ୍ରୋତ ଜାରି ରହିବ। ତାହା ହୁଏତ ତାଲିବାନ ଗୋଷ୍ଠୀଙ୍କ ନିଜସ୍ୱ ସ୍ଥିତି ବଜାୟ ରଖିବା ଓ ଅସ୍ତ୍ରଶସ୍ତ୍ର ସଂଗ୍ରହ ନିମନ୍ତେ ପର୍ଯ୍ୟାପ୍ତ ହୋଇପାରେ, କିନ୍ତୁ ଏକ ରାଷ୍ଟ୍ରକୁ ପରିଚାଳନା କରିବା ଅସମ୍ଭବ। ଆଫଗାନିସ୍ତାନ ଅର୍ଥନୀତି ମୁଖ୍ୟତଃ ଶୁଷ୍କ ଫଳମୂଳ ଉପରେ ନିର୍ଭରଶୀଳ। ସେଠାକାର ପପି ଚାଷରୁ ଯେଉଁ ଅଫିମ ଉତ୍ପାଦିତ ହୁଏ ତାହାର ସିଂହଭାଗ କଳାଅର୍ଥ ଭାବେ ମାଫିଆଙ୍କ ହାତକୁ ହିଁ ଯାଇଥାଏ। ତେଣୁ ବାହ୍ୟ ସହଯୋଗ ବିନା ସେ ଦେଶକୁ ଚଳାଇବା ପ୍ରାୟତଃ ଅସମ୍ଭବ। ପୂର୍ବରୁ ତାଲିବାନ ସରକାରକୁ ପାକିସ୍ତାନ ଓ ଅନ୍ୟ କିଛି ରାଷ୍ଟ୍ର ସହାୟତା ଯୋଗାଉଥିଲେ, ଯାହାକି ପରିବର୍ତ୍ତିତ ପରିସ୍ଥିତିରେ ଏବେ ମିଳିବାର କୌଣସି ସମ୍ଭାବନା ନାହିଁ। ତେଣୁ ଆମେରିକା ଓ ମିଳିତ ସେନାଙ୍କ ଆଫଗାନିସ୍ତାନ ପ୍ରସ୍ଥାନ ଏବଂ ତାଲିବାନଙ୍କ କ୍ଷମତା ଦଖଲ କେବଳ ସେ ଦେଶ ପାଇଁ ନୁହେଁ, ସମଗ୍ର ଏସିଆ କ୍ଷେତ୍ର ଏବଂ ବିଶ୍ୱ ଶାନ୍ତି ପାଇଁ ଏକ ମସ୍ତବଡ଼ ଚାଲେଂଜ ସୃଷ୍ଟି କରିଛି।

# ଶ୍ରୀଜଗନ୍ନାଥ, ଶ୍ରୀକୃଷ୍ଣ ଓ ଶ୍ରୀକ୍ଷେତ୍ର



ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୯୯୩୮୯୦୬୦୭୦

ହିନ୍ଦୁ ପଞ୍ଜିକା ଅନୁସାରେ ଭାଦ୍ରବ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ତିଥିରେ ଜନ୍ମାଷ୍ଟମୀ ପାଳନ କରାଯାଏ। ପବିତ୍ର ଜନ୍ମାଷ୍ଟମୀରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ । ବିଷ୍ଣୁଙ୍କର ଅବତାରୀ ପୁରୁଷ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ଦିବସକୁ ହିନ୍ଦୁମାନେ ଜନ୍ମାଷ୍ଟମୀ ରୂପେ ପାଳନ କରିଥାଆନ୍ତି। ଶ୍ରୀକୃଷ୍ଣ ମାନବ ସମାଜକୁ କର୍ମଯୋଗର ଶିକ୍ଷା ଦେଇଛନ୍ତି। ଶ୍ରୀମଦଭଗବଦ ଗୀତାରେ କର୍ମ ଅନୁସାରେ ଫଳ ମିଳିବ ବୋଲି ସେ ଉଲ୍ଲେଖ କରିଛନ୍ତି। ତେଣୁ ଜନ୍ମାଷ୍ଟମୀର ପାଳନ ଅବସରରେ ଜଣେ ପ୍ରକୃତ କର୍ମଯୋଗୀ ହେବାପାଇଁ ଶପଥ ନେଇଥାଏ। ଫଳର ଆଶା ନ ରଖି ବିଶ୍ୱର ସେବା କରିବା ହେଉଛି ପ୍ରକୃତ କର୍ମଯୋଗ। ଗୀତାରେ ଶ୍ରୀକୃଷ୍ଣଙ୍କ ପ୍ରଦର୍ଶିତ ପଥ ଅନୁସରଣ କରି ଯେ କେହି ସ୍ଥିତପ୍ରଜ୍ଞ ହୋଇପାରେ। ଶାସ୍ତ୍ର ଅନୁଯାଇ ଦ୍ୱାପର ଯୁଗରେ ପ୍ରବଳ ପ୍ରତାପୀ କଂସକୁ ବଧ କରିବା ନିମନ୍ତେ ମାନବ ରୂପରେ ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଧରାବତରଣ କରିଥିଲେ ଭଗବାନ ବିଷ୍ଣୁ। ଏହା ଥିଲା ଭଗବାନ ବିଷ୍ଣୁଙ୍କ କୃଷ୍ଣ ଅବତାର। କଂସ ଦ୍ୱାରା ବନ୍ଦୀ ଭଗ୍ନୀ ଦେବକୀଙ୍କ ଗର୍ଭରୁ ବନ୍ଦିଶାଳାରେ ଅର୍ଦ୍ଧ ରାତ୍ରିରେ ରୋହିଣୀ ନକ୍ଷତ୍ର ବୃଷ ରାଶିର ସଂଯୋଗ ସମୟରେ କୃଷ୍ଣ ଜନ୍ମ ଲାଭ କରିଥିଲେ। ବନ୍ଦିଶାଳାରେ ଦିବ୍ୟବାଣୀ ମାଧ୍ୟମରେ ଦେବକୀ ଏବଂ ବସୁଦେବଙ୍କୁ ଭଗବାନ ବିଷ୍ଣୁ ଜଣାଇ ଦେଇଥିଲେ ତାଙ୍କର ଧରାବତରଣ ଉଦ୍ଦେଶ୍ୟ। ସେ ଦୁଷ୍ଟ ଶକ୍ତିର ବିନାଶ ଓ ଧର୍ମ ପ୍ରତିଷ୍ଠା ନିମନ୍ତେ ମାନବ ରୂପ ଧାରଣ କରିଥିଲେ ଏବଂ ତାଙ୍କର ମାନବ ଲୀଳା ହିଁ ପୃଥିବୀରୁ ସମସ୍ତ ପ୍ରକାର କଳୁଷ ନାଶ କରିଥିଲା । ସଂସାରକୁ କଂସର ଅତ୍ୟାଚାରରୁ ମୁକ୍ତ କରିବା ନିମନ୍ତେ ବ୍ରହ୍ମାଙ୍କ ସହ ଦେବଗଣଙ୍କ ଅନୁରୋଧ ରକ୍ଷାକରି କୃଷ୍ଣ ଜନ୍ମ ନେଇଥିଲେ ମଥୁରାରେ । ସମସ୍ତଙ୍କ ଅଗୋଚରରେ ଗୋପପୁରରେ ଜନ୍ମ ନେଇଥିବା ବିଜୁଳୀ କନ୍ୟାକୁ ବନ୍ଦୀଶାଳାକୁ ଆଣି ଶିଶୁ କୃଷ୍ଣକୁ ନେଇ ଗୋପପୁରରେ ନନ୍ଦରାଜାଙ୍କ ଘରେ ଛାଡ଼ିଦେଇ ଆସିବାକୁ ଭଗବାନ ବିଷ୍ଣୁ ଦିବ୍ୟବାଣୀ ମାଧ୍ୟମରେ ଆଗରୁ ଜଣାଇ ଦେଇଥିଲେ ବସୁଦେବଙ୍କୁ । ପରଂବ୍ରହ୍ମଙ୍କ ଆଜ୍ଞାକୁ ମାନି ପିତା ବସୁଦେବ ନବଜାତ ପୁତ୍ରକୁ କୋଳରେ ଧରି ଅନ୍ଧାର ରତିରେ ବାହାରିଲେ ଗୋପଲପୁର । ବନ୍ଦିଶାଳା ଦିବ୍ୟ ଆଲୋକରେ ଆଲୋକିତ ହୋଇଯାଇଥିଲା ସେଦିନ , ବସୁଦେବଙ୍କ ଗୋଡ଼ରୁ ବେଡ଼ି ଖୋଲି ଯାଇଥିଲା ଏବଂ ବନ୍ଦିଶାଳାର ଦ୍ୱାର ମଧ୍ୟ ଆପେଆପେ ଖୋଲି ଯାଇଥିଲା ମଧ୍ୟ ରାତ୍ରିରେ । ପ୍ରବଳ ବର୍ଷା ସାଙ୍ଗକୁ ଅନ୍ଧାର ରାତିରେ ବସୁଦେବ ପୁତ୍ରକୁ ନେଇ ଉଛୁଳି ଉଠୁଥିବା ଯମୁନା ନଦୀ ପାର ହେଇ ଗୋପପୁର ଯାଇଥିଲେ। ପ୍ରଭୁ ବର୍ଷାରେ ତିନ୍ତି ଯାଉଥିବାରୁ ବାଟରେ ନାଗରାଜା ଅନନ୍ତ ବାସୁକି ନିଜର ବିଶାଳ ଫଣା ଢାଙ୍କି ନିଜର ଭକ୍ତିର ପ୍ରମାଣ ଦେଇଥିଲେ ସେଦିନ। ସବୁ ବାଧାବିଘ୍ନ ଅତିକ୍ରମ କରି ଶ୍ରୀକୃଷ୍ଣଙ୍କୁ ନେଇ ନନ୍ଦରାଜାଙ୍କ ଘରେ ଛାଡିଥିଲେ ବସୁଦେବ ଆଉ ସେଠି ପୂର୍ବରୁ ଯଶୋଧାଙ୍କ ଠାରୁ ଜନ୍ମ ନେଇଥିବା ମାତା ଯୋଗମାୟାଙ୍କ ଅବତାର ବିଜୁଳି କନ୍ୟାକୁ ନେଇ ଫେରିଥିଲେ ବନ୍ଦୀ ଘରକୁ। ପ୍ରଭୁ ଶ୍ରୀକୃଷ୍ଣଙ୍କ ଏହି ପବିତ୍ର ଜନ୍ମ ଦିନକୁ ଜନ୍ମାଷ୍ଟମୀ ଭାବେ ପାଳନ କରାଯାଏ। ବୃନ୍ଦାବନରୁ ଶ୍ରୀକ୍ଷେତ୍ର ଯାଏଁ ପାଳିତ ହୋଇଥାଏ କୃଷ୍ଣଜନ୍ମ ଅର୍ଥାତ ଜନ୍ମାଷ୍ଟମୀ। ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଜନ୍ମାଷ୍ଟମୀ ସାରା ଭାରତ ବର୍ଷରେ ପାଳନ କରାଯାଉଥିବା ବେଳେ ଗୌଡିୟ ସମ୍ପ୍ରଦାୟ ପକ୍ଷରୁ ନବମୀ ଦିନ ଉଭୟ କୃଷ୍ଣଜନ୍ମ ଓ ନନ୍ଦୋତ୍ସବ ପାଳିତ ହୋଇଥାଏ। ହେଲେ ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ସମେତ ବିଭିନ୍ନ ମଠ ବାଡିରେ ଏହାକୁ ବେଶ୍ ଜାକଜମକରେ ପାଳନ କରାଯାଇଥାଏ। ଶ୍ରୀମନ୍ଦିରରେ କୃଷ୍ଣଜନ୍ମ ନିତି ବେଶ ସ୍ୱତନ୍ତ୍ର। ଏଠି ଯିଏ ଜନ୍ମ ନେବେ ସିଏ ଜନ୍ମ ଦେବେ। ଅର୍ଥାତ ସ୍ୱୟଂ ଜଗନ୍ନାଥ ମହାପ୍ରଭୁ ନିଜେ ଶ୍ରୀକୃଷ୍ଣଙ୍କୁ ନିଜ ଗର୍ଭରେ ଧାରଣ କରନ୍ତି ଆଉ ଜନ୍ମ ମଧ୍ୟ ଦେଇଥାନ୍ତି। ନିଜ ଭିତରୁ ନିଜେ ଜନ୍ମ ହେବା ଆଶ୍ଚର୍ଯ୍ୟର କଥା। ଏଥିପାଇଁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାପ୍ରଭୁଙ୍କ ଏହି ଅଦ୍ଭୁତ ପରମ୍ପରା ଦେଖିବା ପରେ ଲେଖିଥିଲେ 'ପ୍ରାଣ ସଜନୀରେ ଯାହା ମୁଁ ଦେଖିଲି ଆଜ, କହିବା ଲୋକଙ୍କୁ ପରତେ ନଯାଉ ଶୁଣିବା ଲୋକଙ୍କୁ ଲାଜ। ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଜନ୍ମାଷ୍ଟମୀ ହୋଇଥିଲେ ମଧ୍ୟ ଶ୍ରୀମନ୍ଦିରରେ ସପ୍ତମୀ ଠାରୁ ଏହି ନିତି ବଢିଥାଏ। ଗର୍ଭ ଧାରଣ ଠାରୁ ପ୍ରସବ ଓ ନାଭି କଟା ନିତି ଯଥାବିଧି ଅନୁସାରେ ସଂପାଦିତ ହୋଇଥାଏ। ଏଠି ଦେବକୀ ଆଉ କୃଷ୍ଣ ଅଲଗା ନୁହନ୍ତି ସେ ହେଉଛନ୍ତି ସେହି ଲୀଳାମୟ ଠାକୁର ଜଗନ୍ନାଥ ମହାପ୍ରଭୁ। ସପ୍ତମୀ ଦିନ ଶ୍ରୀମନ୍ଦିରରେ ଯେତେବେଳେ ସଂନ୍ଧ୍ୟାଧୁପ ବଢେ ସେତେବେଳେ ମହାପ୍ରଭୁଙ୍କ ଠାରେ ଗର୍ଭ ଉଦକ ଅର୍ଥାତ ଗର୍ଭ ଉତ୍ପତ୍ତି ବନ୍ଦାପନା କରାଯାଏ। ଫଳରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସ୍ୱୟଂ ଶ୍ରୀକୃଷ୍ଣଙ୍କୁ ଗର୍ଭ ଧାରଣ କରନ୍ତି। ତାପରେ ଗର୍ଭକଷ୍ଟ ଦୂର ହେବାପାଇଁ ମହାପ୍ରଭୁଙ୍କ ନିକଟରେ ଲାଗି କରାଯାଏ ଜେଉଟ ଭୋଗ। ଯାହା ଗର୍ଭ ଯନ୍ତ୍ରଣାକୁ ବେଶ୍ ଲାଘବ କରିଥାଏ। ସେହିଦିନ ବଡସିଂହାର ଭୋଗରେ ଲାଗୁଥିବା ସ୍ୱତନ୍ତ୍ର ପ୍ରସାଦକୁ ଜେଉଟ ଭୋଗ କୁହାଯାଏ। ଏଥିରେ ଶୋରିଷ, ଅଦା, ଗୋଲମରିଚ , ବାଇଗଣ ଆଦି ପଡି ରୋଷଶାଳାରେ ପ୍ରସ୍ତୁତ ହୋଇଥାଏ। ଏହା ସହ ବିରିପିଠା, ବିରିଝିଲ୍ଲି ଓ ଶୁଖିଲା ଭୋଗ ମହାପ୍ରଭୁଙ୍କୁ ଲାଗି ହୁଏ। ଏହି ସମଗ୍ର ପ୍ରସାଦକୁ ଜେଉଟ ଭୋଗ ବୋଲି କୁହାଯାଏ। ତାପରେ ଅଷ୍ଟମୀ ଦିନ ସ୍ୱୟଂ ଜଗନ୍ନାଥ ମହାପ୍ରଭୁ ଶ୍ରୀକୃଷ୍ଣଙ୍କୁ ଜନ୍ମ ଦେଇଥାନ୍ତି। ତାପରେ ଉତ୍ସବ ମୁଖର ହୋଇଉଠେ ଶ୍ରୀମନ୍ଦିରର ପୁରା ପରିବେଶ। ଭକ୍ତଙ୍କ ସୁଅ ଛୁଟେ। ମାତ୍ର ଏବର୍ଷ କରୋନା ମହାମାରି ଯୋଗୁଁ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ବନ୍ଦ ରହିଛି। ମହାପ୍ରଭୁଙ୍କୁ ଦର୍ଶନ କରି ନ ପାରି ସିଂହଦ୍ୱାର ଆଗରେ ଦିପ ଦାନ କରି ନିଜ ମନ ବୁଝାଉଛି ଭକ୍ତ।

ଭାଦ୍ରବ କୃଷ୍ଣ ଅଷ୍ଟମୀ ତିଥିରେ ଧରାବତରଣ କରିଥିଲେ ଲୀଳାମୟ ଠାକୁର ଭଗବାନ ଶ୍ରୀକୃଷ୍ଣ । ଏଥିପାଇଁ ସାରା ଭାରତ ଏବେ ଉତ୍ସବମୁଖର ହୋଇ ଉଠେ । ସବୁଠି ପରମ ପ୍ରେମମୟଙ୍କ ସ୍ୱାଗତ ପାଇଁ ଚାଲିଥାଏ ପ୍ରସ୍ତୁତି । ଶ୍ରୀକ୍ଷେତ୍ରରେ ମଧ୍ୟ ଆଡମ୍ବରରେ ପାଳିତ ହୋଇଥାଏ କୃଷ୍ଣଜନ୍ମ ଉତ୍ସବ । ଏଥିପାଇଁ ଶ୍ରୀମନ୍ଦିରରେ ପାଳିତ ହୋଇଥାଏ ସ୍ୱତନ୍ତ୍ର ନୀତି । ଜନ୍ମ ପୂର୍ବରୁ ସପ୍ତମୀ ଅବସରରେ କରାଯାଇଛି ଗର୍ଭ ଉଦକ ବନ୍ଦାପନା ଓ ଜେଉଟ ଭୋଗ । ଶ୍ରୀମନ୍ଦିର ସମେତ ସାଧାରଣ ଭକ୍ତ ମଧ୍ୟ ଘରେ ଘରେ କୃଷ୍ଣଜନ୍ମ ପାଳନ କରିଥିବା ବେଳେ ଗୌଡିୟ ମଠମାନଙ୍କରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବକୁ ତାପର ଦିନ ପାଳନ କରାଯାଏ । ଏହି ଅବସରରେ ଶ୍ରୀକୃଷ୍ଣଙ୍କୁ ନୂତନ ଆଭୁଷଣ ସହିତ ସର ଲବଣୀ ଭୋଗ କରାଯାଇଥାଏ। ହରିଜନ୍ମ ଅବସରରେ ସନ୍ଧ୍ୟାଧୂପ ଶେଷ ହୋଇ ଆଜ୍ଞାମାଳ ବିଜେ ପରେ ଭିତର କାଠ ନିକଟ ଭଣ୍ଡାର ଘର ସମ୍ମୁଖରେ କୃଷ୍ଣ ଜନ୍ମ ନୀତି କରାଯାଇଥାଏ । ଦକ୍ଷିଣୀ ଘରୁ ରତ୍ନସିଂହାସନକୁ ଶ୍ରୀମଦନ ମୋହନ ବାଳଗୋପାଳ ଭାବେ ବିଜେ କରାଯାଏ । ପରେ ଦୁଇଜଣ ମହାଜନ ସେବକ ଶ୍ରୀକୃଷ୍ଣଙ୍କ ଜନ୍ମ ନୀତି ପାଳନ କରିଥାନ୍ତି । ବାଳଗୋପାଳଙ୍କୁ ସରସ୍ୱତୀଙ୍କ ମନ୍ଦିର ଅର୍ଥାତ ଗୋପପୁରକୁ ନେବାବେଳେ ଉଗ୍ରସେନ ଅଟକାଇଥାନ୍ତି । ବାଳଗୋପାଳଙ୍କ ଉପରେ ସପ୍ତନାଗ ଆଢୁଆଳ କରି ନେବାସହ ମହାପ୍ରଭୁ ଉଗ୍ରସେନକୁ ନିଜର ପ୍ରକୃତ ରୂପ ଦେଖାଇଥାନ୍ତି । ତାପରେ ନାଟମଣ୍ଡପରେ ରାମକୃଷ୍ଣ ଖଟରେ ଝୁଲୁଥାନ୍ତି। ବାଳଗୋପାଳଙ୍କୁ ନାଭିକଟା ମଣ୍ଡପକୁ ନେଇ ନାଭିକଟା ନିତି ସମ୍ପର୍ଣ୍ଣ କରାଯାଏ। ମହାପ୍ରଭୁଙ୍କ ନିକଟରେ ମହାପ୍ରଭୁଙ୍କ ଅତି ପ୍ରୀୟ ଲହୁଣୀ , ସର ଆଦି ଲାଗି ହୋଇ କୃଷ୍ଣ ନିତି ସମ୍ପର୍ଣ୍ଣ କରାଯାଇଥାଏ । ପୁଜାପଣ୍ଡା ସେବକ ମାନେ ଏହି ନିତି ନିଷ୍ଠାର ସହ ସଂପାଦନ କରିଥାନ୍ତି । ପୁରୀ ସହରର ବିଭିନ୍ନ ମଠମାନଙ୍କରେ ଭଜନ କୀର୍ତ୍ତନ କରାଯାଇ ଭକ୍ତମାନେ ଉପବାସ ରହି ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ବ୍ରତ କରିଥାନ୍ତି । ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ସମେତ ବିଭିନ୍ନ ମଠରେ ମଧ୍ୟ ଏଥିପାଇଁ ବିଶେଷ ଆୟୋଜନ କରାଯାଇଥାଏ । ଏହି ଦିନ ସମଗ୍ର ଶ୍ରୀକ୍ଷେତ୍ର ଉଛବମୁଖର ହୋଇ ଉଠେ।



# ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ



ଡକ୍ଟର ଲକ୍ଷ୍ମଣ ସାହୁ

ଗୀତାରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି- 'ଯଦା ଯଦାହି ଧର୍ମସ୍ୟ ଗ୍ଳାନିର୍ଭବତି ଭାରତ / ଅଭ୍ୟୁତ୍ଥାନମ୍ ଅଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ । ପରିତ୍ରାଣାୟ ସାଧୁନାଂ ବିନାଶାୟଚ ଦୃଷ୍କୃତାମ୍ / ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।'

ଅର୍ଥାତ୍ ହେ ଅର୍ଜୁନ, ଯେତେବେଳେ ଓ ଯେଉଁ ଠାରେ ଧର୍ମର ଅପଚୟ ଘଟେ ଓ ଅଧର୍ମ ବିସ୍ତାର କରେ ମୁଁ ସେତେବେଳେ ଜନ୍ମ ଗ୍ରହଣ କରେ । ସାଧୁମାନଙ୍କୁ ମୁକ୍ତି କରିବା ପାଇଁ, ଦୃଷ୍ଟମାନଙ୍କୁ ବିନାଶ କରିବାପାଇଁ, ଧର୍ମକୁ ପୁନର୍ବାର ପ୍ରତିଷ୍ଠା କରିବା ପାଇଁ, ମୁଁ ଯୁଗେ ଯୁଗେ ଏହି ଧରାଧାମରେ ଅବତୀର୍ଣ୍ଣ ହୁଏ । ଅବତାର ଅର୍ଥ ଅବତୀର୍ଣ୍ଣ ହେବା, ଭକ୍ତମାନଙ୍କୁ ଦିବ୍ୟାନନ୍ଦ ପ୍ରଦାନ ନିମିତ୍ତ ଓ ଭଗବତ ଧର୍ମ ଠିକ ସ୍ଥାନରେ ଲାଗି ଦେବକୀଙ୍କ ଗର୍ଭରୁ ଭଗବାନ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ । ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ ସ୍ୱରୂପରେ ମାତା ଦେବକୀ ଓ ପିତା ବସୁଦେବଙ୍କୁ ଦର୍ଶନ ଦେଇଥିଲେ । ବାଳକ ରୂପରେ ଲୀଳା ଛଳରେ ଦୈତ୍ୟମାନଙ୍କୁ ସ୍ୱଧାମକୁ ପଠେଇ ପୃଥିବୀର ପାପ ଭାର ଲାଘବ କରିଥିଲେ । ବ୍ରହ୍ମା, ଶଙ୍କର ସନକାଦି ମୂନିଋଷିଙ୍କର ପୂଜ୍ୟ ହୋଇ ବି ସେ ସାଧାରଣ ବାଳକ ଭଳି ଲୀଳା କରୁଥିଲେ ।

ପୁରାଣରେ ବର୍ଣ୍ଣିତ ଅଛି ଦ୍ୱାପର ଯୁଗରେ ଭଗବାନ ବିଷ୍ଣୁ ମଥୁରା'ର ପ୍ରବଳ ପ୍ରତାପୀ କଂସକୁ ବଧ କରିବା ନିମନ୍ତେ ମାନବ ରୂପରେ ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଧରାବତରଣ କରିଥିଲେ । ଏହା ଥିଲା ତାଙ୍କର ଶ୍ରୀକୃଷ୍ଣ ଅବତାର । କଂସ ଦ୍ୱାରା ବନ୍ଦୀ ହୋଇଥିବା ଦେବକୀଙ୍କ ଗର୍ଭରୁ ବନ୍ଦିଶାଳାରେ ଅର୍ଧ ରାତ୍ରୀରେ ରୋହିଣୀ ନକ୍ଷତ୍ର- ବୃଷରାଶିର ସଂଯୋଗ ମାହେନ୍ଦ୍ର ବେଳାରେ କୃଷ୍ଣ ଜନ୍ମ ଲାଭ କରିଥିଲେ । ବନ୍ଦିଶାଳାରେ ମାତା-ପିତାଙ୍କୁ ଶ୍ରୀକୃଷ୍ଣ ଜଣାଇଥିଲେ ତାଙ୍କର ଆଗମନର ଉଦ୍ଦେଶ୍ୟ । ସେ ଦୁଷ୍ଟ ଶକ୍ତିର ବିନାଶ ଓ ଧର୍ମ ପ୍ରତିଷ୍ଠା ପାଇଁ ମାନବ ରୂପ ଧାରଣ କରିଛନ୍ତି, ଏବଂ ତାଙ୍କର ମାନବ ଲୀଳା ହିଁ ପୃଥିବୀରୁ ସମସ୍ତ ପ୍ରକାର କଳୁଷ ନାଶ କରିପାରିବ ବୋଲି ଦର୍ଶାଇଛନ୍ତି । କଂସର ଅତ୍ୟାଚାରରୁ ପୃଥିବୀକୁ ଭାର ମୁକ୍ତ କରିବା ନିମନ୍ତେ ବ୍ରହ୍ମାଙ୍କ ସହ ଦେବଗଣଙ୍କ ଅନୁରୋଧ ରକ୍ଷାକରି ସେ ମର୍ତ୍ତ୍ୟରେ ଅବତୀର୍ଣ୍ଣ ହୋଇଛନ୍ତି । ଗୋପରେ ନନ୍ଦରାଜାଙ୍କ ଘରେ ବାଲ୍ୟ ଲୀଳା କରିବେ । ରାକ୍ଷସ ନିପାତ ପାଇଁ ତାଙ୍କୁ ନନ୍ଦରାଜାଙ୍କ ଘରେ ରହିବାକୁ ପଡ଼ିବ, ତେଣୁ ସେଠାରେ ଜନ୍ମ ନେଇଥିବା ବିଜୁଳୀ କନ୍ୟାକୁ ବନ୍ଦୀଶାଳାକୁ ଆଣି ତାଙ୍କୁ ନେଇ ଗୋପପୁରରେ ନନ୍ଦରାଜାଙ୍କ ଘରେ ସମସ୍ତଙ୍କ ଅଗୋଚରରେ ରଖି ଆସିବାକୁ ପିତାଙ୍କୁ କହିଛନ୍ତି । ପରଂବ୍ରହ୍ମଙ୍କ ଆଜ୍ଞାକୁ ମାନି ପିତା ବସୁଦେବ ନବଜାତ ପୁତ୍ରକୁ କୋଳରେ ଧରି ଅନ୍ଧାର ରାତିରେ ଗୋପପୁର ଯାଇଛନ୍ତି । ଜଗନ୍ନାଥ ଦାସଙ୍କ 'ଭାଗବତ' ବର୍ଣ୍ଣିତ କଥାମୃତ ଅନୁଯାୟୀ କୃଷ୍ଣଙ୍କ ଜନ୍ମ ବେଳେ ବନ୍ଦିଶାଳା ଦିବ୍ୟ ଆଲୋକରେ ଆଲୋକିତ ହୋଇଗଲା, ବସୁଦେବଙ୍କ ଗୋଡ଼ରୁ ବେଡ଼ି ସହ ବନ୍ଦିଶାଳାର ଦ୍ୱାର ମଧ୍ୟ ଆପେଆପେ ଖୋଲିଗଲା । ପ୍ରବଳ ବର୍ଷା ସାଙ୍ଗକୁ ଘନ ଅନ୍ଧାର ରାତିରେ ବସୁଦେବ ପୁତ୍ରକୁ ନେଇ ଉଛୁଳି ଉଠୁଥିବା ଯମୁନା ନଦୀ ପାର ହେଇ ଗୋପପୁର ପହଞ୍ଚିଲେ । ପ୍ରଭୁ ବର୍ଷାରେ ତିନ୍ତି ଯାଉଥିବାରୁ ବାଟରେ ନାଗରାଜା ଅନନ୍ତ ବାସୁକି ନିଜର ବିଶାଳ ଫଣା ଢାଙ୍କି ଚାଲିଲେ । ବସୁଦେବ ସବୁ ବାଧାବିଘ୍ନ ଅତିକ୍ରମ କରି ଶେଷରେ ଶ୍ରୀକୃଷ୍ଣଙ୍କୁ ନନ୍ଦଘରେ ଛାଡିଥିଲେ । ତେଣୁ ପ୍ରତ୍ୟେକ ବର୍ଷ ପ୍ରଭୁ ଶ୍ରୀକୃଷ୍ଣଙ୍କ ଏହି ପବିତ୍ର ଜନ୍ମ ଦିନକୁ ଜନ୍ମାଷ୍ଟମୀ ଭାବେ ପାଳିତ ହୋଇ ଆସୁଛି ।

ମାନବ ଜାତିର ଉନ୍ନତିକଳ୍ପେ ଭଗବାନ ଶ୍ରୀକୃଷ୍ଣ ଭିନ୍ନ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇ ଲୀଳା କରିଥିଲେ । ମହାଭାରତ ଯୁଦ୍ଧକୁ ଏଡେଇବା ପାଇଁ ଶାନ୍ତିର ବାର୍ତ୍ତାନେଇ ଦୁର୍ଯ୍ୟୋଧନଙ୍କ ନିକଟକୁ ହସ୍ତିନା ଗମନ କରିଥିଲେ । ସେଠାରେ ପଂରବ୍ରହ୍ମ ଶ୍ରୀକୃଷ୍ଣ ଶାନ୍ତିଦୂତର ଭୂମିକା ନିଭାଇ ଥିଲେ । ମହାଭାରତ ଯୁଦ୍ଧକ୍ଷେତ୍ରରେ ପ୍ରିୟ ସଖା ଅର୍ଜୁନଙ୍କ ରଥର ସାରଥୀ ସାଜି ରଥକୁ ସୂଚାରୁ ରୂପେ ଚାଳନା କରିଥିଲେ । ଯୁଦ୍ଧର ପ୍ରାରମ୍ଭରେ ନିଜର ଜ୍ଞାତି, କୁଟୁମ୍ବମାନଙ୍କୁ ଅବଲୋକନ କରି ଅର୍ଜୁନଙ୍କ ମନରେ ବିଷାଦ ଆସିଥିଲା ଓ ଯୁଦ୍ଧ ନକରିବା ପାଇଁ ଶ୍ରୀକୃଷ୍ଣଙ୍କୁ ମନାକରି ଦେଇଥିଲେ । କିନ୍ତୁ ଭଗବାନ କୃଷ୍ଣ ଗୁରୁ ରୂପରେ ଅବତୀର୍ଣ୍ଣ ହୋଇ ଅର୍ଜୁନଙ୍କୁ ଗୀତାଜ୍ଞାନ ପ୍ରଦାନ କରି ଧର୍ମସ୍ଥାପନ ପାଇଁ ଯୁଦ୍ଧ କରିବାଲାଗି ତାଙ୍କୁ ପ୍ରବର୍ତ୍ତାଇଥିଲେ । କୂଟନୀତି ପ୍ରୟୋଗ କରି ପାଣ୍ଡବମାନଙ୍କୁ ଯୁଦ୍ଧରେ ବିଜୟୀ କରିଥିଲେ । ଶ୍ରୀକୃଷ୍ଣ ଥିଲେ ବିଚକ୍ଷଣ କୂଟନୀତିଜ୍ଞ । ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କୁ ନିମିତ୍ତମାତ୍ର କରି ମାନବ ସମାଜକୁ ଯେଭଳି ସାଂଖ୍ୟଯୋଗ, କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗର ଶିକ୍ଷାପ୍ରଦାନ କରିଛନ୍ତି,ତାହାକୁ ପାଥେୟ କରି ବିଷୟାସକ୍ତ ଅଜ୍ଞାନ ଜୀବ ନିଜର ସାଧାରଣ ଜୀବନରେ ବାସ୍ତବ ସମସ୍ୟାକୁ ଉପଲବ୍ଧି କରି ନିଜକୁ ଉଦ୍ଧାର କରୁଛନ୍ତି । ଏହା ଭଗବତ ଗୀତା ନାମରେ ବିଶ୍ୱ ବିଖ୍ୟାତ ପାଲଟି , ବିଶ୍ୱ ସାହିତ୍ୟ ଭଣ୍ଡାରରେ ଏକ ଅନନ୍ୟ ସ୍ଥାନ ଅଧିକାର କରିଛି । ଏଥିରେ ରଚିତ ହେଇଥିବା ଭଗବାନ ଶ୍ରୀକୃଷ୍ଣଙ୍କର ମୁଖନିଃସୃତ ବାଣୀ ଦିବ୍ୟ ଓ ସନାତନ ପୂଜିତା ।

ଏସବୁ ଦୃଷ୍ଟିରୁ ଭାଦ୍ରବମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିକୁ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମଦିବସ ବା ଜନ୍ମାଷ୍ଟମୀ ରୂପେ ପାଳନ କରାଯାଉଛି ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## କବିତା କୋଣାର୍କ

### ଗାଆଁର ଦର୍ଶନୀୟ ସ୍ଥାନ
ନିରଞ୍ଜନ ସାହୁ

ଆମ ଗାଆଁରେ ରହିଛି କେତେ
ଦେଖିବା ଭଳି ସ୍ଥାନ
ଆଖି ପୁରାଇ ଦେଖିଲେ ତାକୁ
ଭୁଲିପାରେନା ମନ ।
ଗାଆଁ ବାହାରେ ଗ୍ରାମଦେବତୀ
ବେଢ଼ାଟି ମନୋହର
ପୂଜା କରଇ ଦେହୁରୀ ଭାଇ
ଭକ୍ତିରେ ଭରପୂର ।
ଗାଆଁର ପୂର୍ବ ଦିଗରେ ବିଜେ
ମଙ୍ଗଳମୟ ଶିବ
ଅତି ସୁନ୍ଦର ଦେଉଳେ ବିଜେ
ପାର୍ବତୀ ମହାଦେବ ।
ଉତ୍ତର ଦିଗେ ବିରାଜିଛନ୍ତି
ସୂର୍ଯ୍ୟଙ୍କ ସୁତ ଶନି
ମନ୍ଦିରେ ନେତ ଉଡଇ ଧୀରେ
ଦୂର କରନ୍ତି ହାନୀ ।
ଦକ୍ଷିଣ ଦିଗେ ଦେଉଳେ ବିଜେ
ଶ୍ରୀରାମ ଦୂତ ହନୁ
ସର୍ବ ସଙ୍କଟ କରନ୍ତି ଦୂର
ଭୟ ହଟଇ ମନୁ ।
ପଶ୍ଚିମ ଦିଗେ ଜଗନ୍ନାଥଙ୍କ
ମନ୍ଦିର ଶୋଭାପାଏ
ଗାଆଁ ମଝିରେ ରାଧାମୋହନ
ଦୋଳ ମଣ୍ଡପ ଥାଏ ।
ଗାଆଁ ଭିତରେ ଗାଦୀ ଗୋସାଇଁ
ରଘୁନାଥଙ୍କ ମଠ
ସଭିଙ୍କ ପ୍ରିୟ ବିଦ୍ୟା ମନ୍ଦିର
ପିଲେ ପଢ଼ନ୍ତି ପାଠ ।
ଗାଆଁ ବାହାରେ ପାଞ୍ଚ ପୋଖରୀ
ସତେ କି ପଞ୍ଚ ତୀର୍ଥ
ଗାଆଁ ଠୁଁ ଖଣ୍ଡେ ଦୂରେ ଶ୍ମଶାନ
କହେ ଜୀବନ ଅର୍ଥ ।ଞ୍ଜଞ୍ଜଞ୍ଜଞ୍ଜ

+ନିହଳପ୍ରସାଦ , ଗଁଦିଆ ପାଟଣା
ଢ଼େଙ୍କାନାଳ-୭୫୯୦୧୬
ମୋ: ୯୯୩୮୭୪୧୫୮୩



### ଶ୍ରୀକୃଷ୍ଣ
ନଗେନ୍ଦ୍ର ନାଥ ପଟ୍ଟନାୟକ

ବର୍ଷଣମୁଖର ଅମା ଅନ୍ଧକାର
ରଚିଲ ବୈକୁଣ୍ଠେ ଥାଇ
ଜନମିଲ ମା ଦେବକୀଙ୍କ କୋଳେ
ନିଶବ୍ଦ ହୋଇଲା ମହୀ ।
ମାମୁଁ ବନ୍ଦିଶାଳେ ଖେଳିଗଲା ଆଭା
ସବୁରିଙ୍କ ଅଗୋଚରେ
ଗୋପରେ ଖେଳିଲା ଆନନ୍ଦଲହରୀ
ନାଚିଲେ ଗୋପୀଏ ଭୋଳେ ।
ଦୁଷ୍ଟମାମୁଁ ଅତ୍ୟାଚାରୁ ବରଡିଲ
କୂଟ-କଉଶଳ ବଳେ
ମାରିଲ ପୁତନା ଶକଟାକୁ ତୁମେ
ହରି ତା'ର ବିଶ ଖରେ ।
ଗୋପୀ ଗୋପାଳଙ୍କ ସଙ୍ଗେକଲ ଲୀଳା
କାଳନ୍ଦୀ ହ୍ରଦକୁ ଯାଇ
କାଳୀୟ ନାଗର ବିଷ କଲ ନାଶ
ବଂଶୀସ୍ୱନେ ଗୀତ ଗାଇ ।
ତୁମ ଆଗମନେ ଚାଲିଗଲା ପ୍ରାଣ
ଦୁଷ୍ଟମାମୁଁ ପିଣ୍ଡୁ ଶେଷେ
ସାଙ୍ଗ କଲ ଲୀଳା ମରତ ପୁରରେ
ସତ୍ୟ ସ୍ଥାପନର ଆଶେ ।

+୯୯୯-୩,ଜଗମୋହନ
ନଗର.ଜାଗମରା,ଖଣ୍ଡଗିରି
ଭୁବନେଶ୍ୱର,
ମୋ-୯୪୩୮୩୩୨୧୩୮

### ଜନ୍ମାଷ୍ଟମୀ
ଝରଣା ବାରିକ

ଚାରି ମେଘ ସିନା ଏକାଠି ହୋଇଲେ
ବିଜୁଳି କାଢିଲା ବାଟ,
ବରଷା ରୁ ସପ୍ତ ଫେଣୀ ରକ୍ଷା କଲା
ଉଛୁଳେ ଯମୁନା ଘାଟ।
କେତେ ସେ ନେହୁରା
ହୋଇଲା ତୁମକୁ
ପାଦ ଧୋଇ ଦେବ ବୋଲି,
ବସୁଦେବଙ୍କର ନାଶା ଅଗ୍ରେ ପାଣି
ଉଛୁଳି ଛୁଇଁଲା ଚାଲି।
ପ୍ରହରୀ ଆଖିରେ ନିଦ ଭରିଦେଲ
ଖୋଲିଲା ଶିକୁଳି ତାଲା,
ତୁମକୁ କିଏ ଯେ କରିବ ସେ ରକ୍ଷା
ତୁମେ ତ ରଖିଲା ବାଲା।
ଅଷ୍ଟମ ଗର୍ଭ ରେ ଜନମିଲ ତୁମେ
ଦେବକୀର ପୁତ୍ର ହୋଇ,
ଗୋପପୁରେ ରହି ଯଦୋଶାର ଧନ
ଗୋପିଙ୍କୁ କରିଲ ବାଇ।
ନନ୍ଦର ନନ୍ଦନ ଯଶୋଦା ଜୀବନ
ଦେବକୀ ର ଗଳା ମାଳି,
ଭଲରେ ଡାକିଲେ ଶୁଭେନା ତୁମକୁ
ଭାରି ଭଲ ଲାଗେ ଗାଳି।
ଭାଦ୍ରବ ମାସର କୃଷ୍ଣ ପକ୍ଷ ଆସେ
ଅଷ୍ଟମୀ ପଡଇ ଯେବେ,
ତୁମ ଜନ୍ମ ଦିନ ପାଳନ କରନ୍ତି
ଜନ୍ମାଷ୍ଟମୀ ରୂପେ ସର୍ବେ।

+ସମଲ, ତାଳଚେର, ଅନୁଗୋଳ

### ନନ୍ଦପୁଅ କି ନ କଲା !
ଅମରନାଥ ବାରିକ୍

ଶୁଣ ଲୋ ଲଳିତା ଶୁଣ ଲୋ ବିଶାଖା
ଏ ବଡ଼ ସରମ କଥା
ଶୁଣିଲେ ସଜନୀ ଯାହା ସେ କରିଛି
ଘୂରିଯିବ ତୁମ ମଥା ।
ନନ୍ଦପୁଅ କାହ୍ନା ବକଟେ ବାଳକ
ଅବୋଧରେ ତାକୁ ଗଣି
ଅଧ ରାତିଟାରେ ଘରେ ପଶି ମୋର
ଟାଣୁଥିଲା ମୋ ଓଢ଼ଣୀ।
ଯେତେ ବୁଝାଇଲେ ସିଏ କି ବୁଝିଲା
କରୁଥିଲା ତ ହେରାଡି
ମୋ ପାଖେ ଗେରସ୍ତ
ଶୋଇଥିଲେ ବୋଲି
ଥରୁଥିଲା ମୋର ଛାତି।
ଟାଣି ଓଟାରି ମୋ ହାତକୁ ଓଠକୁ
କହିଲା ବିକଳ ହୋଇ
ଦିଅ ଫେରେଇ ମୋ ବଂଶୀ
ମୋତେ ସଖୀ
ତା' ବିନୁ ଗତି ମୋ ନାହିଁ।
ତୁମେ ଆସୁଥିଲ ଯମୁନା ତଟରୁ
କାଖରେ ଧରି କଳସୀ
ମୁଁ ଯେ ବସିଥିଲି କଦମ୍ବ ଡାଳରେ
ବଇଁଶି ମୋ ଗଳା ଖସି।
ଅଛି ସେ ତୁମର ପାଣି କଳସୀରେ
ଦିଅ ଆଣି ମୋତେ ବାରେ
ପାଇଗଲେ ମୋର ସୁନା ବଇଁଶିକୁ
ଚାଲିଯିବି ମୁହିଁ ଧିରେ।

+କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
ମୋ: ୯୫୪୦୩୦୮୦୯୫

### ସେ କେମିତିକା ଦେଶ
ସୁବ୍ରତ ମଲିକ

ସେ କେମିତିକା ଦେଶ !
ଯେ ଦେଶର ଲୋକେ
ଭୋଗନ୍ତି ନାହିଁ
ସର୍ବନିମ୍ନ ମୌଳିକ ଅଧିକାର
ବାକ ସ୍ୱାଧୀନତାଠୁ ମୁକ୍ତ ଭ୍ରମଣର
ସ୍ୱାଧୀନତା ଯାଏ
ଯଦିଓ ଚନ୍ଦ୍ରକୁ ଛୁଇଁଲାଣି ବିକାଶ ।
ସେ କେମିତିକା ଦେଶ !
ଯେ ଦେଶ ଦିଏନି ସଭିଙ୍କୁ
ଶିକ୍ଷା ଲାଭର ସୁଯୋଗ
ଲିଙ୍ଗଗତ ଆଧାର ସାଜେ
ଯୋଗ୍ୟତାର ମାପଦଣ୍ଡ
ପ୍ରତିଭାର କରାଯାଇ କଣ୍ଠରୋଧ...
ସେ କେମିତିକା ଦେଶ
ଯେ ଦେଶର ନାରୀ ହୁଏ ନିଲାମ
ବିଚ ବଜାରେ
ଶାଗ ମାଛ ଦରରେ
ସ୍ୱାଭିମାନକୁ ତା' ଢଙ୍କାଯାଇ
କେଇ ହାତ କଳା କପଡ଼ାରେ ।
ସେ କେମିତିକା ଦେଶ !
ଯେ ଦେଶର ଶାସକ
ହୋଇ ଜିହାଦ ପ୍ରପୀଡ଼ିତ
ଶାସିତଙ୍କୁ କରେ ଉତ୍ପୀଡ଼ିତ
ମୃତ୍ୟୁ ପରେ ସ୍ୱର୍ଗ ପାଇବା ଆଶାରେ
ମର୍ତ୍ତ୍ୟପୁର କରେ ରକ୍ତରଂଜିତ
ସେ କେମିତିକା ଦେଶ !
ହଁ, ସେ କେମିତିକା ଦେଶ ।

+କୋରୁଆ,ଅସୁରାଳି, ଭଦ୍ରକ
୭୫୬୧୩୭,୭୦୦୮୩୧୫୯୧୬

### ଧରା ଅମୃତ
ବିଜୟଲକ୍ଷ୍ମୀ ପାଣିଗ୍ରାହି

ସୁନ୍ଦର ସୃଷ୍ଟିରେ ସୁନ୍ଦର କଳ୍ପନା
କରିଛନ୍ତି ଭଗବାନ।
ଅମର ହୁଅନ୍ତି ସ୍ୱର୍ଗର ଦେବତା
କରି ଅମୃତ ସେବନ।

ମର୍ତ୍ତ୍ୟର ମାନବ ନୁହେଁ କେବେ ହୀନ
ସିଏ ବି ଦେବତା ତୁଲ୍ୟ
ଧରାରେ ରହିଛି ଅମୃତ ଭଣ୍ଡାର
ଦେଇ ହେବନି ତା ମୂଲ୍ୟ।

ଶରୀର ରୁଗୁଣ ହୋଇଲେ ଜୀବନ
ମରଣ ହୁଅଇ ସିନା
ମାଆ କ୍ଷୀର ଯଦି ପିଇଥିବ ଛୁଆ
ରୋଗକୁ ଜମା ଡରନା।

ରୋଗ ପ୍ରତିରୋଧ ଶକତି ରହିଛି
ମାଆର ସ୍ତନ୍ୟପାନରେ
ସଚେତନ ହେଲେ ପ୍ରତ୍ୟେକ ଜନନୀ
ଛୁଆ ରହିବ ସୁସ୍ଥରେ।

ସେ ପାଇଁ ପାଳୁଛୁ ସପ୍ତାହ ପର୍ଯ୍ୟନ୍ତ
ସ୍ତନ୍ୟପାନର ଦିବସ
ମାଆ ଭଉଣୀଏ ହୁଅ ଆଗଭର
ଶିଶୁ ରୋଗ ହେବ ନାଶ।

ସୁସ୍ଥ ଶରୀର ସୁସ୍ଥ ସମାଜ
ଅଛି ଆମରି ହାତରେ ।
ଶିଶୁ ସ୍ତନ୍ୟପାନେ ହୁଅ ଆଗୁସାର
ମରତ ହସୁ ଖୁସିରେ।

+ ଶିକ୍ଷୟିତ୍ରୀ ,କୁନ୍ଦୁରା
ଜୟପୁର, କୋରାପୁଟ
(ମୋ)୮୨୪୯୪୫୦୦୫୦

## ଚିଠି ଲେଖିବି

### ନୀହାରିକା ରାୟ ବରାଳ



ଯଦି ମୁଁ କେବେ ମନେପଡ଼ିବି ତ
ମତେ ଚିଠି ଲେଖିବ
ତମ ସ୍ମୃତିର ଆକାଶରେ
ବାଦଲ ପରି ଭାସି ବୁଲୁଥିବା ଅତୀତ
କେବେ ଅଦିନିଆଁ ବର୍ଷାପରି ବର୍ଷିଯିବତ
ମତେ ଚିଠି ଲେଖିବ ।

ଜୀବନ ରାସ୍ତାରେ ଚାଲୁ ଚାଲୁ
କିଛି ମୋଡ଼ ଆସିଯିବ ସମ୍ପର୍କରେ
ଆମ କାହାଣୀର ଅୟରା ଆରମ୍ଭ
କି ଶେଷ ପୃଷ୍ଠାର ଯବନୀକା
କେବେ ଯଦି ଝରିଯିବ ଲୁହ ହୋଇ
ଆଉ ଝାପ୍‌ସା ଦିଶିବ ଅକ୍ଷର ତ
ମତେ ଚିଠି ଲେଖିବ ।

ଆମର ଖୁବ୍ ବେଶୀ ଅଭିମାନ, ଜିଦ୍‌ପଣର
ଚକ୍ରବ୍ୟୂହରୁ ବାହାରିବା ମୁସ୍କିଲ ଥିଲା
ମିଶାଣ ଫେଡ଼ାଣର ନିକିତିରେ
କେବେ ଅବଦମିତ କୋହକୁ ତଉଲିବ ତ
ମତେ ଚିଠି ଲେଖିବ ।

କିଛି ଜିଦ୍‌ଖୋର ପଣର ଗହଣା
ମୋ ପାଖେ ଥିଲା
କିଛି ଅଂହର ପୋଷାକ ତମେ ପିନ୍ଧିଥିଲ,
ସକାଳର ଦୁବ ଘାସରେ କାକର ବିନ୍ଦୁପରି
କେବେ ଯଦି ଅନୁରାଗର
ଅଂଗୀକାର ଖୋଜିବ ତ
ଆମ ନାମ ଫଳ କାଢ଼ିବା ପୂର୍ବରୁ

ସମ୍ପର୍କର କାନିରେ କିଛି ଯନ୍ତଣାର ଫୁଲ ବାନ୍ଧିବ
ନୀରବତାର ଛୁଞ୍ଚିରେ
ଶବ୍ଦ ମାନଙ୍କୁ ସିଇଁଲା ବେଳେ
ଯଦି ମୁଁ ମନେ ପଡ଼ିବି ତ
ମତେ ଚିଠି ଲେଖିବ ।

ଭୁଲ ବୁଝାମଣାର କୋଠରୀରେ
ପଶ୍ଚାତାପର ଆଲୁଅ ଜାଳି
ଯେବେ ଭାବନାର ଅଗଣାରେ ଟହଲୁଥିବ
କାହାର ଅଦୃଶ୍ୟ ହାତର ସ୍ୱର୍ଶ ପରି
ପବନ ଆଉଁଷି ଆଣିବ
ତମ କପାଳର ସ୍ୱେଦ ବିନ୍ଦୁକୁ ତ
ମତେ ଚିଠି ଲେଖିବ ।

କେବେ କେବେ ପ୍ରଗଲ୍‌ଭତାର ସୂକ୍ଷ୍ମସତ୍ତା
ବିଶ୍ୱାସର ଏକ୍ଲାପଣ ଅତିକ୍ରମ କରିଯାଏ ତ
ତାକୁ ଫେରାଇ ଆଣିବାକୁ ଚେଷ୍ଟା କରିବ
ନିହାତି ନିଃସଙ୍ଗତାର ବଂଶୀ
କେବେ ଯଦି ମୋ ନାଁ ଧରି ବିଳାପୁ ଥାଏ ତ
ମତେ ଚିଠି ଲେଖିବ ।

+ 'ଅନୁରାଗ'
ବି/୧୦, ପ୍ରତିଭା ଏନକ୍ଲେଭ
ବିଜେବି ନଗର
ଭୁବନେଶ୍ୱର-୧୪

## ମୋ ପ୍ରଶ୍ନର ଜବାବ କିଏ ଦେବ ?

### ଯଶୋଧାରା ଦାସ

ଆଜିକାଲି ମୁଁ କ'ଣ ଆଉ
ଚିତାରେ ଜଳୁଛି
ନା ଶ୍ୱେରଂଗର ବସ୍ତ୍ର ପିନ୍ଧି ହବିଷ କରୁଛି
ମୁଁ ତ କେବେଠୁ ବଦଳି ଯାଇଛି
ଲତାରୁ ବୃକ୍ଷ ହୋଇ ।
ସବୁଠି ମୋର ସ୍ୱାକ୍ଷର
ପୃଥିବୀରୁ ଅନ୍ତରୀକ୍ଷ ଯାଏ
ମୋର ବେଶ ପୋଷାକ,
ଆଦବ କାଇଦା
ସବୁକିଛି ବଦଳି ଯାଇଛି ପୁଅଟିଏ ପରି
ତଥାପି କାହିଁକି ଦେବୀ ମଣ୍ଡପରେ
ମୋର ପୂଜା ହେଉଥିଲା ବେଳେ
ମଣ୍ଡପ ପଛ ପୋଖରୀରେ
ଭାସିଯାଉଛି ମୋର ରକ୍ତାକ୍ତ
ଶିଶୁ ଶରୀର
ମୁଁ ଯେତେ ବଦଳିଲେ ବି
ବଦଳୁ ନାହିଁ ଏ ସମାଜ
କେଉଁଠି ପରୀ ତ କେଉଁଠି ଝରାଫୁଲ
ନିଇତି କାଗଜ ପୃଷ୍ଠାରେ ଖବର
କେବେ ବଦଳିବ ଏ ମାନସିକତା
କିଏ ବଦଳେଇବ ଏ ସମାଜ ?
ଏ ପ୍ରଶ୍ନର ଉତ୍ତର କିଏ
ଦେବ ମୋତେ ?

+ ଗୋପାଳଗାଁ,ବାଲେଶ୍ୱର

## ସମ୍ପର୍କ

### ବିଜୟ କୁମାର ନାୟକ

ମୁଁ ଜାଣେନା ତୁମ ସହିତ ସମ୍ପର୍କ କଣ
କେବଳ ଏତିକି ଅନୁଭବ କରୁଛି
ଦିନରେ ଅନ୍ତତଃ ଥରୁଟିଏ ନ ଦେଖିଲେ
ଛୀନବିଣାର ସୁର ବେସୁରା ଭଳି

ତୁମକୁ ଅତି ପାଖରେ ପାଇବା ପାଇଁ
ମନର ଭାଷା ଓଠର ଏରୁଣ୍ଡି
ଡେଇଁ ଆସିଲା ବେଳେ
ଉଦାସିଆ ଆଖି ଦୁଇଟି ଛଳଛଳ ହୁଏ

ମୋ ପ୍ରତି ତୁମର କଣ ଭାବନା
ଅଛି ମୁଁ ଜାଣି ନାହିଁ,
କିନ୍ତୁ କାହିଁକି କେଜାଣି ଏ ମନ ତମକୁ
ଦେଖିବାକୁ ବାରମ୍ବାର ଅପେକ୍ଷା କରିଥାଏ,
ହେ ପ୍ରିୟତମା, ତମର ଶୀତଳ ସ୍ୱର୍ଶ ପାଇବାକୁ
ଏ ମନ ଚାତକ ପରି ଚାହିଁ ବସିଛି,
ତୁମର ଲାଜ ଲାଜ ଓଠ ଆଉ ଖିଲିଖିଲି ହସ
ମୋ ହୃଦୟକୁ ପାଗଳ କରି ଦେଉଛି ।

+ ସମାଜସେବୀ ଏବଂ ଲେଖକ
କେନ୍ଦ୍ରାପଡା

## ହେ ପ୍ରଭୁ ବାରେ ଶାନ୍ତ ହୁଅ

### ପ୍ରଦୀପ୍ତ ଆଚାର୍ଯ୍ୟ



ଚାରିଆଡେ ହାହାକାର,
ଶୁଭୁଛି ଚିତ୍କାର ଖାଲି,
ପ୍ରଭୂ ରକ୍ଷାକର, ପ୍ରଭୂ ରକ୍ଷାକର,
କିନ୍ତୁ ହେ ଈଶ୍ୱର, କଣ ପାଇଁ, କେଉଁଥିପାଇଁ
ତୁମର ଏ ମୌନାବତାର ?
ତୁମ ହସ୍ତେ ଗଢା ଏ ସୁନ୍ଦର ସୃଷ୍ଟି,
ସତେ କଣ ହୋଇଯିବ ନାରଖାର ?
ଏ ମୂଢ ମନୁଷ୍ୟକୁ ବାରେ କ୍ଷମା କର ।
ନାହିଁ ତାର ଆଉ ସେହି ଦମ୍ଭ ଅହଂକାର ।
ତୁମେ ତ ଜାଣିଛ,
ଏ ମନୁଷ୍ୟ, କେତେ ସ୍ୱାର୍ଥପର,
ସମ୍ପଦରେ ଥିବା ବେଳେ,
କାହାରିକୁ କରେନା ଖାତର ।
ବିପଦରେ ପଡି ଯେବେ, ହୁଏ ଅଣାୟତ,
ନିଜର ପ୍ରଚେଷ୍ଟା ଯଦି, ଶକ୍ତି ବର୍ହିଭୁତ,
ସେତିକି ବେଳକୁ ସିଏ, ଯୋଡି ଦୁଇହସ୍ତ,
ଆକୁଳେ ଡାକଇ ପ୍ରଭୂ, ମୋତେ ରକ୍ଷାକର ।
ହେ ଜଗଦୀଶ୍ୱର, ହେ ଚକ୍ରଧର,

ଧର୍ମ ନାମେ ରାଜନୀତି,
ଧର୍ମ ନାମେ ଭ୍ରଷ୍ଟାଚାର,
ସେଇଥିପାଇଁ କଣ ତୁମ କଲ୍‌କୀ ଅବତାର ?
ହେ ପ୍ରଭୁ ବାରେ ଶାନ୍ତ ହୁଅ,
ପେଶିଥିବା କରୋନା ଚକ୍ରକୁ,
ତୁମ ଆୟତକୁ ନିଅ ।
କ୍ଷମା ଥରେ କରିଦେଇ, ସଦ୍‌ବୁଦ୍ଧି ଦିଅ
ହେ ପ୍ରଭୁ ବାରେ ଶାନ୍ତ ହୁଅ,

+ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀବ୍ରହ୍ମପୁର, କଟକ
(ମୋ)୬୩୭୧୫୯୩୨୨୦

## ପରାଜିତ ବିଜୟୀ

### ଦିବାକର ନାୟକ



ଏ ଆକାଶ ମୋର ଏ ପୃଥିବୀ ମୋର
ପାରିବି ସିନା ମୁଁ କହି
ନିଜ ଦେହେ ମନ ନିଜର ବୋଲି ମୁଁ
ଆଜି କହି ପାରୁନାହିଁ (୦)

ଭାବିନେଲି ଯେବେ ଶାହାଜାହାନ ମୁଁ
ମୋଗଲର ବାଦଶାହା
ମମତାଜ ପାଶେ ହୃଦୟ ଦେଇ ମୁଁ
ନିଜକୁ ହାରିଛି ଯାହା

ଏ ବଗିଚା ମୋର ତରୁଲତା ମୋର
ପାରିବି ସିନା ମୁଁ କହି
ଫୁଲ ଯେ କାହାକୁ ମନ ଦେଇନାହିଁ
ଆଜି କହି ପାରୁନାହିଁ (୧)

ମହାଭାରତରେ କୃଷ୍ଣ ଯା ଚାହିଁଲେ
ସଭିଏଁ ତ ଜିତିଗଲେ
ହେଲେ ରାଧିକାର ପ୍ରେମରେ ହାରି ସେ
ପାଦ ପରା ଧରିଥିଲେ

ସବୁ କିଛି ମୋର କହି ହେବ ସିନା
ହୃଦୟକୁ ଛାଡ଼ିଦେଇ
ସେ ଭଳି ମୁଁ ମୋର ହୃଦୟ ହାରି ମୁଁ
ଭାବେ ସବୁ ଗଲି ପାଇ (୨)

+ ପାଟପୁର, କନିସି-୭୬୧ ୦୦୮,
ଗଞ୍ଜାମ
(ମୋ)୯୯୩୮୬ ୧୯୯୮୧

## ମରୁଡି

### ଆନନ୍ଦ କୁମାର ମାଇତି



ଏସବୁ ପରେ ସେମାନେ ଆସିବେ
ଫର୍ଚ୍ଚା ଆକାଶ ମାଗରେ
ଝରକା ଦେଇ ଗଳି ଦେଖିବେ
ଯୋଜନ ଦୂରତାର ଶୂନ୍ୟତା,
ପ୍ରକୃତିର ନିଃସଙ୍ଗତା
ଭୋକିଲା ମାଟିର ମାରାତ୍ମକ ଦୁଃଖକୁ
ଭୋକ କେମିତି ଆଁ କରିଛି
ପୂଳା ପୂଳା ଭୋକକୁ ଗିଳିବା ଲାଗି ।
ପ୍ରକୃତରେ ଏସନ
ଖରାରେ ନିଆଁ ଲାଗିଛି
ସେ ତତଲା ଧାସରେ
ସନ୍ତୁଳୀ ଯାଇ ଦିହ ପାଲଟିଛି
ହଳଦୀ ଗୁରୁ ଗୁରୁ,
ଭୂଇଁରେ ବାଟ ଫିଟେଇଛି
ମରୁଡ଼ିର ଭୃଗୁ ରେଖା ।
ଶସ୍ୟ ଉତ୍ପାଦନର କରୁଣ କଣ୍ଠ ସ୍ୱର
ପେଟରେ ଜ୍ୱାଳାରେ ସାର୍ବଜନୀନ ଦୁଃଖ

ଶୁଖିଲା ପେଟ ଆହୁରି ଶୁଖୁଛି
ପାକସ୍ଥଳୀ ପ୍ରବଳ କ୍ଳାନ୍ତ
ବ୍ୟର୍ଥ ଚାଷୀର କରୁଣ ମହିମା ।
ନିୟମ ହିନ ସର୍ବନାଶ
ଶୁଷ୍କ ଜଳବାୟୁର ପ୍ରବାହ
ଯେମିତି ନିୟତି ମୁଣ୍ଡେଇ ଆଣିଛି
ନିଖିଳ ଜଗତର ସମସ୍ତ ଶେଷକୁ ।
ହତାଶିଆ ତବେବି ଯଗିଛି ହିଡ଼ ମୁଣ୍ଡ
ମୁଣ୍ଡରେ ସଲୁରି ପଗଡ଼ି ଭିଡ଼ି
ନାହି ଲାଗିଛି ମେରୁ ମଥାନକୁ
କାଳେ ଆକାଶୁ ବୋକ ଗଳିବ
ତା ହତଶ୍ରୀ ଗର୍ଭିଣୀ କୋଳରେ ।

+ଏରସମା, ଜଗତସିଂହପୁର

## ସୃଷ୍ଟିକର୍ତ୍ତା

### ଡଃ ଆଭାଞ୍ଜଳି ଶତପଥୀ



ଆହେ ସୃଷ୍ଟିକର୍ତ୍ତା ଜଗତ ନିୟନ୍ତା
ରଚିଦେଇ ପରିବେଶ,
ଆଙ୍କି ଜବଜନ୍ତୁ ପଞ୍ଚ ମହାଭୂତ
କି ସୁନ୍ଦର ଭିନ୍ନ ବେଶ ।।
ପଶୁ ପକ୍ଷୀ କୀଟ ପତଙ୍ଗ ଦେହରେ
ତୁମରି ଛାପଟି ଥାଏ ।
ତାକୁ ଯିଏ ପୁଣି ଅଣଦେଖା କରେ
ତୁମଠୁ ସେ ଦୂର ହୁଏ।।
ଚାରିବେଦ ତୁମ ଅଙ୍ଗଧାରା ହୋଇ
ଅପୌରୁଷେୟ ବାଣୀ ହୋଇ
ଉପନିଷଦ ବା ପୁରାଣ ଗୀତାର
ମହତ୍ତ୍ୱ କେ ନ ଯାଣଇ ।।

ସଭ୍ୟତା ସଂସ୍କୃତି ଶିକ୍ଷା ଦୀକ୍ଷା ମୂଳେ
ତୁମରି କଣ୍ଠ ତ ସାର ।
ସେ କଣ୍ଠକୁ ଯା'ର ସଂଶୟ ଆସଇ
ତା ଜୀବନ ଛାରଖାର ।।
ହରି, ହର, ବୁଦ୍ଧ, ଜୈନ, ଯିଶୁ, ଆଲ୍ଲା
ଭିନ୍ନ ଦେଶେ ଭିନ୍ନ ନାମ
ଚେତନା ଯାହାର ଏକ ଏକାକାର
ସଭିଙ୍କ ହୃଦୟେ ରାମ ।।

କେମିତି ଜାଣିବ ଆଲୁଅର ଶକ୍ତି
ନ ଥାନ୍ତା ଯଦି ଅନ୍ଧାର ।
ଶୀତ ଉଷ୍ମ ଭଳି ଦୁଃଖ ସୁଖ ସେ ତ
ଅଙ୍ଗ ତୁମ ରଚନାର ।।
ମିଶାଣ ଫେଡାଣ ଗୁଣନ ହରଣ
ଅଙ୍କ କଷେ ନିୟତି ପାପପୁଣ୍ୟର

ପାପକୁଯେ ଜନ ନିର୍ଭୀକ ରହିଲା
ଭୋଗେ କର୍ମଫଳ ଦୁଃଖର ।।
ପୁଣ୍ୟବାନ୍ ଯେବେ ମାଗଇ ଆଶିଷ
କାହିଁ ଦିଅ ଦୁଃଖ କଷଣ
ପୂର୍ବଜନ୍ମ ଫଳ ନ ସରିବ ଯେବେ
ପାଇବ କେମିତି ନିର୍ବାଣ ?
ମାୟା ଗହନରେ ଭରା ମୋହମାୟା
ମନୁ ହଜି ଯାଏ ଜ୍ଞାନ ବୁଦ୍ଧି
ମାୟାଧର ରୂପ କି ବୁଝେ ସେ ନର
ହୋଇନାହିଁ ଯା'ର ଚିତ୍ତ ଶୁଦ୍ଧି।।

ହର୍ତ୍ତାକର୍ତ୍ତା ତୁମେ ଦଇବ ବିଧାତା
ସୃଷ୍ଟି ପ୍ରଳୟର ଖେଳମେଳା
ଅଜ୍ଞାନୀ ମଣିଷ ମୋହ ହେ ବିଧାତା
କେ ବୁଝିପାରେ ସେ ତୁମ ଲୀଳା ।।

ଏତେ ଗହନକୁ ଯା'ର ମୁଣ୍ଡ ନାହିଁ
ସମର୍ପି ଦିଏ ତା' ମନ୍ତବ୍ୟ ।
ଭକ୍ତ ହୋଇ ତବ ଭକ୍ତିସୋପାନରେ
ଦେଖେ ସେ ଗତିରେ ଗନ୍ତବ୍ୟ ।।

+ ରେଳ କୁଟୀର,ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର

## ବିଶ୍ୱଯୁଦ୍ଧ...

### ମୀରା ବେଉରା



ଗୁଳି ନାହିଁକି ବନ୍ଧୁକ ନାହିଁ
ଗୋପ ନାହିଁ କି କମାଣ ନାହିଁ ।
ଦିଶୁନାହିଁ ଆକାଶେ ଯୁଦ୍ଧର ବିମାନ
ବାରୁଦର ଗନ୍ଧ ବି ତ ନାହିଁ ।
କଙ୍କ୍ରିଟ୍ ଜଙ୍ଗଲ ହେଉ
ଅଥବା ମାଟି ଲିପା ଛଣଛପର ଘର
ସବୁଠି ରାଜତ୍ୱ ଏବେ
ଶୂନ୍‌ଶାନ୍ ନିସ୍ତବ୍ଧ ତାର
ଶାଁର ପୀଠ ସେହି ମନ୍ଦିର ହେଉ
ଅବା ମସଜିଦ୍, ଗୀର୍ଜା, ଗୁରୁଦ୍ୱାର
ସବୁଠି ତାଣ୍ଡବ ନୃତ୍ୟ
ମହାପ୍ରଳୟର
ବିନା ଅସ୍ତ୍ରରେ ବିନା ଯୁଦ୍ଧରେ
ବିନା ରକ୍ତପାତରେ
ଚାଲିଛି ଯୁଦ୍ଧ ହିଂସାର, ଅସହିଷ୍ଣୁତାର
ଆତ୍ମାଘାତୀ ଚିଁ'।ଚେତନାର
ଚାଲିଛି ପୁଣି ଘୋର ନରସଂହାର
ଦେବତା, ଦାନବ, ରାଜନେତା, ଭିକ୍ଷୁକ
ସବୁ ଆଜି ଏକାକାର

କୁଢ଼ କୁଢ଼ ଶବର ଲମ୍ବାଧାଡ଼ି
ଏବେ ମଶାଣୀର ଦ୍ୱାର ମୁହେଁ
ସଭ୍ୟମାନବର ଭୟାତୁର ଛାତିକୁ
ପ୍ରକମ୍ପିତ କରି ପ୍ରତିକ୍ଷଣେ ଦୋହଲିଯାଏ
ବିଶ୍ୱାସର ଟାଣ
ଏବେ ତ ମୃତ୍ୟୁ ଏଠି କରୁଛି ତାଣ୍ଡବ
କୁହତ ବ୍ରହ୍ମାଣ୍ଡ ଈଶ୍ୱର
ଏ ତୃତୀୟ ବିଶ୍ୱଯୁଦ୍ଧ ନୁହେଁ ତ
ଆଉ କ'ଣ ?

+ ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳ ସାହି,
ତୁଳସୀପୁର, କଟକ
(ମୋ)୯୮୫୩୩୫୦୩୮୪

## ଶାପିତ ମୁଁ ଫୁଲଟିଏ

### ପୁର୍ନେନ୍ଦୁ କର

ଜୋର ଦେଇ ମୁଁ ଧସେଇ ପସେନା
ଅତୀତ କୋଠରୀ ଗର୍ଭେ
ମୋ ଜୀବନ ଭରା କାହା ଅଭିଶାପ
କଣ୍ଠେ ଅଭିମାନ ଶୁଭେ
ସୂର୍ଯ୍ୟ କି ଯାତନା ଲଭେ
ଶୀତ ସକାଳର ଘାସ ବଗିଚାରେ
ଯେବେ କାକରର ତନୁ ଲିଭେ....(୧)

ମନ ସିନା ମୋର ଡ଼ିମିରି ଫୁଲଟେ
ଫୁଟି ପୁଣି ଝଡି ଯାଏ
କିଏ କାହିଁ ଜାଣେ ମୋ ମନ ଠିକଣା
ଜହ୍ନ ଏକା ଜାଣିଥାଏ
ଶାପିତ ମୁଁ ଫୁଲ ଟିଏ
ତୁମ ପାଇଁ ସିନା ଅଲୋଡ଼ା ଲାଗଇ
ମୁଁ ନିଜ ପାଇଁ ଫୁଟୁ ଥାଏ..... (୨)

ମନ ସିନା ମୋର ଅଲୋଡ଼ା ପଥର
ନଦୀ କୂଳେ ପଡି ଥାଏ
କେତେ ଢେଉ ସ୍ୱର୍ଶେ ଆଦର ଅଭାବେ
ଢେଉ କିବା ସାଥେ ରହେ
ଶାପିତ ପଥର ଟିଏ
ଢେଉର ପରଶେ ଶୋଷ ମେଣ୍ଟିଥାଏ
ହେଲେ ମନ୍ଦିର ମୁଁ ଖୋଜିଥାଏ (୩)

ଗଣ୍ଡକୀ କୂଳର କଳା ପଥର ମୁଁ
ତରଙ୍ଗରେ ଯାଏ ଧସି
ଆସ୍ତିକ ଦୟାରେ ସାଥେ କୋଳିନିଏ
ମନେ ଶାଳଗ୍ରାମ ସାଜି
ସିଂହାସନ ପରେ ବସି
ପୁରୁଣା ଦିନର ଢେଉ ମାଡ କଥା
ମୋ ହୃଦୟରେ ଯାଏ ଭାସି (୪)

କଷ୍ଟ ଦେବା ନାହିଁ ପ୍ରେମିକ ଜାତକେ
ପ୍ରେମର ସଂଗୀତ ଗାଏ
କଣ୍ଟକିତ ସେଇ ପ୍ରେମ ବଗିଚାରେ
ନିତି ପାଦ ଥାପୁଥାଏ
ବଗିଚାର ମାଳିଟିଏ
ଫୁଲ ବଗିଚାରେ ଘାସ ବଢିଗଲେ
ଏ ମାଳିର ରୁଧିର ବହେ .......(୫)

+ କର୍ଣ୍ଣେଶ୍ୱର, ଚେନ୍ନାଇ-୬୦୦୦୦୪
ମୋ: ୯୭୯୧୧୨୧୦୬୮

## ପ୍ରିୟା

### ଧ୍ରୁବ ଚରଣ ବେହେରା



ତୁମ ଓଠେ ଲେଖା ପ୍ରୀତି ମାଦକତା
ଚୁମ୍ବନର ଉପହାର
ରଙ୍ଗ ହୋଲି ନେଇ ଫଗୁଣ ଆସିଛି
କରିବ ବୋଲି ନିଜର ।।

କି ସୁନ୍ଦର ତୁମ ଯୌବନ ପସରା
ଦେଇଛି ଶୃଙ୍ଗାର ମେଲି
ଖିଲି ଖିଲି ହସେ ମଥାର ସିନ୍ଦୁର
ହସୁଛି ଟିକିଲି ନାଲି ।।

ଆଖିର କଜଳ ନାଇଛି ଗହଣା
ଝଟକଇ ପ୍ରେମ ଛଇ
ଚକ୍ଷୁ ଦୁଇ ତୁମ ଲେଖୁଛି କାହାଣୀ
ହରିଣୀ ଆଖିରେ ଚାହିଁ ।।

କାନର ଝଲକା ଉପମା ପଖାଳେ
ଲାବଣ୍ୟତା ଭରି ସାଥେ
ଚନ୍ଦ୍ରବଦନୀର ଚନ୍ଦ୍ରମା ମୁଖୁଡା
ବସି ଯାଏ ମନ ରଥେ ।।

ଆହା କି ମଧୁର ମଧୁ ରଜନୀର
କଳାମେଘୀ ବାସେ ପରୀ
ଦେଖିଲେ ଲଗୁଛି ପ୍ରେମ କାଦମ୍ବିନୀ
ମାନସୀ ମନ ମୟୁରୀ ।।

ସ୍ୱର୍ଣ୍ଣ ଆଭୁଷଣେ ସଜାଇ ଗଳାକୁ
ଅଳସୀ ଦେଇଛ ଚାହିଁ
ଦେଖିଲେ ? ଲାଗୁଛ ପ୍ରୀତି ମଧୁବାଳା
ଜହ୍ନର ପ୍ରେମିକା କଇଁ ? ।।

ଚାନ୍ଦିନୀ ସରମେ ଲାଜେଇବ ସାଥୀ
ଦେଖି ତୁମ ରୂପ ଶୋଭା
ହୃଦୟ ବନରେ ଲାଗାଇବ ନିଆଁ
?ନାୟିକା ପ୍ରୀତି ପ୍ରଗଲ୍ଭା ।।

ସ୍ମୃତିରେ ମୋହର ସାଇତି ରଖିବି
ତୁମରି ଛବି ଶୃଙ୍ଗାର
ତୁମେ ମୋ ପ୍ରେମିକା ସପନ ରାଧିକା
କବିତା ମୋ ଲେଖନୀର ।।

+ ଭାରତୀୟ ସାମରିକ ସେନା ।
ଝାଡଖଣ୍ଡ
(ମୋ) ୮୩୨୮୯୩୦୫୫୪

## ମୁଁ କବି

### ଡମ୍ବରୁଧର ବେହେରା



ମୁଁ କବି
ପ୍ରେମ ପ୍ରଣୟର
ସୁଖ ଦୁଃଖର
ଦରିଦ୍ର ଦରିଦ୍ରତାରା
ତିକ୍ତ ଏବଂ ମଧୁର ସ୍ୱାଦର ...।
ମୁଁ କବି
ଛବିକୁ ଦେଖେ
କଥା ହୁଏ, ଚିତ୍ର ଆଙ୍କେ
ପବନକୁ ଛୁଏଁ
ନୀଳ ଗଗନର ଅସୀମ ସୀମାକୁ
ପହଞ୍ଚିବାକୁ ଚାଏଁ...।
ମୁଁ କବି
ମାନବିକତାକୁ ଜଗେ
ନାରୀ ନିର୍ଯ୍ୟାତନା ଦେଖି
ଆଖିରୁ ଲୁହ ଝରାଏ...
ପ୍ରାର୍ଥନା କରେ ଏକା ଏକା ବସି...।
ମୁଁ କବି
ଅବାଟକୁ ବାଟକୁ ଆଣେ
ଅନ୍ଧାରରେ ଆଲୋକ ଖୋଜେ
ପାଇବାକୁ....

କିଛି ରୁ' ଆଉ କିଛି
ଯାହା ମାନବ ଜାତି ପାଇଁ ଭଲ...।
ମୁଁ କବି
କିନ୍ତୁ ତୁମେ ଭାବୁଥିବା
ଜଣେ ପାଗଳ ନୁହେଁ
ପାଗଳାମୀ କେବଳ ମୋ'
ସତ୍ୟତାର ସନ୍ଧାନ
କାରଣ ମୁଁ ଏକ କବି
ହୃଦୟରେ ମୋ' ଜଳୁଥାଏ
ଉତ୍ତମ ସମାଜ ଗଠନର ଧୂଆଁହିନ
ଝାପସା ଝାପସା ଛାଇ ଆଲୁଅର
ତାପ ହୀନ ରବି........।

+ ଶିକ୍ଷକ, ନବୋଦୟ ବିଦ୍ୟାଳୟ
ସୁରଳ(ଗଞ୍ଜାମ)
(ମୋ) ୯୫୩୭୭୮୮୪୬୪

## ଭକ୍ତ ଓ ଭଗବାନ

### ବୀରକିଶୋର ନାୟକ

ଏକା ବନ୍ଧୁ ଜଣେ ଭକତର ପ୍ରାଣେ
ସେ ବନ୍ଧୁ ହୃଦୟ ହାର,
ନାହିଁ ତାଙ୍କ ସମ ଦୁନିଆରେ କେହି
ସମ୍ପର୍କ ନିସ୍ୱାର୍ଥପର ।

ଭକତ ଜୀବନ ହୋଇଯାଏ ଧନ୍ୟ
ପ୍ରଭୁ ପରା ମିତ୍ର ପାଇ,
ଆଶୀର୍ବାଦ ଢାଳି ଦିଅନ୍ତି ବୋଲି ସେ
ଭକତ୍‌ବତ୍ସଳ ସାଇଁ ।

ଭକତର ପ୍ରାଣ ମିଶିଯାଏ ପରା
ପ୍ରଭୁଙ୍କ ଅନନ୍ତ ଦେହେ,
ଭିନ୍ନ ଲାଗିଲେ ବି ଭିନ୍ନତା ନଥାଏ
ମିଶି ଏକ ହୋଇଥାଏ ।

ମଣିଷ ଜୀବନ ଧନ୍ୟ ହୋଇଥାଏ
ଯଦି ହୁଏ ଦାର୍ଶନିକ,
ଜନମ ହେବାର କାରଣ ତ କର୍ମ
ବିଭୂପଦ ପ୍ରାପ୍ତ ଲକ୍ଷ ।
ଯେତେ କର୍ମ କର ଅସାର ତ ସବୁ
ମାୟା ଛଡା କିଛିନାହିଁ,
ମଲାବେଳେ କିଛି ଯିବନାହିଁ ସାଥେ

ଯିବ ସାଥେ ତୁମ ପୂଣ୍ୟ,
ବିଭୁ ଆଶୀର୍ବାଦ ଲଭିଥିଲେ ପରା
ମରଣ ହୋଇବ ଧନ୍ୟ ।

କର୍ମ କରିଯାଅ କର୍ମସାଥେ ସାଥେ
ବିଭୂପଦେ ମନ ରଖି,
ବିଫଳତା ଅବା ସଫଳତା ମିଳୁ
ସବୁଥିରେ ପ୍ରଭୁ ସାକ୍ଷୀ ।

ପ୍ରଭୁ ଭକ୍ତିବିନା ଜୀବନ ସାର୍ଥକ,
ହୁଏନାହିଁ କେବେ ଭୋଗେ,
ଅନନ୍ତ ଭୋଗ ଯେ ଅଛି ତାଙ୍କ ପଦେ
ଭକ୍ତ ଚାଲେ ଭକ୍ତି ମାର୍ଗେ ।

ସଖା ଭାବି ମନେ ହୃଦୟେ ସାଇତି
ବାଢିଦିଅ ପ୍ରେମ ଅର୍ଘ୍ୟ,
ତୋଳିନେବେ ସିଏ ଅକୁଣ୍ଠିତ ଭକ୍ଷବେ
ଶୁଣୁଥିବ ସପ୍ତରାଗ ।

କର୍ମ, କର୍ମଫଳ ସବୁତ ତାଙ୍କର
ସବୁ ଜୟ ପରାଜୟ,
ସମର୍ପଣ କରିଦିଅ ଜୀବନକୁ
ରହିବନି ଆଉ ଭୟ ।

+ ଖଣ୍ଡବନ୍ଧ, ଢେଙ୍କାନାଳ ।
(ମୋ)୮୮୪୭୮୪୨୨୯୭

# ଆଜିଠୁ କଂଗ୍ରେସର ଦୁଇଦିନିଆ ଓରିଏଣ୍ଟେସନ କାର୍ଯ୍ୟକ୍ରମ

ଭୁବନେଶ୍ୱର,୩୦/୮ (ନି.ପ୍ର): ଆସନ୍ତା ୩୧ ତାରିଖ ମଙ୍ଗଳବାର ଓ ସେପ୍ଟେମ୍ବର ୧ ତାରିଖ ବୁଧବାର ଦିନ କଂଗ୍ରେସ କର୍ମକର୍ତା ମାନଙ୍କର ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ କଂଗ୍ରେସ ଭବନଠାରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ନିଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ଡଃ. ଏ ଚେଲା କୁମାର ଉଦ୍‌ଘାଟନ କରିବେ ବୋଲି ଏକ ପ୍ରେସ ବିବୃତିରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ତଥା ରାଜ୍ୟ କଂଗ୍ରେସ ସେବାଦଳର ଅଧକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କହିଛନ୍ତି। ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଏଆଇସିସି ସଂପାଦକ ଜି. ରୁଦ୍ର ରାଜୁ ଓ ବିଧାୟକ ଦଳ ନେତା ନରସିଂହ ମିଶ୍ର ଉଦ୍‌ବୋଧନ ଦେବେ। ୩୧ ତାରିଖ ଦିନର କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲା କଂଗ୍ରେସ ସଭାପତି, ସମସ୍ତ ଜିଲ୍ଲା ପର୍ଯ୍ୟବେକ୍ଷକ, ରାଜ୍ୟ ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ସେବାଦଳ ଓ ମହିଳା କଂଗ୍ରେସର ମୁଖ୍ୟ ମାନଙ୍କ ସହ ପ୍ରଦେଶ କଂଗ୍ରେସର ସମସ୍ତ ପ୍ରକୋଷ୍ଠର ଅଧକ୍ଷ ମାନେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରାଯାଇଛି ବୋଲି ଡ. ଜ୍ଞାନେନ୍ଦ୍ର କହିଛନ୍ତି। ସେପ୍ଟେମ୍ବର ୧ ତାରିଖ ଦିନ, ୨୦୧୯ ନିର୍ବାଚନରେ କଂଗ୍ରେସ ଦଳ ପକ୍ଷରୁ ଲୋକସଭା ଓ ବିଧାନସଭାରେ ପ୍ରାର୍ଥୀ ହୋଇଥିବା ନେତୃବୃନ୍ଦ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯାଇଛି। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ୫ଗୋଟି ସଂପାନରେ, ପ୍ରଫେସର ଦାସ ବେନୁହୁର, ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନଗୋ, ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ ଓ ସୁଦର୍ଶନ ଦାସ ବକ୍ତବ୍ୟ ରଖିବେ। ସମସ୍ତ କାର୍ଯ୍ୟକ୍ରମକୁ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଚିରଞ୍ଜିବ ବିଶ୍ୱାଳ ଓ ପ୍ରଦୀପ ମାଝୀ ପରିଚାଳନା କରିବେ ବୋଲି ପ୍ରଦେଶ କଂଗ୍ରେସ ପକ୍ଷରୁ କୁହାଯାଇଛି।

# ଶ୍ରୀକୃଷ୍ଣ ଜନ୍ମାଷ୍ଟମୀରେ ଆର୍ଯ୍ୟସମାଜ ପକ୍ଷରୁ ଶ୍ରାବଣୀ ପର୍ବ ଉଦ୍‌ଯାପିତ

ଭୁବନେଶ୍ୱର,୩୦/୮ (ନି.ପ୍ର): ମହର୍ଷି ଦୟାନନ୍ଦଙ୍କ ପ୍ରତିଷ୍ଠିତ ଆର୍ଯ୍ୟସମାଜର ସହଯୋଗୀ ଅନୁଷ୍ଠାନ ସ୍ୱାମୀ ଦୟାନନ୍ଦ ସର୍ଭିସ ମିଶନ ପକ୍ଷରୁ ଶ୍ରାବଣ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ଶ୍ରାବଣୀ ଉତ୍ସବ ଆଜି ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀରେ ଉଦ୍‌ଯାପିତ ହୋଇଯାଇଛି। ଆର୍ଯ୍ୟସମାଜ, ଓଡ଼ିଶାର ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦିବ୍ୟଜୀବନ ସଂଘର ସନ୍ଥ ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ କହିଲେ ଯେ, ମହର୍ଷି ଦୟାନନ୍ଦ ହିନ୍ଦୁଧର୍ମରେ ଯେଉଁ ସଂସ୍କାରର ବାର୍ତ୍ତା ଦେଇଛନ୍ତି ତାର ଆବଶ୍ୟକତା ବର୍ତ୍ତମାନ ସମାଜରେ ମଧ ରହିଛି। ଯଜ୍ଞ ଦ୍ୱାରା ପରିବେଶର ବିଶୋଧନ ହୋଇଥାଏ ଯାହା ବିଜ୍ଞାନ ସମ୍ମତ। ବେଦକୁ ସରଳ ଭାଷାରେ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବାରେ ମହର୍ଷି ଦୟାନନ୍ଦଙ୍କ ଅବଦାନକୁ ମଣିଷ ସମାଜ ଭୁଲିପାରିବ ନାହିଁ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ପୂର୍ବତନ ନଗରପାଳ ଡ଼ାକ୍ତର ଜଗନ୍ନାଥ ମହାପାତ୍ର କହିଲେ ଯେ, ଦୀର୍ଘ ୨୫ ବର୍ଷ ହେବ ଶ୍ରାବଣୀ କାର୍ଯ୍ୟକ୍ରମ ଆମ ଘରେ ହେବା ପାଇଁ ମୁଁ ଆର୍ଯ୍ୟସମାଜର କର୍ମକର୍ତ୍ତାମାନଙ୍କୁ କୃତଜ୍ଞତା ଜଣାଉଛି। ଅଜିର ଯୁବପିଢ଼ୀଙ୍କ ଭିତରେ ଆଧାତ୍ମ ଜାଗରଣ ପାଇଁ ଚେଷ୍ଟା କରିବାକୁ ସେ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ଅତିଥି ପ୍ରଫେସର ସଂଘମିତ୍ରା ମିଶ୍ର ତାଙ୍କ ବକ୍ତବ୍ୟରେ କହିଲେ ଯେ, କରୋନା ମହାମାରୀ ଆମକୁ ଏକ ବଡ଼ ଶିକ୍ଷା ଦେଲା, ସବୁର ଉପରେ ଜଣେ ଅଛନ୍ତି, ସେ ବିଶ୍ୱକୁ ନିୟନ୍ତ୍ରଣ କରୁଛନ୍ତି। ଏହାକୁ ଆମକୁ ଗ୍ରହଣ କରିବାକୁ ପଡ଼ିବ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପଣ୍ଡିତ ବିନୋଦ ବିହାରୀ ଦାସ ସ୍ୱାଗତ ଭାଷଣ ଓ ଓମ୍ ପ୍ରକାଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରାବଣୀ ପର୍ବ ଅବସରରେ ଡଃ ମନୋଜ ଲେଙ୍କା, ବନବିହାରୀ ମହାନ୍ତି, ଇଂ ବିବେକାନନ୍ଦ ପାତ୍ର, ପ୍ରଭାତ କୁମାର ପାଣିଗ୍ରାହୀ, ନଳିନୀକାନ୍ତ ରାଉତ ଓ ଜଳଧର ପ୍ରଧାନଙ୍କ ଘରେ ଅଗ୍ନିହୋତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସଂକୀର୍ତ୍ତନ କଳାକାର ବିଷ୍ଣୁ ଚରଣ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଂକୀର୍ତ୍ତନ

ଭୁବନେଶ୍ୱର,୩୦/୮ (ନି.ପ୍ର): ବର୍ଷୀୟାନ ଓଡ଼ିଶୀ ସଂକୀର୍ତନ କଳାକାର, ଓସ୍ତପଡ଼ା ସଂକୀର୍ତନ ମଣ୍ଡଳୀର ମୁଖ୍ୟ ସଂକୀର୍ତନ ପ୍ରଚାରକ, ଧର୍ମପ୍ରାଣ ବ୍ୟକ୍ତିତ୍ୱ ସ୍ୱର୍ଗତ ବିଷ୍ଣୁ ଚରଣ ଦାସଙ୍କ ପରଲୋକର ଚତୁର୍ଦ୍ଦଶ ଦିବସ ମୋକ୍ଷ ସଂକୀର୍ତନ ଓ ଶ୍ରଦ୍ଧାଞ୍ଜଳି ସଭା ଆଜି ମଧାହ୍ନରେ ଶ୍ରୀ ଶ୍ରୀ ଲକ୍ଷେଶ୍ୱର ଆ ଲିକ ଓଡ଼ିଶୀ ସଂକୀର୍ତନ ମହାମଣ୍ଡଳୀ, ଶ୍ରୀ ଶ୍ରୀ ଡାଲଖାଇ ଓଡ଼ିଶୀ ସଂକୀର୍ତନ ମହାମଣ୍ଡଳୀ ଓ ଖୋର୍ଦ୍ଧା ଜିଲ୍ଲା ସଂକୀର୍ତନ ମହାସଂଘ ଆନୁକୂଲ୍ୟରେ ଭୁବନେଶ୍ୱର ଉପକଣ୍ଠ ଇଞ୍ଜଣା ରାଧାକୃଷ୍ଣ ମଣ୍ଡପରେ ଆୟୋଜିତ ହୋଇଯାଇଛି । ମହନ୍ତ ନଳିନୀ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ଶୋକ ସଭାରେ ଅଧିକାରୀ ବିଷ୍ଣୁ ଚରଣ ପରିଡ଼ା, ଉପଦେଷ୍ଟା ପବିତ୍ର ମୋହନ ସ୍ୱାଇଁ, ଆଶୁତୋଷ ସାମନ୍ତରାୟ, ଜଗଦାନନ୍ଦ ରାଉତରାୟ, ଅର୍ଜୁନ ପରିଡ଼ା, କାଙ୍ଗାଳୀ ପରିଡ଼ା, ପ୍ରମୋଦ ବାରିକ, ଡାଲଖାଇ ମହନ୍ତ ଲିଙ୍ଗରାଜ ସାହୁ, ସଂକୀର୍ତନ ଗୁରୁ ବିଦ୍ୟାଧର ସ୍ୱାଇଁ, ଦୁର୍ଗାଚରଣ ପରିଡ଼ା, କୃଷ୍ଣ ବେହେରା, ଲୋକନାଥ ବେହେରା, ବାବନ ପରିଡ଼ା, ଇଞ୍ଜଣା ଗ୍ରାମ କମିଟି ସଭାପତି ବିକ୍ରମ ପ୍ରଧାନ, ପୂର୍ବତନ ସଭାପତି ଉଦ୍ଧବ ସାମଲ୍, ପ୍ରମୋଦ ପ୍ରଧାନ, ଯାଦବ ମୁରବୀ ହରିହର ବେହେରା, ଗୁଣନିଧି ବେହେରା ପ୍ରମୁଖ ସ୍ୱର୍ଗତ ବିଷ୍ଣୁଚରଣ ଦାସଙ୍କ ସଂକୀର୍ତନ ସୁରକ୍ଷା, ବିକାଶ ନିମନ୍ତେ ସାମଗ୍ରୀକ ଜୀବନର ତ୍ୟାଗ ଓ ସଂକଳ୍ପ ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ବିଭିନ୍ନ ସଂକୀର୍ତନ ମଣ୍ଡଳୀ ତରଫରୁ ଓଡ଼ିଶୀ ସଂକୀର୍ତନ ପରିବେଷଣ ହୋଇଥିଲା ।

# ସ୍ୱତନ୍ତ୍ର ଟ୍ରେନ୍ ନାଁରେ ଯାତ୍ରୀଙ୍କୁ ଶୋଷଣ : ନିୟମିତ ଦରଠାରୁ ୩୦% ଅଧିକ ଆଦାୟ

## ଯାତ୍ରୀଙ୍କୁ ମିଳୁନି ୩୮ଟି ରିହାତି ସୁବିଧା, କେବେ ଗଡ଼ିବ ସମ୍ପୂର୍ଣ୍ଣ ପାସେଞ୍ଜର ?

ଭୁବନେଶ୍ୱର,୩୦/୮ (ନି.ପ୍ର): ଓଡ଼ିଶାରେ କୋଭିଡ୍ ସଂକ୍ରମଣ ହଜାର ତଳକୁ ଖସିଲାଣି। ଜୀବନଯାତ୍ରା ସ୍ୱାଭାବିକସ୍ତରକୁ ଫେରୁଛି। କଟକଣା ଭିତରେ ସ୍କୁଲ, କଲେଜ, ମଲ, ସିନେମା ହଲ୍, ଧର୍ମାନୁଷ୍ଠାନ ଖୋଲିଲାଣି। ବସ୍ ଚଳାଚଳ ବି କଲାଣି। ଏତେ ସବୁ ପରେ ବି ନିୟମିତ ଟ୍ରେନ୍ ସ୍ୱାଭାବିକ ଭାବେ ଚଳାଚଳ କରିନାହିଁ। ଏହାର ସୁଯୋଗ ନେଇ ସ୍ୱତନ୍ତ୍ର ଟ୍ରେନ୍ ନାମରେ ରେଳ ମନ୍ତ୍ରଣାଳୟ ଯାତ୍ରୀଙ୍କୁ ଶୋଷଣ କରି ଚାଲିଛି। ଯାତ୍ରୀଙ୍କଠାରୁ ନିୟମିତ ଭଡ଼ାରୁ ୩୦ରୁ ୪୦% ଅଧିକ ଭଡ଼ା ଆଦାୟ କରାଯାଉଛି ବୋଲି ଅଭିଯୋଗ ହେଉଛି। ସେହିପରି ଅଳ୍ପ କିଛି ସ୍ୱତନ୍ତ୍ର ଟ୍ରେନ୍‌କୁ ଛାଡ଼ି ଦେଲେ ପାସେଞ୍ଜର ଓ ମେମୁ ଟ୍ରେନ୍ ରାଜ୍ୟ ଭିତରେ ଗଡୁ ନ ଥିବାରୁ ଯାତ୍ରୀମାନେ ଭୀଷଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାତ୍ରୀଙ୍କ ମାସିକିଆ ପାସ୍ ବ୍ୟବସ୍ଥାକୁ ଦେଢ଼ ବର୍ଷ ହେଲା ବନ୍ଦ କରି ଦିଆଯାଇଛି। କୋଭିଡ୍-୧୯ ସଂକ୍ରମଣ ଦିନଠାରୁ ଅର୍ଥାତ୍ ୨୦୨୦ ମାର୍ଚ୍ଚରୁ ଏହି ବ୍ୟବସ୍ଥାକୁ ଉଠାଇ ଦିଆଯାଇଥିବାରୁ ନିତିଦିନିଆ ଟ୍ରେନ୍‌ରେ ଯିବା ଆସିବା କରୁଥିବା ଛାତ୍ରଛାତ୍ରୀଠୁ ଚାକିରିଆ ଓ ଦିନମଜୁରିଆ ପର୍ଯ୍ୟନ୍ତ ସମସ୍ତଙ୍କୁ ନାକେଦମ୍ ହେବାକୁ ପଡୁଛି। ବସ୍, ଅଟୋ ଉପରେ ନିର୍ଭର କରି ପ୍ରତିଦିନ ଖର୍ଚ୍ଚାନ୍ତ ହେବା ସହ ବହୁ ସମୟ ଅପଚୟ ହେଉଛି। ତଥାପି ରେଳ ମନ୍ତ୍ରଣାଳୟର ନିଦ ଭାଙ୍ଗୁନି। ଯେଉଁ କେତେକ ସ୍ୱତନ୍ତ୍ର ଟ୍ରେନ୍ ଗଡୁଛି, ସେଥିରେ ପ୍ରବଳ ଭିଡ଼ ହେଉଛି। ୩/୪ଦିନ ଆଗରୁ ବୁକିଂ ନକଲେ ଟ୍ରେନ୍‌ରେ ସିଟ୍ ମିଳୁନି। ଯାତ୍ରୀଙ୍କୁ ୱେଟିଂ(ଅପେକ୍ଷା)ରେ ରହିବାକୁ ପଡୁଛି। ଟ୍ରେନ୍‌ର ସଂରକ୍ଷିତ ବଗି ସିଟ୍ ପୂର୍ଣ୍ଣ ହେବା ପରେ ଏସ୍‌ଏଲ୍‌ଆର(ଲଗେଜ୍ ଭ୍ୟାନ)ରେ ବି ଯାତ୍ରୀ ପରିବହନ କରାଯାଉଛି। ଯାତ୍ରୀ ଭିଡ଼କୁ ନଜରରେ ରଖି ପୂର୍ବରୁ ଜେନେରାଲ ବଗିରେ ଥିବା ସିଟ୍‌କୁ ସଂରକ୍ଷିତ ଟିକେଟ୍ ଭାବେ ପରିବର୍ତ୍ତନ କରାଯାଇ ଟିକେଟ୍ କଟାଯାଉଛି। ଏହାଦ୍ୱାରା ଯାତ୍ରୀଙ୍କୁ ଅଧିକ ଅର୍ଥ ଦେବାକୁ ପଡୁଛି। ମିଳିଥିବା ସୂଚନା ଅନୁଯାୟୀ, କରୋନା ପୂର୍ବରୁ ଟ୍ରେନ୍ ଯାତ୍ରୀଙ୍କୁ ୫୩ଟି ବର୍ଗରେ ରିହାତି ସୁବିଧା ଯୋଗାଇ ଦିଆଯାଉଥିଲା। ବର୍ତ୍ତମାନ ସେଥିମଧ୍ୟରୁ ୩୮ଟି ବର୍ଗର ରିହାତି ବ୍ୟବସ୍ଥାକୁ ହଟାଇ ଦିଆଯାଇଛି। ଏହାଦ୍ୱାରା ମାସିକିଆ ପାସ୍‌ଧାରୀ, ବରିଷ୍ଠ ନାଗରିକ, ଖେଳାଳି, ଛାତ୍ରଛାତ୍ରୀମାନେ ପ୍ରଭାବିତ ହେଉଛନ୍ତି। କୌଣସି ପର୍ବପର୍ବାଣୀରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଯିବା ବେଳେ ଅଧିକ ଦର ଆଦାୟ କରାଯାଇଥାଏ। ମାତ୍ର କୋଭିଡ୍ ଆଳରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବା କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ ଉଠିଛି। କୋଭିଡ୍ ସଂକ୍ରମଣ ପୂର୍ବରୁ ଓଡ଼ିଶା ଭିତରେ ୩୨ଟି ଇଣ୍ଟରସିଟି, ମେମୁ ଓ ପାସେଞ୍ଜର ଟ୍ରେନ୍ ଚଳାଚଳ କରୁଥିଲା। ତେବେ କରୋନା ସଂକ୍ରମଣ ଯୋଗୁଁ ଗତବର୍ଷ ମାର୍ଚ୍ଚ ୨୨ରୁ ଏଥିରୁ ଅଧିକାଂଶ ଟ୍ରେନ୍ ଚଳାଚଳ ବନ୍ଦ ରହିଛି। ଟ୍ରେନ୍ ନ ଚାଲିବାରୁ ଭୁବନେଶ୍ୱର, କଟକ, ରାଉରକେଲା, ବଲାଙ୍ଗୀର, ଭଦ୍ରକ, ପାରାଦୀପ ପରି ସହରର ବିଭିନ୍ନ ସରକାରୀ ଓ ଘରୋଇ ସଂସ୍ଥା କର୍ମଚାରୀ ବହୁ ପରିମାଣରେ ପ୍ରଭାବିତ ହେଉଛନ୍ତି। ଯାତ୍ରୀ ହେଉ ନଥିବା ଦର୍ଶାଇ ପୂର୍ବତଟ ରେଳପଥ ପକ୍ଷରୁ ସେପଟେମ୍ବର ୧୫ ପର୍ଯ୍ୟନ୍ତ ପୁରୀ-କଟକ-ପୁରୀ ଟ୍ରେନ(୦୮୪୩୨/୦୮୪୩୧), ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର ଟ୍ରେନ(୦୮୪୧୨/୦୮୪୧୧), କଟକ-ଭଦ୍ରକ-କଟକ ଟ୍ରେନ(୦୮୪୩୮/୦୮୪୩୭), କଟକ-ପାରାଦୀପ-କଟକ ଟ୍ରେନ(୦୮୪୬୧/୦୮୪୬୨), କଟକ-ଭଦ୍ରକ-କଟକ ଟ୍ରେନ(୦୮୪୫୪/୦୮୪୫୩)କୁ ବାତିଲ୍ କରାଯାଇଛି। ଏହି ଟ୍ରେନ୍‌ଗୁଡ଼ିକ ଉପରେ ଅଧିକାଂଶ ଯାତ୍ରୀ ନିର୍ଭରଶୀଳ ହୋଇଥାନ୍ତି। ଅଭିଯୋଗ ହେଉଛି ଯେ ସ୍ୱତନ୍ତ୍ର ଟ୍ରେନ୍ ନାମରେ ଭଡ଼ା ବଢ଼ାଇ ଦିଆଯାଇଥିଲେ ମଧ ଯାତ୍ରୀଙ୍କୁ ଉଚିତ ସେବା ମିଳୁନି। ଇଣ୍ଟରସିଟି ଟ୍ରେନ୍‌ରେ ବସିବା ବେଳେ ସିଟ୍ ମଧ୍ୟରେ ସାମାଜିକ ଦୂରତ୍ୱ ରହୁନାହିଁ। ଛୋଟ ସିଟ୍‌ରେ ୩ଜଣ ଲେଖାଏଁ ବସୁଛନ୍ତି। ଟ୍ରେନ୍ ଭିତରେ କରୋନା କଟକଣାକୁ ସମ୍ପୂର୍ଣ୍ଣ ଭାବେ ହେୟଜ୍ଞାନ କରାଯାଉଛି। ଯେଉଁଥିପାଇଁ ବୟସ୍କ ଓ ଶିଶୁଙ୍କ ପାଇଁ ବିପଦ ସୃଷ୍ଟି ହେଉଛି। ତେଣୁ ଯାତ୍ରୀମାନେ ଟ୍ରେନ୍‌ରେ ଯିବା ପରିବର୍ତ୍ତେ ବସ୍‌ରେ ଯାତ୍ରା କରିବାକୁ ଉଚିତ ମଣୁଛନ୍ତି। ଏଣେ ରେଳପଥ ପକ୍ଷରୁ କୁହାଯାଉଛି ଯେ ଯାତ୍ରୀ ହେଉନାହାନ୍ତି। ଯଦି ଟିକେଟ୍ ମୂଲ୍ୟ ଅଧିକ ରହିବ, ତେବେ ଯାତ୍ରୀମାନେ ଟ୍ରେନ୍‌ରେ କାହିଁକି ଯିବେ ଅପରପକ୍ଷେ ସବୁ ଟିକେଟ୍ କାଉଣ୍ଟର ଖୋଲାଯାଇ ନଥିବାରୁ ଅଧିକାଂଶ ଯାତ୍ରୀ ଅନ୍‌ଲାଇନ୍‌ରେ ଟିକେଟ୍ କରିପାରୁ ନଥିବା ଯାତ୍ରୀମାନେ ଅଭିଯୋଗ କରିଛନ୍ତି। ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି ଯେ ଯେତେବେଳେ ବି ସ୍ୱତନ୍ତ୍ର ଟ୍ରେନ୍ ଚାଲେ, ଯାତ୍ରୀଙ୍କଠାରୁ ଅଧିକ ଅର୍ଥ ଆଦାୟ କରାଯାଏ। ପାର୍ବଣ ଟ୍ରେନ୍‌ରେ ବି ଏହି ଅର୍ଥ ନିଆଯାଇଥାଏ। ଏବେ ଅଧିକାଂଶ ଟ୍ରେନ୍‌ରେ ଯାତ୍ରୀ ହେଉନାହାନ୍ତି। ମାତ୍ର ୧୦ରୁ ୧୫ପ୍ରତିଶତ ଯାତ୍ରୀଙ୍କୁ ନେଇ ଟ୍ରେନ୍ ଗଡୁଛି। ଏହାଦ୍ୱାରା ବହୁତ କ୍ଷତି ସହିବାକୁ ପଡୁଛି। କୋଭିଡ୍ ସ୍ଥିତିକୁ ନଜରରେ ରଖି ଟ୍ରେନ୍ ଚଳାଇବା ନେଇ ନିଷ୍ପତ୍ତି ନିଆଯାଉଛି।

# ଓକିଲଙ୍କ ସ୍ୱାର୍ଥ ପାଇଁ ଏକଜୁଟ୍ ହେଲେ ୩୦ ଜିଲ୍ଲାର ଓକିଲ ପ୍ରତିନିଧି




ଭୁବନେଶ୍ୱର ,୩୦/୮ (ନି.ପ୍ର): ଭୁବନେଶ୍ୱର ବାର୍ ଆସୋସିଏସନ୍ ହଲ ପରିସରରେ ଆଜି ଅଲ୍ ଓଡ଼ିଶା ବାର୍ ଆସୋସିଏସନ୍ ସଭାପତି ଓ ସମ୍ପାଦକମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ବାର୍ ଆସୋସିଏସନ୍‌ର ସଭାପତି ବରିଷ୍ଠ ଆଇନଜୀବୀ ନିର୍ମଳ କିଶୋର ରଥ ପୌରୋହିତ୍ୟ କରିଥିଲେ। ବୈଠକରେ ୩୦ ଜିଲ୍ଲାର ସଭାପତି ଓ ସମ୍ପାଦକମାନେ ଯୋଗଦେଇ ରାଜ୍ୟର ଓକିଲମାନଙ୍କ ବିଭିନ୍ନ ଅଭାବ ଅସୁବିଧା ଓ ସମସ୍ୟା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଓକିଲମାନଙ୍କ ବିଭିନ୍ନ ସମସ୍ୟା ଓ ସମାଧାନ ପାଇଁ ଏକ ଆକ୍ସନ୍ କମିଟି ଗଠନ ପାଇଁ ଚେଷ୍ଟା କରାଯିବ ବୋଲି ସ୍ଥିର କରାଯାଇଥିଲା। ସେହିପରି ଯେଉଁଠାରେ ନୂତନ କୋର୍ଟ ଖୋଲାଯାଉଛି, ସେଠାରେ ଓକିଲମାନଙ୍କ ପାଇଁ ବାର୍ ଆସୋସିଏସନ୍ ହଲ୍, ଲାଇବ୍ରେରି ଓ କ୍ୟାଣ୍ଟିନ୍‌ର ସୁବିଧା କରିବା ପାଇଁ ହାଇକୋର୍ଟକୁ ଅନୁରୋଧ କରାଯିବ ବୋଲି ସ୍ଥିର ହୋଇଥିଲା। ଓକିଲମାନଙ୍କ ସୁରକ୍ଷା ପାଇଁ ଏକ ଆଇନ ଆଣିବା ଏବଂ ଓଡ଼ିଶାର ଜନସାଧାରଣଙ୍କ ପାଇଁ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଯୋଜନା ଲାଗୁ ପାଇଁ ସରକାରଙ୍କ ପାଖରେ ଦାବି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଭୁବନେଶ୍ୱର ବାର୍ ଆସୋସିଏସନ୍‌ର ସମ୍ପାଦକ ରାଜକିଶୋର ଦାସ, ଉପସଭାପତି ଦେବୀଦତ୍ତ ବାରିକ୍, ଯୁଗ୍ମସମ୍ପାଦକ ଅଶୋକ ବଡ଼ପଣ୍ଡା, କୋଷାଧକ୍ଷ ଲିଙ୍ଗରାଜ ମହାରଣା, ସହସମ୍ପାଦକ ଶିବନାରାୟଣ ସାହୁ, ଅଭିଜିତ୍ ମିଶ୍ର, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ସୁରେଶ କୁମାର ଦାଶ, ନାରାୟଣ ଜେନା, ଲିନା ପଟ୍ଟନାୟକ, ପ୍ରମିଳା ଜାଲି ଓ ଅନ୍ୟ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ୧୮ବର୍ଷରୁ କମ୍ ୮୪,୪୪୨ ଜଣ ଆକ୍ରାନ୍ତ ହେଲେଣି

ଭୁବନେଶ୍ୱର ,୩୦/୮ (ନି.ପ୍ର): ରାଜ୍ୟ ସରକାର କରୋନାର ତୃତୀୟ ଲହର ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି କହୁଛନ୍ତି। ଏଥିରେ ୧୮ବର୍ଷରୁ କମ୍ ବୟସର ପିଲା ଆକ୍ରାନ୍ତ ହେବାର ସମ୍ଭାବନା ଅଧିକ ଥିବାରୁ ବିଭିନ୍ନ ହସ୍ପିଟାଲରେ ସାଧାରଣ ଶଯ୍ୟା, ଅକ୍ସିଜେନ୍ ଶଯ୍ୟା, ଆଇସିୟୁ ଶଯ୍ୟା ବଢ଼ିବ ବୋଲି କୁହାଯାଉଛି। ହେଲେ ରାଜ୍ୟ ସରକାର ଭିତ୍ତିଭୂମି ପ୍ରସ୍ତୁତ କରିବା ପୂର୍ବରୁ ରାଜ୍ୟର କରୋନା ସମ୍ବେଦନଶୀଳ ବର୍ଗର ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଯଥାସମ୍ଭବ ଭିତ୍ତିଭୂମି ପ୍ରସ୍ତୁତ ନହେଲେ ହଠାତ୍ ସ୍ଥିତି ଅଣାୟତ୍ତ ହେବାର ଆଶଙ୍କା ସୃଷ୍ଟି ହେଲାଣି। ଯେଉଁ ୧୮ବର୍ଷରୁ କମ୍ ପିଲାଙ୍କ ପାଇଁ ରାଜ୍ୟ ସରକାର ଏବେ ବହୁ ଯୋଜନା କରିବେ ବୋଲି କହୁଛନ୍ତି ସେହି ବର୍ଗ ?ର ୮୪,୪୪୨ ଜଣ କରୋନା ଆକ୍ରାନ୍ତ ହୋଇସାରିଲେଣି। ଏପରିକି ଦୈନିକ ଶତାଧିକ ୧୮ବର୍ଷରୁ କମ୍ ଆକ୍ରାନ୍ତ ଚିହ୍ନଟ ହେବା ଚିନ୍ତାର ବିଷୟ ପାଲଟିଛି। ବର୍ତ୍ତମାନ ସୁଦ୍ଧା ୬୦ବର୍ଷରୁ ଉର୍ଦ୍ଧ୍ୱ ୯୬,୭୮୪ଜଣ କରୋନା ଆକ୍ରାନ୍ତ ହୋଇଥିବା ବେଳେ ଶିଶୁ ଓ କିଶୋର ଆକ୍ରାନ୍ତଙ୍କ ସଂଖ୍ୟା ଯେଉଁଭଳି ବଢୁଛି ତାହା ୬୦ବର୍ଷରୁ ଉର୍ଦ୍ଧ୍ୱ ଆକ୍ରାନ୍ତଙ୍କ ସଂଖ୍ୟାକୁ ପଛରେ ପକାଇଦେବାର ଆଶଙ୍କାକୁ ଏଡ଼ାଇ ହେବନି। ଆଜି ସୁଦ୍ଧା ୪୧ରୁ ୬୦ବର୍ଷ ମଧ୍ୟରେ ୩ଲକ୍ଷ ୧୪ହଜାର ୯୩୭ଜଣ ଏବଂ ୧୯ରୁ ୪୦ବର୍ଷ ମଧ୍ୟରେ ୫ଲକ୍ଷ ୯ହଜାର ୪୯୧ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୧୦ଲକ୍ଷ ୬ହଜାର ୫୦୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୯ଲକ୍ଷ ୯୧ହଜାର ୬୩୦ଜଣ ସୁସ୍ଥ ହୋଇଛନ୍ତି। ୭୮୩୪ଜଣଙ୍କର ବର୍ତ୍ତମାନ ସୁଦ୍ଧା କରୋନାରେ ମୃତ୍ୟୁ ହୋଇଛି। ଅପରପକ୍ଷେ ଆଜି ୮୪୯ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରେ ୧୧୯ଜଣ ୧୮ବର୍ଷରୁ କମ୍ ବୟସର ଆକ୍ରାନ୍ତ ଅଛନ୍ତି। ୮୩୪ଜଣ ସୁସ୍ଥ ହୋଇଥିବା ବେଳେ ୬୯ଜଣଙ୍କର କରୋନାରେ ମୃତ୍ୟୁ କଥା ଘୋଷଣା କରାଯାଇଛି। ଅପରପକ୍ଷେ ଶନିବାର ୬୮୬୬୭ଜଣଙ୍କର କୋଭିଡ ପରୀକ୍ଷା ହୋଇଥିବା ବେଳେ ଟିପିଆର୍ ୧.୨୪% ରହିଛି। ଖୋର୍ଦ୍ଧା ଜିଲ୍ଲାରେ ଟିପିଆର୍ ୩.୦୭% ଥିବାବେଳେ ବାକି ସବୁ ଜିଲ୍ଲାରେ ଟିପିଆର୍ ୩% ତଳେ ଅଛି। ଏପରିକି ଗଜପତି, ନବରଙ୍ଗପୁର ଓ ସୋନପୁର ଜିଲ୍ଲାରୁ ଆଜି ଜଣେ ବି ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି।

# ରାଜ୍ୟରେ ଖସୁଛି ସଂକ୍ରମଣ : ଶହେରୁ କମ୍ ପିଲା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୩୦/୮ (ନି.ପ୍ର): ରାଜ୍ୟରେ କମୁଛି ଦୈନିକ ସଂକ୍ରମଣ ସଂଖ୍ୟା। ଗତ ୨୪ ଘଣ୍ଟାରେ ରାଜ୍ୟରେ ୬୦୯ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିସହ ଗତ କିଛି ଦିନ ଧରି ଛୁଆଙ୍କ ସଂକ୍ରମଣ ଶହେ ଉପରେ ରହୁଥିବା ବେଳେ ସେଥିରେ ସାମାନ୍ୟ ବ୍ରେକ୍ ଲାଗିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୯୭ ପିଲା ପଜିଟିଭ ଚିହ୍ନଟ ହୋଇଛନ୍ତି, ଯେଉଁମାନଙ୍କ ବୟସ ଶୂନରୁ ୧୮ ବର୍ଷ ମଧ୍ୟରେ। ଏହାବାଦ ରାଜ୍ୟରେ ଆଉ ୬୭ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ମିଶାଇ ରାଜ୍ୟରେ ସମୁଦାୟ କରୋନାଜନିତ ମୃତ୍ୟୁ ସଂଖ୍ୟା ୭,୯୦୧ ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ କ୍ୱାରେଣ୍ଟାଇନ୍‌ରୁ ୩୫୪ ପଜିଟିଭ ବାହାରିଥିବା ବେଳେ ଲୋକାଲ କଣ୍ଟାକ୍ଟ କେସ୍ ? ହେଉଛି ୨୫୫। ଖୋର୍ଦ୍ଧାରୁ ସର୍ବାଧିକ ୨୦୯ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାବାଦ କଟକରୁ ୭୧, ଯାଜପୁରରୁ ୩୬, ଢେଙ୍କାନାଳରୁ ୨୩, ଜଗତସିଂହପୁର, ବାଲେଶ୍ୱରରୁ ୨୧, ପୁରୀରୁ ୨୦ଲେଖାଏ , ଅନୁଗୋଳ ଜିଲ୍ଲାରୁ ୧୮ ପଜିଟିଭ ଚିହ୍ନଟ ହୋଇଛନ୍ତି। କେନ୍ଦ୍ରାପଡ଼ାରୁ ୧୯, ଦେବଗଡ଼ରୁ ୧୦, ଭଦ୍ରକ,ବୌଦ୍ଧରୁ ୯ ଜଣ ଲେଖାଏ , ବରଗଡ଼ରୁ ୪, ଗଜପତିରୁ ଜଣେ , ଗଞ୍ଜାମରୁ ୬, ଝାରସୁଗୁଡ଼ାରୁ ୩, କନ୍ଧମାଳରୁ ୫, କେନ୍ଦୁଝରରୁ ୫, କୋରାପୁଟରୁ ୩, ମାଲକାନଗିରିରୁ ଜଣେ, ମୟୂରଭଞ୍ଜରୁ ୨୬, ନୟାଗଡ଼ରୁ ୧୧, ରାୟଗଡ଼ାରୁ ୫, ସମ୍ବଲପୁରରୁ ୧୬, ସୋନପୁରରୁ ୨, ସୁନ୍ଦରଗଡ଼ରୁ ୮ ଓ ଷ୍ଟେଟ ପୁଲ୍‌ରୁ ୪୮ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ନୂଆ ୬୦୯ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ସମୁଦାୟ ପଜିଟିଭି ସଂଖ୍ୟା ୧୦,୦୭୧୧୨ରେ ପହଞ୍ଚିଥିବା ବେଳେ ଆକ୍ଟିଭ କେସ୍ ଅଛି ୭୫୨୮ । ଏହାବାଦ ରାଜ୍ୟରେ ୯୯,୧୬୩୦ଜଣ ସୁସ୍ଥ ହୋଇ ସାରିଲେଣି। ରାଜ୍ୟରେ ଆଉ ୬୭ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ କଟକରୁ ୨୦ ଜଣ ଆଖି ବୁଜିଛନ୍ତି। ଏହାବାଦ ଅନୁଗୁଳ ଓ ଜଗତସିଂହପୁରରୁ ୯ ଲେଖାଏଁ, ଖୋର୍ଦ୍ଧାରୁ ୬, ଯାଜପୁର ଜିଲ୍ଲାରୁ ୪ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। କେନ୍ଦ୍ରାପଡ଼ା, କେନ୍ଦୁଝର, ମୟୂରଭଂଜରୁ ୩ ଲେଖାଏଁ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ପୁରୀରୁ ୨ ଜଣ ଲେଖାଏଁ ଆଖି ବୁଜିଛନ୍ତି। ଏହାବ୍ୟତୀତ କଳାହାଣ୍ଡି ଓ ସୁବର୍ଣ୍ଣପୁରରୁ ଜଣେ ଲେଖାଏଁ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି।

# ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

## ଦଳିତଙ୍କୁ ଧୋକା ଦେଉଛି ବିଜେଡି : ବିଜେପି

ଭୁବନେଶ୍ୱର,୩୦/୮ (ନି.ପ୍ର): ଓଡିଶାରେ ଶାସକ ବିଜେଡି ଦଳିତଙ୍କ ଭୋଟରେ ଶାସନ କ୍ଷମତା ଅକ୍ତିଆର କରିଥିବାବେଳେ ଦଳିତଙ୍କ ବିକାଶ ପାଇଁ କୌଣସି ଆନ୍ତରିକତା ନାହିଁ । ବରଂ ଦଳିତଙ୍କୁ ଶୋଷଣ କରି, ଦଳିତଙ୍କୁ ଧୋକା ଦେଇ ଶାସକ ବିଜେଡି ସାଂଘାତିକ ଅପରାଧ କରୁଛି ବୋଲି ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେବା ଅବସରରେ ବିଜେପି ଅନୁସୁଚିତ ଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ଅଧକ୍ଷ ଲାଲ୍ ସିଂ ଆର୍ଯ୍ୟ କ୍ଷୋଭ ପ୍ରକାଶ କରି କହିଛନ୍ତି ।

ଓଡିଶା ସରକାରଙ୍କ ତରଫରୁ ଦଳିତଙ୍କୁ ନ୍ୟାୟ ମିଳୁ ନାହିଁ। ବିକାଶ ସେମାନଙ୍କ ପାଖକୁ ପହଂଚି ପାରୁ ନାହିଁ । ଦଳିତଙ୍କ ବିକାଶ ପାଇଁ କେନ୍ଦ୍ରରୁ ଆସୁଥିବା ପର୍ଯ୍ୟାପ୍ତ ପରିମାଣର ଅର୍ଥକୁ ରାଜ୍ୟ ସରକାର ଅଲଗା ଯୋଜନାରେ ଖର୍ଚ୍ଚ କରୁଛନ୍ତି । ଅଦ୍ୟାବଧି ରାଜ୍ୟରେ ଅନୁସୁଚିତ ଜାତି କମିଶନ ଗଠନ କରା ନଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ।ପକ୍କା ଘର ତ ବହୁ ଦୂର କଥା, ଜମି ଖଣ୍ଡିଏ ଯୋଗାଇବାରେ ବିଫଳ ରାଜ୍ୟ ସରକାର । ରାଜ୍ୟରେ ଅଧିକାଂଶ ଅନୁସୁଚିତ ଜାତିର ଲୋକେ ଭୂମିହୀନ ହୋଇଥିବାରୁ ରାଜ୍ୟ ସରକାର ତୁରନ୍ତ ଚିହ୍ନଟ କରି ୨୦୨୨ ମସିହା ସୁଦ୍ଧା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଡିହ ସହ ବାସଗୃହ ଯୋଗାଇ ଦିଅନ୍ତୁ । ସ୍ୱଚ୍ଛତା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଥିବା ପ୍ରତ୍ୟେକ ଦଳିତ ବର୍ଗ ଲୋକଙ୍କୁ ପାଇଖାନା ଯୋଗାଇ ଦିଆଯାଉ । ବାସଗୃହ ଏବଂ ପାଇଖାନା କ୍ଷେତ୍ରରେ ଯେପରି କୌଣସି ହିତାଧିକାରୀଙ୍କୁ ଲାଂଚ ଦେବାକୁ ନପଡେ, ସେଥି ପ୍ରତି ରାଜ୍ୟ ସରକାର ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଶ୍ରୀ ଆର୍ଯ୍ୟ ପରାମର୍ଶ ଦେଇଛନ୍ତି ।

ରାଜ୍ୟରେ ଦଳିତଙ୍କ ପ୍ରତି ଅତ୍ୟାଚାର ଦିନକୁ ଦିନ ବଢିଚାଲିଛି । ଅନୁସୁଚିତ ଜାତିଙ୍କ ପ୍ରତି ଅତ୍ୟାଚାର କ୍ଷେତ୍ରରେ ଆଇନ ଅନୁଯାୟୀ ଉପଯୁକ୍ତ ର୍ୟାଂକର ପୋଲିସ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯାଇ ସଠିକ୍ ସମୟରେ ଚାର୍ଜସିଟ୍ ଦାଖଲ କରି ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ପ୍ରଦାନ କରାଯିବାକୁ କାର୍ଯ୍ୟକାରିଣୀରେ ଦାବୀ କରାଯାଇଛି ।ଅନୁସୁଚିତ ଜନଜାତିର ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇ.ଟି.ଡି.ଏ ଯୋଜନା ଭଳି ଅନୁସୁଚିତ ଜାତି ବର୍ଗଙ୍କ ପାଇଁ ସ୍ୱତନ୍ତ୍ର ଆଇ.ଏସ୍.ସି.ଡି.ଏ. (ସମନ୍ୱୟିତ ଅନୁସୁଚିତ ଜାତି ବିକାଶ ଉନ୍ନୟନ ଅଥରିଟି) ଗଠନ କରାଯାଇ ଦଳିତ ବର୍ଗଙ୍କ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କାର୍ଯ୍ୟକାରିଣୀ ଦାବୀ କରିଛି ବୋଲି ଶ୍ରୀ ଆର୍ଯ୍ୟ କହିଛନ୍ତି ।ରାଜ୍ୟ ସରକାର ‘ଓଡିଶା ଏସ୍‌ସି ଏସ୍‌ଟି ଫାଇନାନ୍ସିଆଲ ଡେଭେଲପମେଂଟ କର୍ପୋରେସନ’କୁ କାର୍ଯ୍ୟକ୍ଷମ କରି ଅନୁସୁଚିତ ଜାତି ଓ ଜନଜାତିଙ୍କ ବିକାଶକୁ ପ୍ରାଧାନ୍ୟ ଦିଅନ୍ତୁ। ରାଜ୍ୟ ସରକାର ଆୟୁଷ୍ମାନ ଭାରତ ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଆଜିର କାର୍ଯ୍ୟକାରିଣୀରେ ଦାବୀ କରାଯାଇଛି ।

ରାଜ୍ୟ ସରକାରଙ୍କ ଦଳିତ ବିରୋଧୀ ଆଭିମୁଖ୍ୟ ପ୍ରସଙ୍ଗରେ ବିଜେପି ଅନୁସୁଚିତ ଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ଅନୁସୁଚିତ ଜାତି ଆୟୋଗଙ୍କ ନିକଟରେ ଫେରାଦ ହେବ । ରାଜ୍ୟର ଅନୁସୁଚିତ ବର୍ଗ ଲୋକମାନେ କେମିତି ନ୍ୟାୟ ପାଇବେ, ସେ ନେଇ ଆମେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଶ୍ରୀ ଆର୍ଯ୍ୟ ସୁଚନା ଦେଇ କହିଛନ୍ତି ।

ଆଜି ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ବିଜେପି ଅନୁସୁଚୀତ ଜାତି ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୋର୍ଚ୍ଚାର ରାଜ୍ୟ ସଭାପତି ପୂର୍ବତନ ସାଂସଦ ବିଭୁ ତରାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଜିର ଏହି କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ସଭାପତି ସମୀର ମହାନ୍ତି, ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧକ୍ଷ ଲାଲ୍ ସିଂ ଆର୍ଯ୍ୟ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୋର୍ଚ୍ଚା ରାଷ୍ଟ୍ରୀୟ ସାଧାରଣ ସଂପାଦକ ଡ.ଭୋଲା ସିଂହ ପ୍ରମୁଖ ଉପସ୍ଥିତ ରହି ଦଳୀୟ ସଂଗଠନରେ ମୋର୍ଚ୍ଚାର ଭୂମିକା ଉପରେ ବିସ୍ତୃତ ଆଲୋଚନା କରିଥିଲେ । ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ତଥା ବିଧାୟକ ଡ.ମୁକେଶ ମହାଲିଙ୍ଗ ରାଜନୈତିକ ଚିଠା ଉପସ୍ଥାପନା କରିଥିବାବେଳେ ମୋର୍ଚ୍ଚା ରାଜ୍ୟ ଉପସଭାପତି ତଥା ବିଧାୟକ ସନାତନ ବିଜୁଳି ଏବଂ ନାଉରୀ ନାଏକ ସମର୍ଥନ ଜଣାଇଥିଲେ ଏବଂ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ଚିଠା ପ୍ରସ୍ତାବ ସଂକଳନ କରିଥିଲେ ।

ମୋଦି ସରକାରଙ୍କ ଗତ ୭ ବର୍ଷ ଶାସନ ଓ ଉପଲବ୍ଧି ସଂପର୍କରେ ମୋର୍ଚ୍ଚା ରାଜ୍ୟ ପ୍ରଭାରୀ ଜୟପ୍ରକାଶ ସିଂହ ଭୋକ୍ତା କାର୍ଯ୍ୟକାରିଣୀରେ ବିସ୍ତୃତ ଆଲୋଚନା କରିଥିବାବେଳେ ବିଜେପି ବାର୍ତା ସଂପାଦକ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ମୋର୍ଚ୍ଚା ସଂଯୋଜକ ଡ.ରବିନ୍ଦ୍ର ନାରାୟଣ ବେହେରା, ରାଜ୍ୟ ପ୍ରଭାରୀ ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମଲ୍ଲିକ, ସୁଶାନ୍ତ ମଲ୍ଲିକ, ଡ.କଳ୍ପନା ମଲ୍ଲିକ, ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ରାଘବ ମଲ୍ଲିକ ପ୍ରମୁଖ କାର୍ଯ୍ୟକାରିଣୀରେ ଉପସ୍ଥିତ ରହି ଆଲୋଚନା ଭାଗ ନେଇଥିଲେ । ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ ଉପସ୍ଥିତ ରହି କାର୍ଯ୍ୟକାରିଣୀକୁ ମାର୍ଗଦର୍ଶନ କରିଥିଲେ । କାର୍ଯ୍ୟକାରିଣୀ ଆରମ୍ଭରେ ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ଆର୍ଯ୍ୟ ସମସ୍ତ ଜିଲ୍ଲା ସଭାପତି, ଜିଲ୍ଲା ପ୍ରଭାରୀମାନଙ୍କ ସହ ଆଲୋଚନା କରିଥିଲେ ।

## ଧର୍ମ ସଂସ୍ଥାପନାର୍ଥାୟ....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ହିନ୍ଦୁମାନଙ୍କର ଏହା ଏକ ମୁଖ୍ୟ ପର୍ବ । ବେଦବାଣୀ ଓ ଜ୍ୟୋତିଷ ଗଣନାନୁସାରେ ଭଗବାନ ଶ୍ରୀକୃଷ୍ଣ ଦ୍ୱାପର ଯୁଗର ଶେଷ ଭାଗରେ ଧରାଧାମରେ ଅବତୀର୍ଣ୍ଣ ହୋଇଥିଲେ । ତାଙ୍କର ଲୀଳା ଅବଧୀ ଥିଲା ୧୨୫ ବର୍ଷ ୭ ମାସ । ଯେଉଁ ଦିନ କୃଷ୍ଣଙ୍କର ମହାପ୍ରୟାଣ ଘଟିଲା, ସେହି ଦିନରୁ କଳି ଯୁଗ ଆରମ୍ଭ ହୋଇଛି ଓ ବ□ମାନ କଳି ଭୋଗବ୍ଦ ୫୧୧୩ ଚାଲିଛି । ଗବେଷକମାନେ ଖ୍ରୀଷ୍ଟପୂର୍ବ ୩୨୨୭ ପୂର୍ଣ୍ଣମାନ୍ତ ଭାଦ୍ର କୃଷ୍ଣ ଅଷ୍ଟମୀ ତିଥିରେ ତାଙ୍କର ଜନ୍ମ ହୋଇଥିବା ମତ ଦିଅନ୍ତି । ଓଡ଼ିଶାର ପୁରପଲ୍ଲୀରେ ଏହି ଉତ୍ସବ ମହା ସମାରୋହରେ ପାଳନ କରାଯାଏ । ଏହିଦିନ ଲୋକେ ନିଜକୁ ଉପବାସ ରଖିଥାନ୍ତି, ଓ ରାତ୍ରି ୧୨ ଟାରେ କୃଷ୍ଣଜନ୍ମ ଉତ୍ସବ ପାଳନ କରି ଉପବାସ ଭାଙ୍ଗିଥାନ୍ତି । ଗାଁ ଭାଗବତ ଟୁଙ୍ଗୀମାନଙ୍କରେ ଅଥବା କାହାରି ଘର ବା ମଠ ମନ୍ଦିରରେ ହରିବଂଶ ପୁରାଣ ପାଠ କରାଯାଏ । ହରିବଂଶ ପୁରାଣ ଅତି ଦୀର୍ଘ ହୋଇଥିବାରୁ କେଉଁଠି କେଉଁଠି ଖଣ୍ଡିକିଆ ହରିବଂଶ ପଢ଼ାଯାଏ । ଶ୍ରୀମନ୍ଦିରରେ ପାଳିତ ପର୍ବ ପର୍ବାଣିମାନଙ୍କ ଭିତରେ ଜନ୍ମାଷ୍ଟମୀ ଅନ୍ୟତମ । ଓଡ଼ିଶାରେ ବୈଷ୍ଣବ ମତବାଦର ବହୁଳ ପ୍ରଭାବ ରହିଥିବାରୁ ଏହି ପର୍ବ ଓଡ଼ିଆ ଜନମାନସରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି । ଲୋକମାନେ ମଧ୍ୟ ଜନ୍ମାଷ୍ଟମୀ ବ୍ରତ ବହି ପାଠ କରିଥାନ୍ତି । ଜନ୍ମାଷ୍ଟମୀର ପରବ□ୀ ଦିନ ନନ୍ଦୋତ୍ସବ ପାଳନ ହୁଏ । ନନ୍ଦରାଜ ଓ ଯଶୋଦାରାଣୀଙ୍କ ଆନନ୍ଦକୁ ମନେ ପକାଇବାପାଇଁ ଏହି ଦିନ ଲୋକେ ଗାୟନ କୀ□ନ କରିଥାନ୍ତି । ଜୟ ଭାରତ ସେବାସଂଘର ସଦସ୍ୟମାନଙ୍କ ଦ୍ୱାରା ଗଠିତ ମାନବ ମିନାର ଯାହା ଉପରେ ଲଟକାଯାଇଥିବା ଦହିହାଣ୍ଡିକୁ ଭାଙ୍ଗିବାପାଇଁ ଉଦ୍ୟତ ହୁଅନ୍ତି । ଉ□ର ପ୍ରଦେଶର ମଥୁରାରେ ଶ୍ରୀକୃଷ୍ଣ ଜନ୍ମଗ୍ରହଣ କରିଥିବାରୁ ସେଠି ଏହି ଉତ୍ସବ ବିଶେଷ ଯାକଯମକ ଉଲ୍ଲାସରେ ପାଳିତ ହୋଇଥାଏ । କୃଷ୍ଣଙ୍କର କ୍ରୀଡ଼ାଭୂମୀ ଗୋକୁଳ ଓ ବୃନ୍ଦାବନରେ ଅସଂଖ୍ୟ ଜନଗହଳି ହୋଇଥାଏ ଓ ସେଠାରେ ଏହି ଉତ୍ସବ ପ୍ରାୟ ସାତଦିନବ୍ୟାପି ପାଳିତ ହୋଇଥାଏ । ଗୁଜରାଟର ଦ୍ୱାରକାରେ ଥିବା ଦ୍ୱାରିକାଧିଶ ମନ୍ଦିରରେ ମଧ୍ୟ ଏହି ଉତ୍ସବ ବହୁତ ଆଡ଼ମ୍ବରରେ ପାଳିତ ହୋଇଥାଏ । ଏହାଛଡ଼ା ପଶ୍ଚିମ ବଙ୍ଗରେ ଶ୍ରୀଚୈତନ୍ୟ ଓ ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମସ୍ଥାନ ନବଦ୍ୱୀପରେ ମଧ୍ୟ ଜନ୍ମାଷ୍ଟମୀ ହର୍ଷୋଲ୍ଲାସରେ ପାଳିତ ହୋଇଥାଏ । ଲୋକେ ଉପବାସ ରଖି ଶ୍ରୀକୃଷ୍ଣଙ୍କ ଜନ୍ମ ଓ ଲୀଳା ବର୍ଣ୍ଣନାରେ ସମୃଦ୍ଧ ଶ୍ରୀମଭାଗବତର ଦଶମ ସ୍କନ୍ଧ ପଢ଼ିଥାନ୍ତି । ଜାମ୍ମୁଠାରେ ଏହିଦିନ ଗୁଡ଼ି ଉଡ଼ାଇବାର ପ୍ରଥା ରହିଛି ।

ଶ୍ରୀକୃଷ୍ଣ ମାନବ ସମାଜକୁ କର୍ମଯୋଗର ଶିକ୍ଷା ଦେଇଛନ୍ତି । ଶ୍ରୀମଭଗବଦଗୀତାରେ କର୍ମ ଅନୁସାରେ ଫଳ ମିଳିବ ବୋଲି କୁହାଯାଇଛି । ତେଣୁ ଜନ୍ମାଷ୍ଟମୀର ପାଳନ ଅବସରରେ ଜଣେ ପ୍ରକୃତ କର୍ମଯୋଗୀ ହେବାପାଇଁ ଶପଥ ନେବା ଆବଶ୍ୟକ । ଫଳର ଆଶା ନ ରଖି ବିଶ୍ୱର ସେବା କରିବା ହେଉଛି ପ୍ରକୃତ କର୍ମଯୋଗ । ଗୀତାରେ ଶ୍ରୀକୃଷ୍ଣଙ୍କ ପ୍ରଦର୍ଶିତ ପଥ ଅନୁସରଣ କରି ଯେ କେହି ସ୍ଥିତପ୍ରଜ୍ଞ ହୋଇପାରେ । ମହାପୁରୁଷମାନେ ଦେଖାଇଦେଇଥିବା ପଥରେ ଯାଇ ଇତରଲୋକେ ସୁଖ, ଶାନ୍ତି ଓ ସମୃଦ୍ଧିକୁ ସହଜରେ ହାସଲ କରିପାରିବେ । ଆଜିର ଏ କଳୁଷ କାଳରେ ଶୁଦ୍ଧପୂତ ମନରେ ଜନ୍ମାଷ୍ଟମୀ ପାଳନ କରି ସେହି ପରମ ପୁରୁଷୋ□ମ ଭଗବାନ ଶ୍ରୀକୃଷ୍ଣଙ୍କ୍ ୍ାଣୀ ସ୍ମରଣ କରି କର୍ମଯୋଗରେ ନିଜକୁ ସମର୍ପିତ କଲେ ମୁକ୍ତି ମିଳିବ ବୋଲି ଆଧାତ୍ମିକ ବିଶ୍ୱାସ ରହିଛି...!!!

+ଓଡିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ
ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ - ୪
ଦୂରଭାଷ: ୯୪୩୭୭ ୪୦୨୮୦

## ଜିଲ୍ଲା ସମ୍ପାଦକ ପ୍ରଦୀପ ମଲ୍ଲିକଙ୍କ ନେତୃତ୍ୱରେ ବିଜେଡ଼ିର ବିଭିନ୍ନ ପଂଚାୟତ ସ୍ତରୀୟ ସାଂଗଠନିକ ବୈଠକ

ଧାମନଗର,୩୦/୦୮ (ନି.ପ୍ର): ରାଜ୍ୟରେ ଆଗାମୀ ୨୦୨୨ରେ ହେବାକୁ ଥିବା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଉପଲକ୍ଷେ ବିଜେଡ଼ି ଦଳପକ୍ଷରୁ ଧାମନଗର ବ୍ଲକ ଅଂଚଳର ବିଭିନ୍ନ ପଂଚାୟତ ସ୍ତରୀୟ ସାଂଗଠନିକ ବୈଠକ ଯୋରଦାର ଆରମ୍ଭ ହୋଇଛି । ଧାମନଗର ପୂର୍ବତନ ବିଧାୟକ ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କ ପୁତ୍ର ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ମାନସ ମଲ୍ଲିକଙ୍କ ସାନଭାଇ ବର୍ତ୍ତମାନ ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକଙ୍କ ବଡ଼ଭାଇ ବିଜୁ ଜନତାଦଳର ଜିଲ୍ଲା ସାଧାରଣ ସମ୍ପାଦକ ଧାମନଗରର ପଂଚାୟତ ସମିତିର ସଭ୍ୟ ପ୍ରଦୀପ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପଂଚାୟତର ସଭାପତି ଓ କର୍ମୀ ମାନଙ୍କୁ ନେଇ ଦଳ ପକ୍ଷରୁ ସାଂଗଠନିକ ବୈଠକ ହେଉଥିବା ଜଣାଯାଇଛି । ଜିଲ୍ଲା ସମ୍ପାଦକ ଶ୍ରୀ ମଲ୍ଲିକ ସମସ୍ତ କର୍ମୀଙ୍କୁ ଏକାଠି କରିବା ସହିତ ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ବିରୋଧିଙ୍କୁ ମୁକାବିଲା କରିବା ପାଇଁ ନିଜ ନିଜ ଭିତରେ ମନାନ୍ତରକୁ ଭୁଲିଯାଇ ଦଳକୁ ଆଗକୁ ନେବାପାଇଁ ଏବଂ ପଂଚାୟତ ଠାରୁ ଆରମ୍ଭ କରି ୱାର୍ଡ଼ ପର୍ଯ୍ୟନ୍ତ ସଂଗଠନକୁ ମଜବୁତ କରିବା ସମ୍ପର୍କରେ କର୍ମୀ ମାନଙ୍କୁ କହିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକାରୀ ଯୋଜନା ସର୍ବୋପରି ଟଙ୍କିକିଆ ଚାଉଳ ରେସନ ମାଧମରେ ଯୋଗାଣ ସହ ଜନ୍ମରୁ ମଶାଣିକୁ ଯିବା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକୁ ସାଧାରଣ ଲୋକଙ୍କ ପାଖରେ ପହଂଚଇବା ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ସହିତ ଧାମନଗରରେ ୨୦୨୨ ପଂଚାୟତ ନିର୍ବାଚନର ପଂଚାୟତ ସମିତି ତୃତୀୟଥର ଦଖଲ କରିବା ପାଇଁ ନେତା ଓ କର୍ମୀ ମାନଙ୍କୁ ଶ୍ରୀ ମଲ୍ଲିକ ପରାମର୍ଶ ଦେଇଥିଲେ । ଧାମନଗର ପଂଚାୟତ ସମିତି ଅଧକ୍ଷ ଅଶୋକ କୁମାର ନାୟକ, ବିଜୁ ଜନତା ଦଳର ବ୍ଲକ ସଭାପତି ଉମେଶଚନ୍ଦ୍ର ମହାନ୍ତି ସାଂସଦଙ୍କ ପ୍ରତିନିଧି ନାରାୟଣଚନ୍ଦ୍ର ସାହୁ, ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ପୂର୍ବତନ ସଭାପତି ରଘୁନାଥ ଲେଙ୍କା, ବରିଷ୍ଠ ସମିତିସଭ୍ୟ ହରେକୃଷ୍ଣ ପାଢୀ, ବିଜେଡ଼ିନେତା ସୁଶାନ୍ତ କୁମାର ପଣ୍ଡା, ସୁଶାନ୍ତ କୁମାର ନାୟକ, ସାରଦାପ୍ରଶନ୍ନ ସାହୁ. ଭାରତ ବିଜୟ ଦଳାଇ, କୃଷ୍ଣଚନ୍ଦ୍ର ପତି, ବିଦ୍ୟାଧର ରାଉତ, ସୁବାଶ ମହାକୁଡ଼, ଧାମନଗର ବ୍ଲକ ବିଜୁ ମହିଳା ସଭାନେତ୍ରୀ ତନୁଶ୍ରୀ ପୁହାଣଙ୍କ ସମେତ ପଂଚାୟତର ନେତା ଓ କର୍ମୀମାନେ ସାଂଗଠନିକ ବୈଠକରେ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ହିଞ୍ଜିଳିର ସମସ୍ତ ୫୦ଟି ରୂପାନ୍ତରିତ....

ବଢାଇବ, ଏ ବିଶ୍ୱାସ ଆମ ସମସ୍ତଙ୍କ ଭିତରେ ରହିଛି ମୁଖ୍ୟମନ୍ତ୍ରୀ କହିଥିଲେ, "ପିଲାମାନେ ତୁମେମାନେ ଆଗକୁ ବଢ, ମୋର ଶୁଭେଚ୍ଛା ଓ ଆଶୀର୍ବାଦ ସବୁବେଳେ ତୁମ ସାଥିରେ ରହିଛି ।" ଏହି ଅବସରରେ ଶିକ୍ଷକ-ଶିକ୍ଷୟିତ୍ରୀ ମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଏ ରୂପାନ୍ତର କାର୍ଯ୍ୟକ୍ରମ ଶିକ୍ଷକ ମାନଙ୍କ ଦାୟିତ୍ୱ ବଢାଇଛି । ପିଲାମାନେ ଯେପରି ଏହ ରୂପାନ୍ତର ସୁଯୋଗର ସଠିକ ଉପଯୋଗ କରିପାରିବେ, ସେଥିପ୍ରତି ଧ୍ୟାନ ଦେବା ସହିତ ପିଲା ମାନଙ୍କୁ ଠିକ୍ ଭାବରେ ଗାଇଡ କରିବାକୁ ମୁଖ୍ୟମନ୍ତ୍ରୀ ଶିକ୍ଷକ ମାନଙ୍କୁ ପରାମର୍ଶ ଦେଇଥିଲେ । ନିଜ ନିଜ ସ୍କୁଲର ଫଳାଫଳକୁ ଶତପ୍ରତିଶତ କରିବାପାଇଁ ଶିକ୍ଷକ ମାନଙ୍କ ମଧ୍ୟରେ ପ୍ରତିଯୋଗୀତା ହେଲେ, ସେ ଖୁସି ହେବେ ବୋଲି ପ୍ରକାଶ କରିଥିଲେ । ଆଜି ଲୋକାର୍ପିତ ହୋଇଥିବା ବିଦ୍ୟାଳୟ ଗୁଡିକ ହେଲା – ସତ୍ୟଭାମା ବିଦ୍ୟାପୀଠ, ବଡଖଣ୍ଡି ପଂଚାୟତ; ମହାତ୍ମାଗାନ୍ଧୀ ହାଇସ୍କୁଲ, ଶେରଗଡ ପଂଚାୟତ ; ଖରିଡା ହାଇସ୍କୁଲ, ଖରିଡା ପଂଚାୟତ ; ରାମଚନ୍ଦ୍ରପୁର ହାଇସ୍କୁଲ, ରାମଚନ୍ଦ୍ରପୁର, ଶେରଗଡ଼ ; ମକରଝୋଳ ହାଇସ୍କୁଲ, ମକରଝୋଳ ପଂଚାୟତ ; ବରମୁଣ୍ଡୁଳି ହାଇସ୍କୁଲ, ବରମୁଣ୍ଡୁଳି ପଂଚାୟତ ;କାଞ୍ଚିଆମା ହାଇସ୍କୁଲ, କାଞ୍ଚିଆମା ତନହର ପଂଚାୟତ; ବାଳିକା ହାଇସ୍କୁଲ, ପିତଳ ପଂଚାୟତ ; ବ୍ରାହ୍ମଣଛାଇ ହାଇସ୍କୁଲ, ବ୍ରାହ୍ମଣଛାଇ ପଂଚାୟତ ଏବଂ ଓଡିଶା ଆଦର୍ଶ ବିଦ୍ୟାଳୟ, ପକିଡି, ଶେରଗଡ ପଂଚାୟତ । ଏହି ୫ ଦିନ କାର୍ଯ୍ୟକ୍ରମରେ ପିଲାମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରି ସେମାନଙ୍କ ମନର ଖୁସି ବ୍ୟକ୍ତ କରିଥିଲେ । ଭବିଷ୍ୟତରେ ତୁମେ କଣ ହେବାକୁ ଚାହୁଁଛ ବୋଲି ମୁଖ୍ୟମନ୍ତ୍ରୀ ଯେତେବେଳେ ପଚାରିଥିଲେ, ସେମାନେ ସମସ୍ତେ କିଏ ଡାକ୍ତର, କିଏ ଇଂଜିନିଅର ତ କିଏ ଶିକ୍ଷକ, ଆଇ.ଏ.ଏସ୍ ?. ଆଇ.ପି.ଏସ୍ ? ଓ ସାମ୍ବାଦିକ ତଥା ବିଚାରପତି ହେବେ ବୋଲି କହିଥିଲେ । ସେମାନଙ୍କ ମନରେ ଆତ୍ମବିଶ୍ୱାସର ଝଲକ ଭରି ରହିଥିଲା । ସ୍କୁଲର ରୂପାନ୍ତର ସେମାନଙ୍କ ମାନସିକ ସ୍ତରରେ ଏକ ବଡ ପରିବର୍ତ୍ତନ ଆଣିପାରିଛି । ସେମାନେ କହିଥିଲେ ଯେ ଆମେ ସମସ୍ତେ ବର୍ତମାନ ସରକାରୀ ସ୍କୁଲରେ ପଢୁଛୁ ବୋଲି ଗର୍ବ ଅନୁଭବ କରିପାରୁଛୁ । ମୁଖ୍ୟମନ୍ତ୍ରୀ ଆମ ମାନଙ୍କ ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି, ତାକୁ ପୂରଣ କରିବା ପାଇଁ ଆମେ ଆମର ଶ୍ରେଷ୍ଠ ଉଦ୍ୟମ କରିବୁ ବୋଲି ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରତିଶୃତି ଦେଇଥିଲେ । ଶିକ୍ଷକ ମାନେ ଅଂଶ ଗ୍ରହଣ କରି ଡିଜିଟାଲ ପ୍ଲାଟଫର୍ମରେ ଶିକ୍ଷା ଦାନ ପାଠପଢ଼ା କୁ ଅଧିକ ଆକର୍ଷଣୀୟ କରି ପାରିଛି କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ହିଞ୍ଜିଳିରେ ଆରମ୍ଭ ହୋଇଥିବା ଏହି ରୂପାନ୍ତରଣ କାର୍ଯ୍ୟ ସାରା ରାଜ୍ୟରେ ପ୍ରତିଫଳିତ ହେବ । ଓଡିଶାର ସବୁ ସ୍କୁଲରେ ଆସିବ ରୂପାନ୍ତରଣ । ଅତିଥି ଭାବରେ ଯୋଗ ଦେଇଥିବା ମନ୍ତ୍ରୀମଣ୍ଡଳର ସଦସ୍ୟବୃନ୍ଦ ଓ ବିଧାୟକ ମାନଙ୍କୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ହିଞ୍ଜିଳିର ସ୍କୁଲ ମାନଙ୍କର ଏ ରୂପାନ୍ତରଣ ସମସ୍ତଙ୍କ ପାଇଁ ଏକ ଶିକ୍ଷଣୀୟ ଉଦାହରଣ ।

### ହିନ୍ଦୁସ୍ତାନ ସହ ସାଂସ୍କୃତିକ ....

ଏହି ଚର୍ଚ୍ଚାକୁ ଖଣ୍ଡନ କରିଛି ତାଲିବାନ । ମିଡିଆ ମିଛ କହୁଛି ବୋଲି କହିଛି ତାଲିବାନ । ଆଫଗାନିସ୍ତାନ ଆତଙ୍କବାଦୀଙ୍କ ଆଡ୍ଡା ପାଲଟିବ ଏ କଥା ମଧ୍ୟ ଚର୍ଚ୍ଚା ହେଉଛି । ଭାରତ ପ୍ରତି ବିପଦର ସଙ୍କେତ ମଧ୍ୟ ଦିଆଯାଉଛି । ତାଲିବାନ କହିଛି ତା ଆଫଗାନିସ୍ତାନ ଅତିତରେ ନା କାହାପ୍ରତି ବିପଦ କରିଛି ନା ଭବିଷ୍ୟତରେ କରିବ । ପାକିସ୍ତାନ ଭାରତକୁ କ୍ଷତି ପହଂଚାଇବା ପାଇଁ ଆଫଗାନିସ୍ତାନର ପ୍ରୟୋଗ କରିବ ନାହିଁ ବୋଲି ତାଲିବାନ କହିଛି । ହିନ୍ଦୁ ଓ ଶିଖ୍‌ଙ୍କ ବିଷୟରେ ମତାମତ ରଖିଛି ତାଲିବାନ । ତାଲିବାନର ମତ ସେମାନେ ଆଫଗାନିସ୍ତାନରେ ସୁରକ୍ଷିତ । ଆଫଗାନିସ୍ତାନରେ ଭାରତର ନିବେଶ ଚାହୁଁଛି ତାଲିବାନ । ଆଫଗାନିସ୍ତାନରେ ଭାରତୀୟଙ୍କ ସୁରକ୍ଷା ତାଲିବାନର ଦାୟିତ୍ୱ ବୋଲି କହିଛି ତାଲିବାନ । କିନ୍ତୁ ଏ କଥାରେ କେତେ ସତ୍ୟତା ରହିଛି । ତାଲିବାନିଙ୍କ କଥା କେତେ ବିଶ୍ୱାସଯୋଗ୍ୟ । ତାଲିବାନିଙ୍କ କଥା ଓ କାମରେ ଫରକ ରହିଯିବନି ତ । ଭାରତ ସହ ବନ୍ଧୁତା କରି ବିଶ୍ୱାସରେ ବିଷ ଦେବନି ତ ତାଲିବାନ । ଏହାକୁ ନେଇ ଭାରତର ଆଭିମୁଖ୍ୟ କଣ ହେବ ତାକୁ ନେଇ ମଧ୍ୟ ଉଠୁଛି ପ୍ରଶ୍ନ ।

### ଛାତ୍ରଛାତ୍ରୀଙ୍କୁ ସ୍ନାତକ ଶେଷ....

ଫାଇନାଲ ମାର୍କସିଟ୍ କିମ୍ବା ପ୍ରୋଭିଜିନାଲ ମାର୍କସିଟ୍ ଦେବା ପାଇଁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି । ପ୍ରୋଭିଜିନାଲ ମାର୍କସିଟ୍ ଦିଆଗଲେ ପରୀକ୍ଷାର୍ଥୀମାନେ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସ୍ନାତକତୋର ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ସୁଯୋଗ ପାଇପାରିବେ ବୋଲି ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ।

### ଆମ ମଧ୍ୟରେ ଥିବା ସବୁ ସମସ୍ୟାର....

ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି, 'ମୁଁ ଆଗରୁ କହିଛି, ଏବେ ବି କହୁଛି ଯେ କୌଣସି ପରିସ୍ଥିତିରେ ଦଳ ବଦଳାଇବି ନାହିଁ । କଂଗ୍ରେସ ଦଳ ଛାଡ଼ିବାର ନାହିଁ । କୋରାପୁଟ ଜିଲ୍ଲାରେ ଦଳକୁ ଦୃଢ଼ କରିବା ଆମ ସମସ୍ତଙ୍କର ଦାୟିତ୍ୱ । ଯେଉଁମାନେ ପରିସ୍ଥିତିରେ ପଡ଼ି ବିଜେଡି କିମ୍ବା ବିଜେପିକୁ ଚାଲି ଯାଇଛନ୍ତି, ସେମାନଙ୍କୁ ଫେରାଇ ଆଣିବା ଦାୟିତ୍ୱ ମଧ୍ୟ ମୋର । ମୁଁ ସମସ୍ତଙ୍କୁ ନେଇ ଆଗକୁ ବଢ଼ିବି ।'

## କରୋନାରୁ ସୁସ୍ଥ ହେଲେ ୮୪୩ ଆକ୍ରାନ୍ତ

ଭୁବନେଶ୍ୱର,୩୦/୦୮(ନି.ପ୍ର): ରାଜ୍ୟରେ ସୋମବାର କରୋନା ମହମାରୀରୁ ଆଉ ୮୪୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୯ ଲକ୍ଷ ୯୨ ହଜାର ୪୭୩ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ ଜରିଆରେ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୩୪୯ ଜଣ ଓ କଟକ ଜିଲ୍ଲାରୁ ୧୩୪ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି । ଯାଜପୁରରୁ ୪୫, ପୁରୀରୁ ୩୨, ବାଲେଶ୍ୱରରୁ ୨୩, ସମ୍ବଲପୁରରୁ ୨୦, ମୟୂରଭଂଜ ଓ ନୟାଗଡ଼ରୁ ୧୮-୧୮, ଜଗତସିଂହପୁରରୁ ୧୭, ଢେଙ୍କାନାଳରୁ ୧୪, ଦେବଗଡ଼ ଓ କେନ୍ଦ୍ରାପଡ଼ାରୁ ୧୨ ଜଣ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି ଭଦ୍ରକ ଜିଲ୍ଲାରୁ ୧୦, ରାୟଗଡ଼ା ଓ ସୁନ୍ଦରଗଡ଼ରୁ ୮-୮, ଅନୁଗୁଳ, ବରଗଡ଼ରୁ ୭-୭, ଗଂଜାମରୁ ୬, କୋରାପୁଟରୁ ୫, ଝାରସୁଗୁଡ଼ା, କନ୍ଧମାଳରୁ ୪-୪, ବଲାଙ୍ଗୀର, କଳାହାଣ୍ଡି, କେନ୍ଦୁଝର, ମାଲକାନଗିରି, ସୁବର୍ଣ୍ଣପୁରରୁ ୨ ଜଣ ଲେଖାଏଁ, ନବରଂଗପୁରରୁ ଜଣେ ଏବଂ ରାଜ୍ୟପୁଲରୁ ୭୯ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି ।

## 'ଆମେ ମୟୂରଭଞ୍ଜିଆ' ପକ୍ଷରୁ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ଜୟନ୍ତୀ



ବାରିପଦା,୩୦/୦୮ (ନି.ପ୍ର): ପୂଜ୍ୟ ପୂଜାର ପରମ୍ପରା ମାଧ୍ୟମରେ ପୂର୍ବପୁରୁଷଙ୍କ ସ୍ମୃତିଚାରଣ ସହିତ କୃତୀ ଓ କୃତିତ୍ୱକୁ ମନେ ପକାଇବାର ପ୍ରତ୍ୟେକ ମଣିଷର ଧର୍ମ । ଯେଉଁ ଜାତି ନିଜର ସ୍ୱର୍ଣ୍ଣିମ ଅତୀତ ଓ ଐତିହ୍ୟକୁ ମନେ ରଖି ପାରେନା ସେ ଜାତି କେବେ ଭବିଷ୍ୟତରେ ଉନ୍ନତିର ଚରମ ଶିଖରକୁ ପହଞ୍ଚି ପାରେନା । ତେଣୁ ଇତିହାସର କବର ତଳୁ ସତ୍ୟକୁ ଉନ୍ମୋଚିତ କରିବାର ଆବଶ୍ୟକତା ଅଛି । ଏଥିପାଇଁ ଜଣେ ପ୍ରତିଶ୍ରୁତି ବଦ୍ଧ ତଥା ଅଙ୍ଗୀକାର ବଦ୍ଧ ବ୍ୟକ୍ତିତ୍ୱର ଆବଶ୍ୟକତା ରହିଛି ବୋଲି 'ଆମେ ମୟୂରଭଞ୍ଜିଆ' ପକ୍ଷରୁ ଆୟୋଜିତ ମୟୂରଭଞ୍ଜର ବରପୁତ୍ର ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ଜୟନ୍ତୀ ସମାରୋହ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । ମୟୂରଭଞ୍ଜ ମାଟିରେ ବହୁ ଯୋଗଜନ୍ମା ଜନ୍ମ ନେଇ ଏ ମାଟିକୁ ଗୌରବାନ୍ୱିତ କରିବା ସହିତ ସାରା ବିଶ୍ୱରେ ମୟୂରଭଞ୍ଜର ଅବଦାନ ସମ୍ପର୍କରେ ପରିଚିହ୍ନିତ କରିଛନ୍ତି । ରାଜତନ୍ତ୍ର ସମୟରେ ରାଜ ପୃଷ୍ଠପୋଷକତା ପାଇ ଯେଉଁ ଯୁଗପୁରୁଷମାନେ ସାରା ଭାରତବର୍ଷରେ ଖ୍ୟାତିଲାଭ କରିଛନ୍ତି ତନ୍ମଧ୍ୟରୁ ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍, ସୁସାହିତ୍ୟିକ ଏବଂ ସମାଲୋଚକ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ଅନ୍ୟତମ । ୧୯୬୪ ମସିହାରେ ପଦ୍ମଶ୍ରୀ ଉପାଧିରେ ଭୂଷିତ ଏହି ଅନନ୍ୟ ପ୍ରତିଭାଙ୍କର ଜୟନ୍ତୀ ରେ 'ଆମେ ମୟୂରଭଞ୍ଜିଆ' ପକ୍ଷରୁ ପ୍ରତିବର୍ଷ ପୂଜ୍ୟପୂଜାର ପରମ୍ପରାକୁ ଅବ୍ୟାହତ ରଖା ଯାଇଛି । ଏହି ଅବସରରେ ଦେଉଳସାହିରେ ଥିବା ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିରେ ଆମେ ମୟୂରଭଞ୍ଜିଆ' ସଂଗଠନ ପକ୍ଷରୁ ମାଲ୍ୟାର୍ପଣ କରାଯାଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏଥିରେ ଆମେ ମୟୂରଭଞ୍ଜିଆର ଆବାହକ ସଞ୍ଜୟ କୁମାର ଚୌଧୁରୀ, ଡଃ ଶ୍ୟାମସୁନ୍ଦର ଦାସ, ପରିବେଶ ବିତ୍ ବିବେକାନନ୍ଦ ପଟ୍ଟନାୟକ, କ୍ରୀଡାବିତ୍ କୁମାର ରଞ୍ଜନ ପଣ୍ଡା, ଅଭିନେତା ତାପସ ପାଢୀ, ସମାଜସେବୀ ଚନ୍ଦନ ସେଜପଡା, ସନ୍ଦୀପ ଆଚାର୍ଯ୍ୟ, ଲିଟୁ ବାରିକ୍, ଯାସ ଆଚାର୍ଯ୍ୟ ଓ ଜିତେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ମୟୂରଭଞ୍ଜର ଆରାଧ୍ୟା ଦେବୀ ମା' କିଚକେଶ୍ୱରୀଙ୍କ ମନ୍ଦିର ପୁନଃନିର୍ମାଣ ଠାରୁ ଆରମ୍ଭ କରି ଧ୍ୱଂସାବଶେଷ ଭିତରୁ ହରିପୁର ଗଡର ପୁନରୁଦ୍ଧାର କାର୍ଯ୍ୟ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କର ଅନନ୍ୟ କୃତୀ ଓ କୃତିତ୍ୱ । ଏଥି ସହିତ ଓଡ଼ିଶାର ପ୍ରତ୍ନତାତ୍ତ୍ୱିକ ଇତିହାସକୁ ଉନ୍ମୋଚିତ କରିବାରେ ସେ ପ୍ରଥମ ବ୍ୟକ୍ତି ବୋଲି ଏହି ଜୟନ୍ତୀ ସମାରୋହରେ ମତ ପ୍ରକାଶ ପାଇଥିଲା । ତେବେ କୋଭିଡ ମହାମାରୀ ପାଇଁ ଇହି ଜୟନ୍ତୀ ସମାରୋହକୁ ସୀମିତ ଆୟୋଜନ ମଧ୍ୟରେ କରା ଯାଇଥିବା ବେଳେ ଶିଉଳି ଲଗା ପଦଚିହ୍ନରୁ ଇତିହାସକୁ ଉନ୍ମୋଚିତ କରିବାର ଆବଶ୍ୟକତା ଅଛି ବୋଲି ମତ ପ୍ରକାଶ ପାଇଥିଲା । ଏହି ଅବସରରେ ଆମେ ମୟୂରଭଞ୍ଜିଆ ସଂଗଠନ ପକ୍ଷରୁ ଜିଲ୍ଲାର ଉନ୍ନତି ପାଇଁ ବିଶେଷ ଭାବେ ସଂଗଠନ କାର୍ଯ୍ୟ ଜାରି ରଖିବ ବୋଲି ଶପଥ ନେଇଥିଲା ।

## ଘରେ ଘରେ ଜନ୍ମାଷ୍ଟମୀ ପର୍ବ ପାଳିତ

ପୁରୀ,୩୦/୦୮ (ନି.ପ୍ର): ଭକ୍ତିପୂତ ପରିବେଶ ମଧ୍ୟରେ ଘରେ ଘରେ ପାଳିତ ହୋଇଯାଇଛି ଜନ୍ମାଷ୍ଟମୀ ପର୍ବ । ଦ୍ୱାପର ଯୁଗରେ ଦୁଷ୍କୃତକାରୀଙ୍କ ବିନାଶ, ଧର୍ମ ସଂସ୍ଥାପନ ଓ ସାଧୁଙ୍କ ପରିପାଳନ ପାଇଁ ଭଗବାନ ଧାରଣ କରିଥିଲେ କୃଷ୍ଣାବତାର । ମାତୁଳ କଂସରାଜଙ୍କ କାରାଗାରରେ ଦେବକୀଙ୍କ ଗର୍ଭରୁ ଜନ୍ମ ଲାଭ କରିଥିଲେ ଭଗବାନ ଶ୍ରୀକୃଷ୍ଣ । ଶ୍ରୀକୃଷ୍ଣଙ୍କ ଜନ୍ମତିଥି ଥିଲା ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ । ସେହି ସ୍ମୃତିରେ ହିନ୍ଦୁମାନଙ୍କ ଦ୍ୱାରା ପାଳିତ ହୋଇ ଆସୁଛି ଜନ୍ମାଷ୍ଟମୀ ପର୍ବ । କୋଭିଡ଼ କଟକଣା ମଧ୍ୟରେ ମଠ ଓ ମନ୍ଦିରମାନଙ୍କରେ ଆଡମ୍ବର ସହକାରେ ଏହି ପର୍ବ ପାଳିତ ହୋଇଥିବା ବେଳେ ହିନ୍ଦୁ ଗୃହସ୍ଥମାନେ ଏହି ସାର୍ବଜନୀନ ପର୍ବ ପାଳନ କରିଥିଲେ । ଘରେ ଘରେ ସଂପନ୍ନ ହୋଇଥିଲା ଶ୍ରୀକୃଷ୍ଣଙ୍କ ଜନ୍ମବିଧି । ଖଟୁଲି, ପିଢା ଓ ଦୋଳି କିମ୍ବା ଅନ୍ୟ ଆସନରେ ଭଗବାନ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ସଂସ୍ଥାପିତ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ଶ୍ରୀକୃଷ୍ଣ ବିଗ୍ରହମାନଙ୍କୁ ପଞ୍ଚାମୃତରେ ସ୍ନାନ କରାଇଦିଆଯିବା ସହ ନବବସ୍ତ୍ର ଲାଗି କରାଯାଇଥିଲା । ମୁକୁଟ, ହାର ଓ ପୁଷ୍ପମାଲ୍ୟରେ ସଜ୍ଜିତ ହୋଇଥିଲେ ଶ୍ରୀକୃଷ୍ଣଙ୍କ ବିଗ୍ରହ । ବିଗ୍ରହଙ୍କୁ ଚନ୍ଦନ ଚର୍ଚ୍ଚିତ କରାଯାଇ ଧୂପ ଦୀପ ପ୍ରଦାନ କରାଯାଇଥିଲା । ବିବିଧ ଉପଚାରରେ କରାଯାଇଥିଲା ଭଗବାନ ଶ୍ରୀକୃଷ୍ଣଙ୍କ ପୂଜା । କେତେକ ଗୃହସ୍ଥଙ୍କ ଘରେ ସାମୂହିକ ଭାବେ ଜନ୍ମାଷ୍ଟମୀ ପର୍ବ ପାଳନ କରାଯାଇଥିଲା । ଧୂପଦୀପ ଓ ଝୁଣାଧୂଆଁରେ ମହକରେ ମହକି ଉଠିଥିଲା ଗୃହାଙ୍ଗନ । ଶ୍ରୀକୃଷ୍ଣଙ୍କୁ ନଡିଆ, କଦଳୀ, କାକୁଡି, ଚାଉଳିଆ, ସେଓ ଓ ଅଙ୍ଗୁର ଆଦି ବିଭିନ୍ନ ଫଳମୂଳ ସାଙ୍ଗକୁ ଖଇକୋରା, ରାଶି, ଲଡୁ, ବିଭିନ୍ନ ମିଷ୍ଟାନ୍ନ ଓ ପିଠାପଣା ଭୋଗ କରାଯାଇଥିଲା । ଗୃହିଣୀମାନେ ଉପବାସ କରିବା ସଙ୍ଗେ ସଙ୍ଗେ ସୂଚିମନ୍ତ ହୋଇ ପିଠାପଣା ପ୍ରସ୍ତୁତ କରିଥିଲେ ।

## ଭଦ୍ରକ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ପ୍ରତିଷ୍ଠା ଦିବସ, ଜନ୍ମାଷ୍ଟମୀ ଓ ବଳିଦାନ ଦିବସ ପାଳିତ



ଭଦ୍ରକ,୩୦/୦୮ (ନି.ପ୍ର): ବିଶ୍ୱ ହିନ୍ଦୁ ପରିଷଦ, ଭଦ୍ରକ ନଗର ପକ୍ଷରୁ ୫୭ ତମ ସ୍ଥାପନା ଦିବସ ସହ, ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ଉତ୍ସବ ଏବଂ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଉଦ୍ଦେଶ୍ୟରେ ବଳିଦାନ ଦିବସ ଅନୁଷ୍ଠିତ ହୋଇଯାଇଛି । ଆଜି ଗାନ୍ଧିପଡ଼ିଆ କାର୍ଯ୍ୟାଳୟ ପରିସରରେ କରୋନା କଟକଣା ମଧ୍ୟରେ ସୀମିତ କାର୍ଯ୍ୟକର୍ତ୍ତାଙ୍କୁ ନେଇ ପରିଷଦ ପକ୍ଷରୁ ହୋମ ଯଜ୍ଞ ହେବା ସହ ଜିଲ୍ଲା ସଭାପତି ବିଜୟ ସିହ୍ନାଙ୍କ ଉପସ୍ଥିତରେ ଅନୁଷ୍ଠିତ ବୈଠକରେ ପ୍ରାନ୍ତ ସତସଙ୍ଗ ସହ ପ୍ରମୁଖ ଗୋବିନ୍ଦ ରାଉତ, ସନ୍ଥ ବଟକୃଷ୍ଣ ବାବା ଏବଂ ନଗର ସଭାପତି ପୁନିଲ ସାମନ୍ତ ମଞ୍ଚାସିନ ରହିଥିଲେ । ଶ୍ରୀଯୁକ୍ତ ରାଉତ ଦୀର୍ଘ ସମୟ ଧରି ରାଷ୍ଟ୍ର, ଧର୍ମ, ସଂସ୍କୃତି ସମ୍ବନ୍ଧରେ ଆଲୋଚନା କରିବା ସହ ଜନ୍ମାଷ୍ଟମୀ, ପରିଷଦର ପ୍ରତିଷ୍ଠା ଦିବସ ଏବଂ ବଳିଦାନ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା ସଭାପତି ଶ୍ରୀଯୁକ୍ତ ସିହ୍ନା ଯୁବ ସମାଜକୁ ସଂଗଠିତ ରହି ରାଷ୍ଟ୍ରପ୍ରତି ସମର୍ପଣ ଭାବନା ରଖି କାର୍ଯ୍ୟ କରିବା ପାଇଁ ଆହ୍ୱାନ କରିଥିଲେ । ସାମ୍ପ୍ରତିକ ସ୍ଥିତିକୁ ଅନୁଧ୍ୟାନ କରି ହିନ୍ଦୁ ସମାଜ ମଧ୍ୟରେ ସମାନତା, ଏକତା ଏବଂ ସଚେତନତା ସୃଷ୍ଟି କରିବା ପାଇଁ ବଜରଙ୍ଗ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ସ୍ୱାଧୀନ ସୁନ୍ଦର ଦାସ ପ୍ରକାଶ କରିଥିଲେ । ଏହି ଅବସରରେ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ସିହ୍ନା ନଗର ସମିତିର ୭ ଜଣ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ । କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ଉପ ସଭାପତି ନିରଞ୍ଜନ ସାହୁ, ଧର୍ମ ରକ୍ଷା ପ୍ରମୁଖ ବୃନ୍ଦାବନ ଜେନା, ବରିଷ୍ଠ କାର୍ଯ୍ୟକର୍ତ୍ତା ବିଜୟ ଭୂଷଣ ନାୟକ, ହୃଷିକେଶ ନାଥ, ଶ୍ରୀକାନ୍ତ ଲେଙ୍କା, ନଗର କାର୍ଯ୍ୟକାରୀ ସଭାପତି ଶଙ୍କର୍ଷଣ ଦାସ, ଉପ ସଭାପତି ମହେଶ୍ୱର ବେହେରା ଏବଂ ସୁଶାନ୍ତ ଜେନା, ସମ୍ପାଦକ ଜ୍ୟୋତି ରଞ୍ଜନ ସାହୁ(ବବୁଲୁ), ସହ ସମ୍ପାଦକ ସନ୍ତୋଷ ନାୟକ, ବଜରଙ୍ଗ ଦଳ ନଗର ସଂଯୋଜକ ଦେବାଶିଷ ଗ୍ରହାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କାହ୍ନା ପ୍ରସାଦ ଖୁଣ୍ଟିଆ, ପ୍ରଶାନ୍ତ ମଲ୍ଲିକ, ସୂରଜ ରାମ,ବିକ୍ରମ ମହାପାତ୍ର, ରାହୁଲ ସାହୁ, ଅଶୋକ ମଲ୍ଲିକ, ତାପଜ ସାହୁ, ମାନସ ବାରିକ, ଓଁକାର ମହାନ୍ତି, ସତ୍ୟ ବେହେରା, ସୋଲଜର ମାନସ, ପ୍ରିୟବ୍ରତ ନାୟକ, ଆଲୋକ ବେହେରା, ମୁକେଶ ବାରିକ, ସୂରଜ ଦାସ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସନ୍ଥ ବଟକୃଷ୍ଣ ବାବା ଆଶ୍ରି ବଚନ ପ୍ରଦାନ କରିଥିଲେ ।

## ଜୋର ଧରିଲା ବାଙ୍ଗିରିପୋଷି-ଗୋରୁମହିଷାଣୀ ରେଳପଥ ନିର୍ମାଣ ଦାବି

### ଭଞ୍ଜସେନାର ପଦଯାତ୍ରା ଗୋରୁମହିଷାଣୀ ଷ୍ଟେସନରେ ଉଦ୍‌ଯାପିତ




ବାରିପଦା,୩୦/୦୮ (ନି.ପ୍ର): ସର୍ଭେ ସରିଥିବା ବାଙ୍ଗିରିପୋଷି-ଗୋରୁମହିଷାଣୀ ରେଳପଥ ନିର୍ମାଣ ଦାବୀ ନେଇ ମୟୁରଭଞ୍ଜ ଜିଲ୍ଲାର ଅଗ୍ରଣୀ ଅଣରାଜନୈତିକ ସଂଗଠନ 'ଭଞ୍ଜସେନା' ବାମନଘାଟି ଉପଖଣ୍ଡ ଶାଖା ପକ୍ଷରୁ ଅଗଷ୍ଟ ୨୭ତାରିଖ ଶୁକ୍ରବାର ବାଙ୍ଗିରିପୋଷି ରେଲୱେ ଷ୍ଟେସନରୁ ଆରମ୍ଭ ହୋଇଥିବା ୩ ଦିନିଆ ପଦଯାତ୍ରା ଆଜି ଗୋରୁମହିଷାଣୀ ରେଲୱେ ଷ୍ଟେସନ ଠାରେ ଉଦଯାପିତ ହୋଇ ଯାଇଥିବାର ଜଣାଯାଇଛି । ଏହି ପଦଯାତ୍ରାରେ ଭଞ୍ଜସେନାର କାର୍ଯ୍ୟକାରୀ ଅଧ୍ୟକ୍ଷ ରାକେଶ ସି. ଏସଟି ସେଲ ଅଧ୍ୟକ୍ଷ ବାଜୁନ ହାଁସଦା, ଜିତେନ୍ଦ୍ର ହେମ୍ବ୍ରମ, ରାମକୁଣ୍ଡିଆ ମୁର୍ମୁ, ମନୋରଞ୍ଜନ ବାରିକ, ସ୍ୱାଧୀନ କର, ସଞ୍ଜିବ ଗିରି, ରାଜେସ ବାରିକ, ବିଷ୍ଣୁ ପ୍ରସାଦ ମହାନ୍ତ, ମନୋରଞ୍ଜନ ମହାନ୍ତ, ଆଦର୍ଶ କୁମାର ମାଝି, ଜୀବନ ମୁର୍ମୁ, ଆୟୁଷ୍ମାନ ସୋରେନ, ରଘୁ ଚପେୟାର, ରାମାୟ ହେମ୍ବ୍ରମ, ରବିନ୍ଦ୍ର ମୁର୍ମୁ, ନାଥ ହେମ୍ବ୍ରମ, ଶିବଦାସ ମୁର୍ମୁ, ନିରଞ୍ଜନ ବାସ୍କେ ରାଜେନ ମୁର୍ମୁ, ବାଜୁନ ମୁର୍ମୁ, ଶିବ ଶଙ୍କର ବାରିକ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇ ଥିଲେ । ଆଜି ଅନ୍ତିମ ଦିନରେ ପଦଯାତ୍ରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପଦଯାତ୍ରୀଙ୍କୁ ଉତ୍ସାହିତ କରିଥିବା ବାଙ୍ଗିରିପୋଷିର ବିଭିନ୍ନ ସଂଗଠନ, ବାମନଘାଟି ଉପଖଣ୍ଡର ପ୍ରତ୍ୟେକ ସଂଗଠନର କର୍ମକର୍ତ୍ତା ଏବଂ ସାଧାରଣ ଜନତାଙ୍କୁ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଧନ୍ୟବାଦ ଜଣାଇଛନ୍ତି ଏବଂ ଆଗାମୀ ଦିନରେ ଦାବୀ ପୂରଣ ନହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁରହିବ ବୋଲି ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲା ଉପାଧକ୍ଷ ଶୁଭେନ୍ଦୁ ମହାନ୍ତି, ଅଞ୍ଜନ ବରାଳ, ବରିଷ୍ଠ କର୍ମକର୍ତ୍ତା ମହମ୍ମଦ ଅଲି ଖାନ, ଜିଲ୍ଲା ଉପସଭାପତି ଲକ୍ଷ୍ମଣ ଟୁଡୁ, ବାମନ ଘାଟି ଉପଖଣ୍ଡ ସଭାପତି ସୌମିତ ବଳ, ଜିଲ୍ଲା ସାଧାରଣ ସମ୍ପାଦକ ଇଂ ରମଜାନ ବେଗ, ଉପଖଣ୍ଡ ମୁଖପାତ୍ର ମୋହିତ ବିଶୋଇ, ଚିକୁ ମହାନ୍ତି, ସୁଭମ ପଣ୍ଡା, ଶିବରାଜ ମହାନ୍ତି, ସାଦନା ସର୍ଦ୍ଦାର ପ୍ରମୁଖଙ୍କ ସହିତ ବହୁ ଭଞ୍ଜସେନା କର୍ମୀ ନେତୃତ୍ୱ ନେଇଥିଲେ ।

## 'ଗଜଲ ସଫର'ର ପ୍ରଥମ ଆଭାସି ଆସର

ବାଲେଶ୍ୱର,୩୦/୦୮ (ନି.ପ୍ର): ଗଜଲ ସାହିତ୍ୟର ସମୃଦ୍ଧି ଓ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ନବଗଠିତ 'ଗଜଲ୍‌ର ସଫର' ଅନୁଷ୍ଠାନର ପ୍ରଥମ ଆଭାସି ଆସର ସଭାପତି ଡକ୍ଟର ମହମ୍ମଦ ଆୟୁବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ସାହିତ୍ୟିକ ଓ ପ୍ରଶାସକ ଦେବଦାସ ଛୋଟରାୟ, ବିଶିଷ୍ଟ କବି ଓ ଅନୁବାଦକ ଅମରେଶ ପଟ୍ଟନାୟକ ଏବଂ ବିଶିଷ୍ଟ କଥାଶିଳ୍ପୀ ଓ ପ୍ରଶାସକ ବିଜୟ ନାୟକ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ କଳା ଓ ସାହିତ୍ୟ ଉପରେ କରୋନାର ପ୍ରଭାବ ସତ୍ତ୍ୱେ ଆଭାସି ଦୁନିଆ ବିକଳ୍ପ ଭାବେ ନୂଆ ଆଶାର କରିଣ ହୋଇପାରିଛି ବୋଲି କହିଥିଲେ । ତେବେ ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରୁ ଗଜଲ ଅନ୍ୟତମ ଓ ଅନନ୍ୟ ସ୍ଥାନ ଅଧିକାର କରିପାରିଛି । ଏକ୍ଷେତ୍ରରେ ଓଡ଼ିଆ ସାହିତ୍ୟରେ ଅଧିକରୁ ଅଧିକ ଗଜଲ ରଚନା ସାଙ୍ଗକୁ ଏ ସମ୍ପର୍କରେ ଆଲୋଚନା ଓ ପର୍ଯ୍ୟାଲୋଚନାର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ବରିଷ୍ଠ ଗୀତିକବି ମହମ୍ମଦ ଇନାୟତ ଅଲୀ ଖାଁ 'ଗଜଲର ଉପାଦାନ' ଏବଂପ୍ରାଧ୍ୟାପକ ଅଜୟ କୁମାର ମହାନ୍ତି 'ଓଡ଼ିଆ ସାହିତ୍ୟରେ ଗୀତି କବିତା ଓ ଗଜଲ' ଉପରେ ଆଲୋଚନା କରିଥିଲେ । ସଂଗୀତ ନିର୍ଦ୍ଦେଶକ ଦୁର୍ଗା ମାଧବ ପଣ୍ଡା ଏଥିରେ ସଂଗୀତ ପରିବେଷଣ କରିଥିଲେ । ଏହି ଅବସରରେ ଆୟୋଜିତ ଆୟୋଜିତ ଆସରରେ ସୈୟଦ ନୁର ଇଲାହୀ ନାତିକ ଓ କୃଷ୍ଣ କୁମାର ପ୍ରଜାପତି ଉର୍ଦ୍ଦୁ ଗଜଲ, ମୁବାରକ ହୁସେନ ସଲାମତ ଦ୍ୱିଭାଷୀ ଗଜଲ୍ ଏବଂ ସର୍ବୋଶ୍ରୀ ଅଜୟ କୁମାର ମହାନ୍ତି, କୁଦରତ ଅଲୀ କୁଦରତ, ନିଖିଳେଶ ମିଶ୍ର, ବ୍ୟଙ୍ଗକବି ପଦ୍ମଲୋଚନ ପ୍ରଧାନ, ପ୍ରଣୟ ସୁଧା, ଶ୍ୟାମାନୁଜ ଦାସ, ଯଶୋଧାରା ଦାସ, ବସନ୍ତ କୁମାର ଦାସ, ତାରା ପ୍ରସାଦ ଜେନାଙ୍କ ସମେତ ବହୁ କବି ଓ କବୟିତ୍ରୀ ଯୋଗଦେଇ କବିତା ପାଠ କରିଥିଲେ । କବି ବ୍ରହ୍ମାନନ୍ଦ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରି ଥିଲା ବେଳେ, ଜ୍ୟୋତି ଶଙ୍କର 'ହୟାତ' ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଗୋଟିଏ ଦିନରେ ୬୦୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୩୦/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୬୦୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୦୭୧୧୨ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୯୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୯୧୬୩୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୭୫୨୮ ରହିଛି। ଆଜି ଚିହ୍ନଟ ହୋଇଥିବା ୬୦୯ ଜଣଙ୍କ ମଧ୍ୟରୁ ୩୫୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୫୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୦୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୧ ଜଣ, ବରଗଡ଼ରୁ ୪ ଜଣ, ଭଦ୍ରକରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୯, କଟକରୁ ୭୧, ଦେବଗଡ ଜିଲ୍ଲାରୁ ୧୦ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨୩ ଜଣ, ଗଜପତି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇ ହୋଇଛନ୍ତି । ଗଞ୍ଜାମରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୦ ଜଣ, ଯାଜପୁରରୁ ୩୬ ଜଣ, ଝାରସୁଗୁଡ଼ାରୁ ୩ ଜଣ, କଳାହାଣ୍ଡିରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କନ୍ଧମାଳ ଜିଲ୍ଲାରୁ ୫ ଜଣ. କେନ୍ଦ୍ରାପଡ଼ାରୁ ୧୯ ଜଣ, କେନ୍ଦୁଝରରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ବାଲେଶ୍ୱରରେ ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ




ବାଲେଶ୍ୱର,୩୦/୦୮ (ନି.ପ୍ର): ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଅବସରରେ 'ବିଶ୍ୱହିନ୍ଦୁ ପରିଷଦ'ର ୮୮ତମ ପ୍ରତିଷ୍ଠା ଦିବସ ଏବଂ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ କୋଭିଡ କଟକଣା ମଧ୍ୟରେ ସହରର କୁଇନ କଲ୍ୟାଣ ମଣ୍ଡପ ପରିସରରେ ସୋମବାର ପାଳିତ ହୋଇଯାଇଛି । ଏଥିରେ ଦିବସ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଯଜ୍ଞ ଓ ଭଜନ କୀର୍ତ୍ତନ ସାଙ୍ଗକୁ ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟଧାରା ଓ ଆଭିମୁଖ୍ୟ ସମ୍ପର୍କିତ ସଭାକାର୍ଯ୍ୟ ଆୟୋଜିତ ହୋଇଥିଲା । ହିନ୍ଦୁ ସମାଜକୁ ସଂଗଠିତ ଓ ସଂସ୍କାରିତ କରିବା ପାଇଁ ଅଭିଯାନ ଚଳାଇ ଜୀବନକୁ ଉତ୍ସର୍ଗ କରିଥିବା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଉଦ୍ଦେଶ୍ୟରେ ପରିଷଦର କର୍ମକର୍ତ୍ତା ଓ ସଦସ୍ୟମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବୃହତର ହିନ୍ଦୁ ସମାଜ ଓ ସଂସ୍କୃତି ତଥା ଦେଶର ଅଖଣ୍ଡତା ପ୍ରତି ବଢୁଥିବା ବିପଦ, ସାରା ବିଶ୍ୱର ହିନ୍ଦୁ ସମାଜର କଲ୍ୟାଣ ପାଇଁ ଏଭଳି ସଂଗଠନର ଆବଶ୍ୟକତାକୁ ଉପଲବ୍ଧି କରି 'ବିଶ୍ୱହିନ୍ଦୁ ପରିଷଦ' ଗଠିତ ହୋଇଥିଲା ବୋଲି କର୍ମକର୍ତ୍ତାମାନେ କହିଥିଲେ । କୁସଂସ୍କାର, ଜାତି ପ୍ରଥା, ଅନ୍ଧ ବିଶ୍ୱାସ ପ୍ରଭୃତି ଦୁର୍ବଳତାରୁ ଦୂରେଇ ହିନ୍ଦୁମାନଙ୍କ ମଧ୍ୟରେ ଏକତାର ଭାବ ଜାଗରଣ ସହିତ ବିବିଧ ସେବା କାମ ଜରିଆରେ ଏହି ସଂଗଠନ ସମ୍ପ୍ରତି ସବୁଠି ଆଦୃତ ହୋଇପାରିଥିବା ସେମାନେ ପ୍ରକାଶ କରିଥିଲେ । ବିଶ୍ୱହିନ୍ଦୁ ପରିଷଦର ଜିଲା ସମ୍ପାଦକ ସଞ୍ଜୟ ମହାପାତ୍ର, ଜନ୍ମାଷ୍ଟମୀ କମିଟିର ଅଧ୍ୟକ୍ଷ ତୁଷାରକାନ୍ତି ପଣ୍ଡା, ଜନ୍ମାଷ୍ଟମୀ ସମ୍ପାଦକ ଉମେଶ ଖଣ୍ଡେଲୱାଲ, ଜିଲା ସେବା ପ୍ରମୁଖ ରଜନୀକାନ୍ତ ଶତପଥୀ, ଜିଲା ସତସଙ୍ଗ ପ୍ରମୁଖ ବଳଭଦ୍ର ଶତପଥୀ, ପରିଷଦର ବରିଷ୍ଠ ପଦାଧିକାରୀ ଗୌରୀ ପ୍ରସାଦ ରଥ, ଭଗବାନ ଖଣ୍ଡେଲୱାଲ, ସୁଧାକର ପାଢ଼ୀ, ହେମଲତା ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ସମେତ ବହୁ ସଦସ୍ୟ ଏଥିରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ହିନ୍ଦୁ ନବବର୍ଷ ଅବସରରେ ଭର୍ଚୁଆଲ ମୋଡ଼ରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା ।

# ୩ବର୍ଷ ପରେ ମୁମ୍ବାଇରୁ ଘରକୁ ଫେରିଲେ ବାଲେଶ୍ୱରର ନିରୁଦ୍ଦିଷ୍ଟ ମହିଳା

ବାଲେଶ୍ୱର,୩୦/୦୮ (ନି.ପ୍ର): ତିନି ବର୍ଷ ପୂର୍ବରୁ ବାଲେଶ୍ୱରରୁ ନିରୁଦ୍ଦିଷ୍ଟ ହୋଇଥିବା ମହିଳା ମୁମ୍ବାଇର 'ଶ୍ରଦ୍ଧା ରିହାବିଲିଟେସନ ଫାଉଣ୍ଡେସନ' ଦ୍ୱାରା ଉଦ୍ଧାର ହେବା ପରେ 'ଆମ ବାଲେଶ୍ୱର' ସଂଗଠନ ସହଯୋଗରେ ସୋମବାର ଘରକୁ ଫେରି ଆସିଛନ୍ତି। ମହିଳା ଜଣକ ହେଲେ ସହରର ଗୋପାଳଗାଁ ତଳସାହି ଅଞ୍ଚଳର ସ୍ୱର୍ଗତ ଗୋପାଳ ହାଁସଦାଙ୍କ ପତ୍ନୀ ସଲମା ହାଁସଦା (୫୦) । ସାମାନ୍ୟ ମାନସିକ ଭିନ୍ନକ୍ଷମ ଥାଇ ସଲମା ଗତ ୩ ବର୍ଷ ତଳେ ବାହାନଗା ସ୍ଥିତ ନିଜ ଭାଇ ଘରକୁ ଟ୍ରେନରେ ଯିବା ସମୟରେ ନିରୁଦ୍ଦିଷ୍ଟ ହୋଇ ଯାଇଥିଲେ । ସେ ଭୁଲବଶତଃ ହାୱଡ଼ା ଯାଉଥିବା ଏକ ଟ୍ରେନରେ ଚଢ଼ି ପ୍ରଥମେ ଖଡଗପୁର ଓ ପରେ ସେଠାରୁ ଗୋଟିଏ ପରେ ଗୋଟିଏ ଟ୍ରେନ ବଦଳ କରି ଶେଷରେ ମୁମ୍ବାଇରେ ପହଞ୍ଚ ଯାଇଥିଲେ । ସ୍ପଷ୍ଟ ହିନ୍ଦୀ କହିପାରୁ ନଥିବାରୁ ଘରକୁ ଫେରିବା ତାଙ୍କ ପାଇଁ କଷ୍ଟକର ବ୍ୟାପାର ଥିଲା । ଦୀର୍ଘ ଦିନ ଏଣେ ତେଣେ ଅସହାୟ ବୁଲି ବୁଲି ଜୀବନ ବିତାଇବାକୁ ଲାଗିଥିଲେ ସେ । ତେବେ ମୁମ୍ବାଇରେ ଏଣେତେଣେ ଇତଃସ୍ତତ ଭାବେ ବୁଲୁଥିବା ବେଳେ ଗତ ଜୁଲାଇ ମାସ ୭ ତାରିଖରେ ସ୍ୱେଚ୍ଛାସେବୀ ସଂଗଠନ 'ଶ୍ରଦ୍ଧା ଫାଉଣ୍ଡେସନ' କର୍ମକର୍ତ୍ତାଙ୍କ ନଜର ତାଙ୍କ ଉପରେ ପଡ଼ିଥିଲା । ଫାଉଣ୍ଡେସନ ପକ୍ଷରୁ ତାଙ୍କୁ ଉଦ୍ଧାର କରିବା ସମୟରେ ସଲମା ମାନସିକ ଭିନ୍ନକ୍ଷମ ଥିବା ଲକ୍ଷ୍ୟ କରି କର୍ମକର୍ତ୍ତାମାନେ ତାଙ୍କର ଚିକିତ୍ସା କରାଇଥିଲେ । ଉତ୍ତମ ଚିକିତ୍ସା ସହ ଶ୍ରଦ୍ଧା ଫାଉଣ୍ଡେସନର ସ୍ୱଧାର କେନ୍ଦ୍ରରେ ରହି ସଲମା ସୁସ୍ଥ ହୋଇଥିଲେ । ତେବେ ସ୍ୱଧାର କେନ୍ଦ୍ରରେ ଶ୍ରଦ୍ଧା ଫାଉଣ୍ଡେସନର ଓଡ଼ିଆ କାର୍ଯ୍ୟକର୍ତ୍ତା ଲକ୍ଷ୍ମୀପ୍ରିୟା ବିଷୋୟୀଙ୍କ ସଂସ୍ପର୍ଶରେ ଆସିବା ପରେ ସଲମା ନିଜ ଘର ଓ ପରିବାର ସମ୍ପର୍କରେ କହିଥିଲେ । ସଲମାଙ୍କ ନିକଟରୁ ସୂଚନା ପାଇବା ପରେ ଫାଉଣ୍ଡେସନ ପକ୍ଷରୁ ଅଗଷ୍ଟ ୧୩ ତାରିଖରେ 'ଆମ ବାଲେଶ୍ୱର' ସଂଗଠନ ସହ ଯୋଗାଯୋଗ କରାଯାଇଥିଲା । ସେହି କ୍ରମରେ ଆମ ବାଲେଶ୍ୱର ପକ୍ଷରୁ ସଲମାଙ୍କ ପରିବାରବର୍ଗଙ୍କୁ ଯୋଗଯୋଗ ସହ ଘଟଣାର ସତ୍ୟାସତ୍ୟ ଅନୁଧ୍ୟାନ କରାଯାଇଥିଲା । ସଂଗଠନର କର୍ମକର୍ତ୍ତାଙ୍କ ଅନୁରୋଧ କ୍ରମେ ଶ୍ରଦ୍ଧା ଫାଉଣ୍ଡେସନର ଲକ୍ଷ୍ମୀପ୍ରିୟା ବିଷୋୟୀ ସଲମାଙ୍କୁ ନେଇ ବାଲେଶ୍ୱରରେ ଆସି ପହଞ୍ଚିଥିଲେ । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଷ୍ଟେସନ କ୍ଲବ ପରିସରରେ ସଲମାଙ୍କୁ ସ୍ୱାଗତ ସହ ଲକ୍ଷ୍ମୀପ୍ରିୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଲମାଙ୍କୁ ଉଦ୍ଧାର ଓ ଚିକିତ୍ସା ସମ୍ପର୍କରେ ସୂଚନା ଦେବା ସହ ଆଗାମୀ ଦୁଇ ବର୍ଷ ପର୍ଯ୍ୟନ୍ତ ତାଙ୍କୁ ବିନାମୂଲ୍ୟରେ ସମସ୍ତ ପ୍ରକାର ଔଷଧ ଓ ଚିକିତ୍ସା ସେବା ଶ୍ରଦ୍ଧା ଫାଉଣ୍ଡେସନ ଯୋଗାଇ ଦେବ ବୋଲି ଲକ୍ଷ୍ମୀପ୍ରିୟା କହିଛନ୍ତି । ପରେ ସମାଜସେବୀ ସୁବାସିନୀ ଜେନା, ଭୁବନାନନ୍ଦ ଦାସ, ନିରଞ୍ଜନ ପରିଡ଼ା, ସୁବ୍ରତ କର, ଜନ୍ମେଜୟ ରାଉତ, ଗିରିଜା ଶଙ୍କର ଦାସ, ଶଶାଙ୍କ ଶେଖର ଦତ୍ତ, ଗଙ୍ଗାଧର ଦାସ ପ୍ରମୁଖ 'ଆମ ବାଲେଶ୍ୱର' ସଂଗଠନର କର୍ମକର୍ତ୍ତାମାନେ ସଲମାଙ୍କୁ ନେଇ ଗୋପାଳଗାଁ ତଳସାହିରେ ତାଙ୍କ ଘର ନିକଟରେ ପହଞ୍ଚିଥିଲେ । ସେଠାରେ ସଲମାଙ୍କ ପରିବାରବର୍ଗଙ୍କ ନିକଟରେ ତାଙ୍କୁ ହସ୍ତାନ୍ତରେ କରିଥିଲେ । ତେବେ ଦୀର୍ଘଦିନ ନିଖୋଜ ପରେ ସଲମାଙ୍କର ଗୃହ ପ୍ରତ୍ୟାବର୍ତ୍ତନକୁ ନେଇ ତାଙ୍କ ପରିବାର ତଥା ପଡୋଶୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ମୁମ୍ବାଇର ଶ୍ରଦ୍ଧା ଫାଉଣ୍ଡେସନ ଓ 'ଆମ ବାଲେଶ୍ୱର' ସଂଗଠନର ଏହି ଭଳି ପ୍ରଚେଷ୍ଟାକୁ ସାଧାରଣରେ ଭୂୟସୀ ପ୍ରଶଂସା କରାଯାଇଛି ।

# ଆଜିଠୁ ସର୍ବସାଧାରଣଙ୍କୁ ପୁଣି ଜଗାଦର୍ଶନ ସୁଯୋଗ

ପୁରୀ,୩୦/୦୮ (ନି.ପ୍ର): ଗତ ତିନି ଦିନ ଧରି ଶ୍ରୀମନ୍ଦିରରେ ବନ୍ଦ ରହିଥିବା ସର୍ବସାଧାରଣ ଦର୍ଶନ ଆସନ୍ତାକାଲି ଠାରୁ ପୁନର୍ବାର ଆରମ୍ଭହେବ । ଗତ ଶନିବାର ଓ ରବିବାର ସଟଡ଼ାଉନ୍ ଜନିତ କଟକଣା ଯୋଗୁଁ ଦର୍ଶନର୍ଥୀଙ୍କ ପାଇଁ ଶ୍ରୀମନ୍ଦିର ବନ୍ଦ ଥିଲା । ସୋମବାର ଜନ୍ମାଷ୍ଟମୀତିଥିରେ ଭକ୍ତଙ୍କ ଭିଡ଼କୁ ଆଖିଆଗରେରଖି ଦର୍ଶନର୍ଥୀଙ୍କ ପାଇଁ ଶ୍ରୀମନ୍ଦିର ବନ୍ଦ ରଖିବାକୁ ଶ୍ରୀମନ୍ଦିର ପ୍ରଶାସନ ପୂର୍ବରୁ ନିଷ୍ପତ୍ତି ନେଇଥିଲା । ଦର୍ଶନ ବନ୍ଦ ସମୟରେ ଶ୍ରୀମନ୍ଦିର ପରିସର ଓ ମନ୍ଦିର ଚତୁଃପାର୍ଶ୍ୱକୁ ସାନିଟାଇଜ୍ କରାଯାଇଥିଲା । ଆସନ୍ତା କାଲି ଠାରୁ ପୁଣି ଶ୍ରୀମନ୍ଦିରର ରତ୍ନ ସିଂହାସନରେ ଦର୍ଶନାର୍ଥୀମାନେ ଦାରୁବିଗ୍ରହଙ୍କୁ ଦର୍ଶନ କରିବାର ସୁଯୋଗ ପାଇବେ । ମହାମାରୀ କରୋନା ଜନିତ କଟକଣା ଯୋଗୁ ଗତ ଏପ୍ରିଲ ୨୪ ତାରିଖରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବେଶ ବାରଣ କରାଯାଇଥିଲା । ତେବେ କୋଭିଡ଼ କଟକଣା ମଧ୍ୟରେ ଗତ ୨୩ ତାରିଖରୁ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା । ଦୁଇଡ଼ୋଜ୍ ଟିକା ନେଇଥିବା ପ୍ରମାଣପତ୍ର କିମ୍ବା ୯୬ ଘଣ୍ଟା ଅବଧି ମଧ୍ୟରେ କରୋନା ସଂକ୍ରମିତ ହୋଇନଥିବା ଡ଼ାକ୍ତରୀ ପ୍ରମାଣପତ୍ର ଓ ନିଜ ନିଜର ଆଧାରକାର୍ଡ଼ ଅଥବା ଭୋଟର ପରିଚୟପତ୍ର ଦେଖାଇ ଭକ୍ତମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ ବୋଲି ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଥିଲା । ତେବେ କୌଣସି ଦେବାଦେବୀଙ୍କ ପ୍ରତିମୂର୍ତ୍ତିକୁ ଛୁଇଁବା, ଫୁଲ,ଭୋଗ ଓ ଦୀପ ଶ୍ରୀମନ୍ଦିରକୁ ନେବା ଲାଗି ଦର୍ଶନାର୍ଥୀଙ୍କୁ ବାରଣ କରାଯାଇଥିଲା ।

# ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲାସ୍ତରୀୟ ଆଲୋଚନା ଚକ୍ର

ଧାମନଗର,୩୦/୦୮ (ନି.ପ୍ର): ଓଡିଶାର ସର୍ବପୁରାତନ ସାମ୍ବାଦିକ ସଂଘ ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା ସ୍ତରୀୟ ଆଲୋଚନା ଚକ୍ର ଧାମନଗର ବ୍ଲକ ଅନ୍ତର୍ଗତ ଖଡିପଦା ପଂଚାୟତ କାଂଜିଆପାଳ ମହାପୁରୁଷ ଆଶ୍ରମ ପରିସରରେ ସଂଘର ଜିଲ୍ଲା ସଭାପତି ତଥା ରାଜ୍ୟ ଶୃଙ୍ଖଳା କମିଟି ଅଧ୍ୟକ୍ଷ ରବି ନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଆବାହକ ଅବିନାଶ ପଣ୍ଡା, ଉପସଭାପତି ସୁଧାକର ଦାଶ, ଦିପ୍ତିରଂଜନ ନାୟକ,ରାଜେନ୍ଦ୍ର ଶତପଥି, ଧାମନଗର ବ୍ଲକ ସଭାପତି ଅନନ୍ତ ଜେନା, ବରିଷ୍ଠ ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କା, ଦେବେନ୍ଦ୍ର ଆଦିଆ, ସାଧନ ଧଳ, ଭଗବାନ ସାମଲ, ସେକ୍ ଜାଫର ଅଲ୍ଲୀ, ସୁଶାନ୍ତ କୁମାର ରାଉତ, ସନ୍ତୋଷ ଦାସ,ମାନଗୋବିନ୍ଦ ଜେନା, ବିବେକାନନ୍ଦ ସାମଲ, ଗୌରାଙ୍ଗ ଦାଶ, ସଂଜୀବ ମହାନ୍ତି, ପ୍ରିୟଙ୍କା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ସାମ୍ବାଦିକ ମାନେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର ଦାୟିତ୍ୱ ତୁଲାଇବା ସହ ବିଭିନ୍ନ ଅନ୍ୟାୟ, ଅନୀତି, ଭ୍ରଷ୍ଟାଚାର ଇତ୍ୟାଦି ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବା ସହ ସମାଜକୁ ବିଭିନ୍ନ ଦିଗ୍‌ଦର୍ଶନ ଦେଇଆସୁଛନ୍ତି । ଏ ନେଇ ବହୁ ବାଧା ବିଘ୍ନର ସମ୍ମୁଖୀନ ହେଉଥିବା ସାମ୍ବାଦିକ ମାନଙ୍କର ସୁରକ୍ଷା ଦିଗରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଚଳନ, କର୍ମରତ ସାମ୍ବାଦିକଙ୍କୁ ପାରିଶ୍ରମିକ ସହ ବୟୋଜ୍ୟେଷ୍ଠ ମାନଙ୍କୁ ପେନସନ୍ ପ୍ରଦାନ ପାଇଁ ସରକାରଙ୍କ ଠାରେ ଦାବି କରାଯିବାକୁ ସର୍ବସମ୍ମତ ମତ ପ୍ରକାଶ ପାଇଥିଲା । ସାଧାରଣ ମୃତ୍ୟୁରେ ସାମ୍ବାଦିକ ପରିବାରକୁ ୫ଲକ୍ଷ ଟଙ୍କା ପ୍ରଦାନ ସହ ସ୍ୱାସ୍ଥ୍ୟ ବୀମା ରାଶି ଦ୍ୱିଗୁଣିତ କରିବାକୁ ଆଲୋଚନା ପ୍ରସଙ୍ଗରେ ଦାବି କରାଯାଇଥିଲା । ଏହି ଅବସରରେ ସଂଘ ପକ୍ଷରୁ ଆଶ୍ରମ ଅନ୍ତେବାସୀଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଥିଲା । ଏଥିସହିତ ଆଗାମୀ ଦିନରେ ସଂଘ ପକ୍ଷରୁ ବହୁ ଜନହିତକର କାର୍ଯ୍ୟ କରାଯିବାକୁ ନିଷ୍ପତି ନିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଶ୍ରମ ପରିଚାଳନା କମିଟିର ସମ୍ପାଦକ ସାମ୍ବାଦିକ ମଦନ ମୋହନ ଦାସ, ପୂର୍ବତନ ସମ୍ପାଦକ ଦାମୋଦର ନନ୍ଦ, ସଭ୍ୟ ରବିନ୍ଦ୍ର କୁମାର ପାଣିଗ୍ରାହୀ,ସମାଜସେବୀ ରିତା ମହାନ୍ତି, ମାନସ ରଂଜନ ସାହୁ, ହରିହର ବେହେରା ପ୍ରମୁଖ ଉପସ୍ଥିତ ଥାଇ ସହଯୋଗ କରିଥିଲେ । ଶେଷରେ ଆଶ୍ରମ ପରିଚାଳନା କମିଟିର ସଭ୍ୟ ରାଜକିଶୋର ନନ୍ଦ ଏଭଳି କାର୍ଯ୍ୟକ୍ରମର ପ୍ରଶଂସା କରିବା ସହିତ ଉପସ୍ଥିତ ଥିବା ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ଲୋକକଳା ସଂସ୍କୃତି ସଂଘର ସାଂଗଠନିକ ବୈଠକ

କେନ୍ଦ୍ରାପଡ଼ା,୩୦/୦୮ (ନି.ପ୍ର): ଜିଲ୍ଲା ଲୋକକଳା ସଂସ୍କୃତି ସଂଘର ବୈଠକ ଦୁହୁରିଆ ସ୍ଥିତ ଯଜ୍ଞେଶ୍ୱର ମହାଦେବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା କଳାକାର ମାନଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ଯୋଜନାରେ ଭତା ପାଉନଥିବା ନେଇ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା । କଳାକାର ସଂଘର ଉପ ସଭାପତି ଗଗନ ବିହାରୀ ସିଂହ ଏଥିରେ ଅଧକ୍ଷତା କରିଥିଲେ । ପ୍ରାୟ ଜିଲ୍ଲାର ୨୦୦ କଳାକାର ଏହି ବୈଠକରେ ଉପସ୍ଥିତ ରହି ଆଲୋଚନା କରିଥିଲେ ।

# ଶିଶୁ ସାହିତ୍ୟିକ ହରମୋହନ କୁଅଁରଙ୍କ ୭ଗୋଟି ପୁସ୍ତକ ଉନ୍ମୋଚିତ

ଭଦ୍ରକ,୩୦/୦୮ (ନି.ପ୍ର): ବିଶିଷ୍ଟ ଶିଶୁ ସାହିତ୍ୟକ ହରମୋହନ କୁଅଁରଙ୍କର ଏକ କାଳୀନ ୭ଗୋଟି ପୁସ୍ତକ ଆଜି ଲୋକାର୍ପିତ ହୋଇ ଯାଇଛି । ଏଥି ନିମନ୍ତେ ଭଦ୍ରକ ସାବନବଜାର ସ୍ଥିତ ସାବିତ୍ରୀ ଭବନ ପରିସରରେ ଏକ ସମାରୋହ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଶିଶୁ ସାହିତ୍ୟିକ ମନୀନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଅଧ୍ୟାପକ ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବୈକୁଣ୍ଠ ବିଶ୍ୱାଳ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ । ଉତ୍ସବର ସମ୍ମାନିତ ଅତିଥି ଭାବେ ଡ. ଗୋଲକ ବିହାରୀ ସାହୁ ଏବଂ ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ଇଂ ଅଭୟ ସୂତାର ଯୋଗ ଦେଇଥିଲେ । ବିଜୟ ବହଳୀ ବେଦପାଠ କରିଥିବା ବେଳେ ସାଳନ୍ଦୀ ବହିମେଳାର ସମ୍ପାଦକ ଅଭିଜିତ ନାୟକ ଅତିଥି ପରିଚୟ ଓ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ସାହିତ୍ୟିକ ଶ୍ରୀଯୁକ୍ତ କୁଅଁର ଲେଖକୀୟ ଅଭିବ୍ୟକ୍ତି ରଖିଥିଲେ । ସାମରୋହରେ ଶିଶୁ ପତ୍ରିକା 'କାଇଁଚମାଳି', ଶିଶୁ ଗଳ୍ପ ପୁସ୍ତକ 'ବୈକୁଣ୍ଠ ସମାନ ଆମଘର' ଓ 'ଜେଜେଙ୍କ କାହାଣୀ', ଶିଶୁ କବିତା ପୁସ୍ତକ 'ଫୁଲ ବଉଳବେଣୀ' ଓ 'ଝିଲିମିଲି ତାରାଫୁଲ', ବୌଦ୍ଧିକ କବିତା ପୁସ୍ତକ 'ଋତୁ ରୂପାନ୍ତର' ଓ ରାତିର ରଜନୀଗନ୍ଧା' ପୁସ୍ତକକୁ ଅତିଥିମାନେ ଲୋକାର୍ପିତ କରିଥିଲେ । ଉତ୍ସବରେ ଡ. ରାଜକିଶୋର ସାହୁ, ପଣ୍ଡିତ ଦୈତାରୀ ମହାପାତ୍ର, କରୁଣାକର ବେହୁରିଆ, ରୂପକ ବିହାରୀ ରାୟ, କୈଳାସ ଚନ୍ଦ୍ର ପଣ୍ଡା, ଗୀତାରାଣୀ ଆଇଚ, ରାଧାରାଣୀ ମହାପାତ୍ର, କରୁଣାକର ଉପାଧ୍ୟାୟ, ଅଜିତ ନାୟକ, ବିନୟ କୁମାର ପଣ୍ଡାଙ୍କ ସମେତ ବହୁ ସାହିତ୍ୟିକ, କବି, ପୁସ୍ତକ ଅନୁରାଗୀ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ । କବି ଇଂ ବିଦ୍ୟାଧର ବ୍ରହ୍ମ ଧନ୍ୟବାଦ ଅର୍ପଣ କରିଥିଲେ ।

# ୟୁନିଭର୍ ସିଟି ଟପର୍‌ଙ୍କୁ ଛାତ୍ର କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା



ବସ୍ତା,୩୦/୦୮(ନି.ପ୍ର): ଫକିର ମୋହନ ବିଶ୍ୱବିଦ୍ୟାଳୟର ର ପ୍ରକାଶ ପାଇଥିବା ଯୁକ୍ତ ତିନି ପରୀକ୍ଷା ଫଳ ରେ ବସ୍ତା ମାଟିର ଝିଅ ଭାରତୀ ଗୁପ୍ତା ଜ୍ୟୋଲୋଜି ବିଭାଗ ରେ ସର୍ବାଧିକ ଏକାନବେ ପ୍ରତିଶତ ନମ୍ବର ରଖି ବିଶ୍ୱ ବିଦ୍ୟାଳୟ ଟପ୍ପର ହୋଇଛନ୍ତି ଏହି ଖବର ବସ୍ତା ବାସୀ ଙ୍କ ପାଇଁ ଆନନ୍ଦ ଆଣିଦେଇଛି ଏହି ଖବର ପ୍ରଚାରିତ ହେବା ପରେ ଆଜି କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ଓ ବିଜନ ନାୟକ ଙ୍କ ନିର୍ଦ୍ଦେଶ କ୍ରମେ ଛାତ୍ର କଂଗ୍ରେସ ପକ୍ଷରୁ ପୂର୍ବତନ ଜିଲ୍ଲା ଛାତ୍ର କଂଗ୍ରେସର ପୁର୍ବତନ ସଭାପତି ତଥା ଜିଲ୍ଲା କଂଗ୍ରେସ ସଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନା ଓ ଛାତ୍ର କଂଗ୍ରେସ ନେତା ଦ୍ୟୁତି କୃଷ୍ଣ ଦାସ ମହାପାତ୍ର ଙ୍କ ତତ୍ୱାବଧାନରେ କୁମାରୀ ଗୁପ୍ତା ଙ୍କ ବସ୍ତା ସ୍ଥିତ ବାସଭବନରେ କଂଗ୍ରେସ ନେତା ମାନେ ପହଂଚି ପୁଷ୍ପ ଗୋଛ ଓ ଉତରିୟ ଦେଇ ସମ୍ମାନିତ କରିଥିଲେ ଏହି ସମ୍ବର୍ଧନା ସମୟରେ ବସ୍ତା ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା ଜିଲ୍ଲା କଂଗ୍ରେସ ସମ୍ପାଦିକା ତଥା ପତ୍ର ଝଡା ପଂଚାୟତ ସରପଂଚ ପ୍ରଣତୀ ସାହୁ ସମିତି ସଭ୍ୟ ଏ ଆଇ ଡବ୍ଲୁ ସି ବସ୍ତା ବ୍ଲକ ସଭାପତି ରବିନ୍ଦ୍ର କୁମାର ଦାସ ପୁର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ନାୟକ ବ୍ରହ୍ମଣଦା ପଂଚାୟତ ର ଯୁବ କଂଗ୍ରେସ ସଭାପତି ଶୁଶାନ୍ତ କୁମାର ପରିଡ଼ା କମଲ ଯେନା ପତ୍ର ଝଡା ପଂଚାୟତ ଯୁବ କଂଗ୍ରେସ ସଭାପତି ନାଲୁ ଚରଣ ପୃଷ୍ଟି ତପନ କୁମାର ପାତ୍ର ଙ୍କ ସମେତ ଭାରତୀ ଙ୍କ ପିତା ମହନ ଗୁପ୍ତା ମାତା ନିତା ଗୁପ୍ତା ଙ୍କ ସମେତ ବଡବାପା ଅନୀଲ କୁମାର ଗୁପ୍ତା ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ ।

# ଜିଲ୍ଲାରେ ୧୦୦୦ଟି ମୟୂରଭଞ୍ଜ ଲଭର୍ସ କ୍ଲବ ଗଠନ ଲକ୍ଷ୍ୟ




ବାରିପଦା,୩୦/୦୮ (ନି.ପ୍ର): ମୟୂରଭଞ୍ଜ ରଇତିହାସ, କଳା, ସାହିତ୍ୟ, ଐତିହ୍ୟ, ପର୍ଯ୍ୟଟନ ଓ ଅନାଲୋଚିତ ବିଭବର ପ୍ରଚାର ପ୍ରସାର ନିମନ୍ତେ ଦୀର୍ଘ ବର୍ଷ ଧରି ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଥିବା ମୟୂରଭଞ୍ଜ ମିରର ଗ୍ରୁପ ଦ୍ୱାରା ପରିଚାଳିତ ମୟୂରଭଞ୍ଜ ଲଭର୍ସ ଫେସବୁକ ଗ୍ରୁପ ତିନି ବର୍ଷ ପୂର୍ତ୍ତି ଅବସରରେ ଗ୍ରୁପ ଦ୍ୱାରା ନୂତନ କାର୍ଯ୍ୟପନ୍ଥା ଘୋଷଣା କରାଯାଇଛି । ବର୍ତ୍ତମାନ ସୁଦ୍ଧା ପାଖାପାଖି ୧୫୦୦୦ ସଦସ୍ୟ ଥିବା ଏହି ଗ୍ରୁପ ମୟୂରଭଞ୍ଜ ଜିଲ୍ଲାର କୋଣ ଅନୁକୋଣରେ ୧୦୦୦ଟି ମୟୂରଭଞ୍ଜ ଲଭର୍ସ କ୍ଲବ ଗଠନ ନିମନ୍ତେ ଘୋଷଣା କରିଛି । ଅଗଷ୍ଟ ୨୬ ତାରିଖ ସୁଦ୍ଧା ୨୦୦ ଟି କ୍ଲବ ଗଠନ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ଜିଲ୍ଲାର ସଦର ମହକୁମା ବାରିପଦା, ରାଇରଙ୍ଗପୁର, ଗୋରୁମହିଷାଣୀ, ଝାରପୋଖରିଆ, ବୁଡାମରା, ବଡ଼ସାହି, ଉଦଳା, ଯଶିପୁର, ଟିଙ୍ଗିରିଆ ଠାରେ କ୍ଲବ ଗଠନ ସଂପୂର୍ଣ ହୋଇଥିବା ବେଳେ ଆଗାମୀ ଏକ ବର୍ଷ ମଧ୍ୟରେ ଆଉ ୮୦୦ ଟି କ୍ଲବ ଗଠନ ସଂପୂର୍ଣ ହେବ ବୋଲି ମୟୂରଭଞ୍ଜ ଲଭର୍ସ ମୁଖ୍ୟ କୁମାରେଶ ନାୟକ, ଋଷିରାଜ ପଟ୍ଟନାୟକ, ଭବାନୀ ଶଙ୍କର ମିଶ୍ର, ଅଭିଷେକ ପଟ୍ଟନାୟକ, ସୁଶ୍ରୀ ନାୟକ, ଆଦିତ୍ୟ କୁମାର ନାଏକ, କିଶୋର ମହାନ୍ତି, ଜୟପ୍ରକାଶ ସିଂହ, ସନତ ବାରିକ, ରଞ୍ଜିତ ପଲେଇ, ଲୋକେଶ୍ୱର ଭଞ୍ଜ, ଅଂଶୁମାନ ମିଶ୍ର, ଶ୍ରୁତି ସ୍ୱପ୍ନା, କ୍ରୀଷ୍ଣା ଚନ୍ଦ୍ର ମୁଖୀ, କରୁଣାକର ସୋରେନ, ଅପର୍ଣା ସିଂ, ଭୀମସେନ ଦେ, ପ୍ରୟାସ ମହାପାତ୍ର, ହିମାଂଶୁ ମହାନ୍ତି, ଯଶୋବନ୍ତ ସେନାପତି, ପଙ୍କଜ ନାଏକ ପ୍ରମୁଖ ପ୍ରକାଶ କରିଛନ୍ତି ।

# ପେସାଗ୍ରାମ ସଭା ପକ୍ଷରୁ ଆଜି ୧୨ ଘଂଟିଆ ମୟୂରଭଂଜ ବନ୍ଦ




ବାରିପଦା,୩୦/୦୮ (ନି.ପ୍ର): ଗତ ତା ୦୯,୦୫, ୨୦୨୧ରିଖ ଦିନ ଶିରିପୁର ଗ୍ରାମର ଆଦିବାସୀ ଶ୍ରେଣୀର ଲୋକମାନେ ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ଜାହିରା ପୂଜା ପୀଠରେ ବେଆଇନ ଭାବେ ପ୍ରବେଶ କରି ଦେବାଦେବୀଙ୍କ ପ୍ରତିମୂର୍ତୀ ଗୁଡିକୁ ଭାଙ୍ଗି ଜାଳିପୋଡି ଏବଂ ପୂଜା ସ୍ଥଳରେ ପରିସ୍ରା କରିଥିବା ଅଭିଯୋଗ ଓଡ଼ିଶା ମୁଖ୍ୟ ମନ୍ତ୍ରୀ, ଜିଲ୍ଲାପାଳ ମୟୂରଭଂଜ, ଉପଜିଲ୍ଲାପାଳ କପ୍ତିପଦା ଉଦଳା, ଜିଲ୍ଲାର ସମସ୍ତ ପୋଲିସ ଅଧିକାର ମାନଙ୍କୁ ଦିଆଯାଇଛି । କିନ୍ତୁ ଦୁଃଖର ବିଷୟ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ପୋଲିସ ପ୍ରଶାସନ ଏହି ବିବାଦର ସମାଧାନ ପାଇଁ ତତ୍ପରତା ପ୍ରକାଶ ନକରିବାରୁ ଜିଲ୍ଲାର ସମସ୍ତ ଆଦିବାସୀ ସମାଜ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି ବୋଲି ପେସା ଗ୍ରାମସଭା ପକ୍ଷରୁ ଅଭିଯୋଗ କରାଯାଇଛି । ଜାହିରା ପୂଜା ସ୍ଥଳକୁ ଭାଙ୍ଗିବା, ଜାଳିପୋଡି ଦେବା ଏବଂ ଜାହିରା ସ୍ଥଳରେ ପରିସ୍ରା କରିବା ଦ୍ୱାରା ଅଦିବାସୀ ମାନଙ୍କ ଧର୍ମ ବିଶ୍ୱାସ ପ୍ରତି ଘୋର ଆଘାତ ପହଂଚିଛି ଏବଂ ଏହାଦ୍ୱାରା ଭାରତୀୟ ସମ୍ବିଧାନ ଧାରା ୨୫ ଏବଂ ଧାରା- ୨୬ର ଖୋଲା ଉଲଘନ କରାଯାଇ ଆଦିବାସି ସମାଜକୁ ସମ୍ବିଧାନିକ ମୌଳିକ ଅଧିକାରରୁ ବଂଚିତ କରାଯାଉଥିବାର ଅଭିଯୋଗ କରି ଆଜି ବାରିପଦା ରଘୁନାଥପୁର ଠାରେ ଜିଲ୍ଲା ପେସା ଗ୍ରାମସଭାର କର୍ମକର୍ତା ମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇ ଆସନ୍ତା ଅଗଷ୍ଟ ୩୧ ତାରିଖ ଦିନ ସକାଳ ୬ ଘଟିକା ଠାରୁ ସଂଧ୍ୟା ୬ ଘଟିକା ପର୍ଯ୍ୟନ୍ତ ୧୨ ଘଂଟିଆ ମୟୂରଭଂଜ ବନ୍ଦ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ବିଷୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପେସା ଗ୍ରାମ ସଭାର ସମ୍ପାଦକ ନନାରାମ ମୁର୍ମୁ ଜଣାଇଛନ୍ତି । ଏହି ବୈଠକରେ ପେସା ଗ୍ରାମ ସଭାର ସଭାପତି ପାଣ୍ଡୁରାମ ହେମ୍ବ୍ରମ, ସହ ସମ୍ପାଦକ ସୁରେନ୍ଦ୍ର ସୋରେନ, ପଂଚୁ ଟୁଡୁ, ଦୁର୍ଗାଚରଣ ମାରାଣ୍ଡି ପ୍ରମୁଖଙ୍କ ସହିତ ବିଭିନ୍ନ ବ୍ଲକର ସଂଯୋଜକ ଓ କର୍ମକର୍ତା ମାନେ ଉପସ୍ଥିତ ଥିଲେ ।

# କୋଭିଡ କଟକଣା କୋହଳ ପରେ ପ୍ରଥମ ସାମୂହିକ ଉତ୍ସବ

## ମନ୍ଦିରମାନଙ୍କରେ ଶ୍ରଦ୍ଧା ଓ ଭକ୍ତିର ସହ ପାଳିଲେ ଜନ୍ମାଷ୍ଟମୀ

ବାଲେଶ୍ୱର,୩୦/୦୮ (ନି.ପ୍ର): କୋଭିଡ କଟକଣା କହୋଳ ପରେ ପ୍ରଥମ କରି ସାମୂହିକ ଉତ୍ସବ ଭାବେ ସହର ସମେତ ବାଲେଶ୍ୱର ଜିଲାର ପୁରପଲୀରେ ସୋମବାର ପାଳିତ ହୋଇଛି ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ପବିତ୍ର ଜନ୍ମାଷ୍ଟମୀ । ଏହି ଅବସରରେ ସକାଳଠାରୁ ବିଭିନ୍ନ ମନ୍ଦିରକୁ ଯାଇ ଭକ୍ତମାନେ ଶ୍ରଦ୍ଧା ଓ ଭକ୍ତିର ସହ ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଥିଲା । ବିଶେଷ କରି ରେମୁଣାର କ୍ଷୀରଚୋରା ଗୋପୀନାଥ ମନ୍ଦିର, ଓଟି ରୋଡ଼ର ଲକ୍ଷ୍ମୀନାରାୟଣ ମନ୍ଦିର, ରାଜାବଗିଚାର ରାଧାକୃଷ୍ଣ ମନ୍ଦିର ସମେତ ମୋତିଗଞ୍ଜ, ମଣ୍ଡଳବଜାର ପ୍ରଭୃତି ଅଞ୍ଚଳର ଶ୍ରୀରାଧାକୃଷ୍ଣ ମନ୍ଦିରମାନଙ୍କରେ ଦେବାଦେବୀ ଦର୍ଶନ ସାଙ୍ଗକୁ ପୂଜାର୍ଚ୍ଚନା କରିଥିଲେ । ବ୍ରତଧାରୀମାନେ ଉପବାସ ରହି ନିଷ୍ଠାର ସହ ଭଗବାନ ଶ୍ରୀକୃଷ୍ଣଙ୍କୁ ଉପାସନା କରିଥିଲେ । କେତେକ ମନ୍ଦିରରେ ସଂଧ୍ୟାଠାରୁ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମକାଳୀନ ବିଶେଷ ନୀତିପୂଜା ଆରମ୍ଭ ହୋଇ ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲିଥିଲା । ଭକ୍ତମାନଙ୍କ ସାମୂହିକ ଭଜନ କୀର୍ତ୍ତନରେ ମନ୍ଦିରମାନଙ୍କରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । କରୋନା ସଂକ୍ରମଣ ଯୋଗୁଁ ଦୀର୍ଘ ଦୁଇ ବର୍ଷଧରି ମନ୍ଦିରକୁ ଆସି ପାରିନଥିବା ଭକ୍ତମାନେ ଏଥର ଜନ୍ମାଷ୍ଟମୀ ପୂଜା କରିବାକୁ ଆସି ଅତ୍ୟନ୍ତ ଆନନ୍ଦିତ ବୋଲି କହିଥିଲେ । ଅନ୍ୟପକ୍ଷରେ ମନ୍ଦିରରେ ଭକ୍ତଙ୍କ ଆଗମନକୁ ନେଇ ପୂଜକମାନେ ବେଶ ପ୍ରଫୁଲ ଥିବା ଦେଖିବାକୁ ମିଳିଥିଲା । ତେବେ ମନ୍ଦିର ପରିଚାଳନା କମିଟି ପକ୍ଷରୁ କରୋନା ସଂକ୍ରମଣକୁ ଗୁରୁତ୍ୱ ଦେଇ ସାମାଜିକ ଦୂରତା ବଜାୟ ରଖି ପର୍ଯ୍ୟାୟ କ୍ରମେ ଭକ୍ତମାନଙ୍କୁ ମନ୍ଦିରକୁ ଛାଡିଥିଲେ । ଜନ୍ମଷ୍ଟମୀ ପରଦିନ ନନ୍ଦଉତ୍ସବ ପାଳନର କାର୍ଯ୍ୟକ୍ରମ ରହିଛି ବୋଲି ବିଭିନ୍ନ ଅନୁଷ୍ଠାନ ଓ ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଏଥିରେ ମଧ୍ୟ ଭୋଭିଡ ନିୟମ ମଧ୍ୟରେ ସତର୍କତା ଅବଲମ୍ବନ କରାଯିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo